


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 42 • ISSUE-176 • BHUBANESWAR • SUNDAY • 22 DECEMBER 2024 • PAGE-14 • ₹ 6.00

• ବର୍ଷ-୪୨ • ସଂଖ୍ୟା-୧୭୬ • ଭୁବନେଶ୍ୱର • ରବିବାର • ୨୨ ଡିସେମ୍ବର ୨୦୨୪ • ପୃଷ୍ଠା-୧୪ • ଟ.୬.୦୦ (ସିନ୍ଦୂରା ସହ)





## ରୁଷିଆର ନିଦ ହଜାଇଦେଲା ୟୁକ୍ରେନ

# ବହୁତଳ ପ୍ରାସାଦ ଉପରେ ୯/୧୧ ଭଳି ଆକ୍ରମଣ

ମସ୍କୋ,୨୧।୧୨(ଏଜେନ୍ସି): ୟୁକ୍ରେନ ରୁଷ ଉପରେ ଶନିବାର ଘନ ଘନ ଡ୍ରୋନ ଆକ୍ରମଣ କରିଛି । ୯/୧୧ ନ୍ୟୁୟର୍କ ଆତଙ୍କବାଦୀ ଆକ୍ରମଣ ଭଳି ରୁଷିଆର କାଜାନ ସହରକୁ ନିଶାଣ କରି ୟୁକ୍ରେନ ସେନା ସେଠାକାର ଅନେକ ବହୁତଳ ପ୍ରାସାଦକୁ ଧ୍ୱଂସ କରିଦେଇଛି । ମସ୍କୋଠାରୁ ପ୍ରାୟ ୫୦୦ ମାଇଲ (୮୦୦ କିଲୋମିଟର) ପୂର୍ବରେ ଅବସ୍ଥିତ କାଜାନ ସହରରେ ଅତି କମରେ ୬ଟି ବହୁତଳ ପ୍ରାସାଦକୁ ଟାର୍ଗେଟ କରି ଏକାଧିକ ଡ୍ରୋନ୍ ଦ୍ୱାରା ୟୁକ୍ରେନ ସେନା ଆକ୍ରମଣ କରିଛି । ଏହାକୁ ରୁଷିଆର ସରକାରୀ ନ୍ୟୁଜ୍ ଏଜେନ୍ସି ଟାସ୍ ମଧ୍ୟ ସ୍ୱୀକାର କରିଛି । ଡ୍ରୋନ ଦ୍ୱାରା ବହୁ ଟାୱାର ଉପରେ କରାଯାଇଥିବା ଆକ୍ରମଣର ଭିଡିଓ ସାମ୍ନାକୁ ଆସିଥିଲା ବେଳେ ଏହା ଆମେରିକାରେ ୯/୧୧ ଆତଙ୍କବାଦୀ ଆକ୍ରମଣ ଘଟଣାର ଭ୍ରମ ସୃଷ୍ଟି କରିଛି । ତେବେ ଏହି ଘଟଣାରେ କ୍ଷୟକ୍ଷତି ସମ୍ପର୍କରେ ରୁଷ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ । ଟାସ୍ କହିଛି ଯେ ୮ଟି ଡ୍ରୋନ୍ ମାଧ୍ୟମରେ ବିଭିନ୍ନ ବିଲ୍ଡିଂକୁ ଟାର୍ଗେଟ କରି ଆକ୍ରମଣ କରାଯାଇଛି । ଏହାଦ୍ୱାରା ୬ଟି ସୋସାଇଟିର ଟାୱାର କ୍ଷତିଗ୍ରସ୍ତ ହୋଇଛି । ରୁଷ ସେନା ମାତ୍ର ଗୋଟିଏ ଡ୍ରୋନକୁ ଖସାଇବାକୁ ସକ୍ଷମ ହୋଇଥିଲା ବେଳେ ଅନ୍ୟ ୭ଟି ଡ୍ରୋନ ସେମାନଙ୍କ ଲକ୍ଷ୍ୟସାଧନ କରିବାକୁ ସକ୍ଷମ ହୋଇଥିବା କୁହାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, କମଲାୟେଭା ଆଭେନ୍ୟୁ (ଦୁଇଟି ଡ୍ରୋନ୍), କ୍ଲାରା ସେଟ୍କିନ୍ ଷ୍ଟ୍ରିଟ୍, ୟୁଟାଜିନ୍ସ୍କାୟା ଷ୍ଟ୍ରିଟ୍, ଗଲ୍ଲ ଟାଟାସ୍ ଷ୍ଟ୍ରିଟ୍, କ୍ରାସ୍ନାୟା ଷ୍ଟ୍ରିଟ୍ ଏବଂ ଓରେନବର୍ଗସ୍କିସ୍ଥିତ କିଛି ବହୁତଳ ପ୍ରାସାଦକୁ ୟୁକ୍ରେନ ଟାର୍ଗେଟ କରି ଏଭଳି ଆକ୍ରମଣ କରିଛି । ଏହାଦ୍ୱାରା କାଜାନ ବିମାନବନ୍ଦର ବହୁଳ ଭାବେ ପ୍ରଭାବିତ ହୋଇଛି ବୋଲି ରୁଷ କର୍ତ୍ତୃପକ୍ଷ କହିଛନ୍ତି । ଡ୍ରୋନ ଆକ୍ରମଣ ପରେ ବିମାନ ଚଳାଚଳକୁ ସାମୟିକ ଭାବେ ବନ୍ଦ କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଗତକାଲି ରୁଷିଆ ପକ୍ଷରୁ ୟୁକ୍ରେନ ରାଜଧାନୀ କିଭ୍ ନିକଟସ୍ଥ ବହୁ ଅଞ୍ଚଳରେ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ଦ୍ୱାରା ଆକ୍ରମଣ କରାଯାଇଥିଲା । ଏଠାକାର ବହୁ ଜନଗହଳି ଅଞ୍ଚଳ ଉପରେ ପ୍ରାୟ ୬୦ଟି ଡ୍ରୋନ ଏବଂ ୧୦ଟି କ୍ଷେପଣାସ୍ତ୍ର ମାଡ କରାଯାଇଥିଲା ବେଳେ ଏହି ଘଟଣାରେ ୪ ଜଣଙ୍କର ମୃତ୍ୟୁ ହେବା ସହିତ ପ୍ରାୟ ୨୦ ଜଣ ଆହତ ହୋଇଥିଲେ । ଏହି ଘଟଣାକୁ କିଛି ଘଣ୍ଟା ନ ପୂରୁଣୁ ୟୁକ୍ରେନ ସେନା କାଜାନ ସହର ଉପରେ ଏଭଳି ଆକ୍ରମଣ କରିଛି । ରୁଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଏହି ଯୁଦ୍ଧକୁ ପ୍ରାୟ ଦୁଇ ବର୍ଷ ପୂରିବାକୁ ଯାଉଛି । ଯୁଦ୍ଧ ବନ୍ଦ ଲାଗି ବିଭିନ୍ନ ସ୍ତରରେ ଉଦ୍ୟମ କରାଯାଇ ଆସୁଥିଲେ ହେଁ ଏହା ବନ୍ଦ ହେବା ପରିବର୍ତ୍ତେ ଦିନକୁ ଦିନ ବ୍ୟାପକ ହେବାରେ ଲାଗିଛି ।



**ହଟ୍ ସ୍ପଟ୍**


## ଫସିଗଲେ ବାବା

ବିଭିନ୍ନ ସମୟରେ ମନ୍ତବ୍ୟ ଦେଇ ବିବାଦରେ ରହି ଆସିଛନ୍ତି ବୁଲଡୋଜର ବାବା ରୂପେ ପରିଚିତ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ । ତାଙ୍କୁ ଆଦର୍ଶ ରୂପେ ଗ୍ରହଣ କରି କେତେକ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ବୁଲଡୋଜର ପ୍ରତିଯୋଗିତାର ମଧ୍ୟ ଲାଗିପଡ଼ିଥିଲେ । ଏବେ କଂଗ୍ରେସ ନେତ୍ରୀ ପ୍ରିୟଙ୍କାଙ୍କ ବ୍ୟାଗ୍ ରାଜନୀତି ଉପରେ ମନ୍ତବ୍ୟ ଦେଇ ବାବା ଫସିଯାଇଛନ୍ତି । କଂଗ୍ରେସ ନେତ୍ରୀଙ୍କୁ ଟା।ର୍ଗେଟ କରି ସେ ଏଭଳି ଫସିଯିବେ ବୋଲି ବୋଧେ ଚିନ୍ତା କରି ନଥିଲେ । ସୋମବାର ଦିନ କଥା । ହାତରେ ପାଲେଷ୍ଟାଇନ ଲେଖା ବ୍ୟାଗ୍ ହାତରେ ଝୁଲାଇ ସଂସଦରେ ପହଞ୍ଚିଥିଲେ ପ୍ରିୟଙ୍କା ।



ଏହାକୁ ନେଇ ବିରୋଧୀ ତାଙ୍କୁ ଟାର୍ଗେଟ କଲେ । ସେ ସଫେଇ ଦେଲେ ଯେ ଇସ୍ରାଏଲ ଆକ୍ରମଣର ଶିକାର ପାଲେଷ୍ଟାନବାସୀଙ୍କ ପ୍ରତି ସମର୍ଥନ ଜଣାଇବା ହେଉଛି ତାଙ୍କର ଉଦ୍ଦେଶ୍ୟ । ବାସ୍ ଏତିକିରେ ବାବା ବିଗିଡ଼ିଗଲେ । ପରୋକ୍ଷରେ ଇସ୍ରାଏଲକୁ ସମର୍ଥନ କରି ବାବା କହିଲେ ଯେ ଯେଉଁ ଦେଶ ବିରୋଧରେ ପ୍ରିୟଙ୍କା ଅଭିଯାନ ଚଳାଇଛନ୍ତି ସେହି ଦେଶ ୟୁପିର ୫୬୦୦ ଯୁବକଙ୍କୁ ଚାକିରି ଦେଇଛି । ରଜ୍ୟରୁ ଏହି ଯୁବକ ଯାଇ ସେଠାରେ ରୋଜଗାର କରୁଛନ୍ତି ଏବଂ ମାସକୁ ଦେଢ ଲକ୍ଷ ଟଙ୍କା ଦରମା ପାଉଛନ୍ତି । ବାବାଙ୍କ ମୁହଁରୁ ଏହି କଥା ବାହାରୁ ବାହାରୁ ମଉକା ମିଳିଗଲା ଜୁନିଅର ଗାନ୍ଧୀଙ୍କୁ । କହିଲେ ମୁଖ୍ୟମନ୍ତ୍ରୀଙ୍କୁ ଲାଜ ଲାଗିବା କଥା । ରାଜ୍ୟରେ ପିଲାମାନଙ୍କୁ ଚାକିରି ଦେଇ ପାରୁ ନାହାନ୍ତି । ସେମାନେ ଚାକିରି ପାଇଁ ନିଜ ଜୀବନକୁ ବାଜିରେ ଲଗାଇ ଯୁଦ୍ଧରେ ମାତିଥିବା ଇସ୍ରାଏଲକୁ ଯାଇଛନ୍ତି । ସେଠାରେ ସେମାନେ କିପରି ଅଛନ୍ତି, ସରକାର ଖବର ରଖିଛନ୍ତି କି? ବଙ୍କରରେ ସେମାନଙ୍କ ସମୟ କଟୁଛି, ଖାଇବାକୁ ପାଉଛନ୍ତି କି ଜଣାନାହିଁ । ଏଠି ସେମାନଙ୍କର ବାପା ମାଆ ଚିନ୍ତାରେ । କିନ୍ତୁ ଆମ ବାବା ପିଲାମାନଙ୍କୁ ମୃତ୍ୟୁମୁଖକୁ ଠେଲିଦେଇ ଗର୍ବ କରୁଛନ୍ତି ।

## ଅସନ୍ତୁଷ୍ଟଙ୍କ ଅଭିଶାପ



ମହାରାଷ୍ଟ୍ରରେ ଫଡ଼ନାଭିସ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ହୋଇଥିଲେ ମଧ୍ୟ ମେଣ୍ଟରେ ଅସନ୍ତୋଷ ଥମିବା ଭଳି ଲାଗୁ ନାହିଁ । ଏବେ ଉପମୁଖ୍ୟମନ୍ତ୍ରୀ ହୋଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଶିବସେନା ମୁଖ୍ୟ ଏକନାଥ ସିନ୍ଦେଙ୍କୁ ନେଇ ଝାମେଲା ସରିନଥିବା ବେଳେ ନୂଆ ଝାମେଲା ପଶିଲାଣି । ସଂପ୍ରସାରିତ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇନଥିବାରୁ ଶିବ ସେନା ଏବଂ ଏନ୍‌ସିପି ନେତାମାନେ ଭୀଷଣ କ୍ଷୁବ୍ଧ । ସେନା ନେତା ନରେନ୍ଦ୍ର ଭୋଣ୍ଡେକର ଦଳର ଉପନେତା ପଦରୁ ଇସ୍ତଫା ଦେଇ ସିନ୍ଦେଙ୍କ ବିରୋଧରେ ବିଷୋଦଗାର କରିଛନ୍ତି । କିନ୍ତୁ ତାଙ୍କ ଅସନ୍ତୋଷଠୁ ବଳିଯାଇଛି ଅଜିତ ପାୱାରଙ୍କ ନେତୃତ୍ୱାଧୀନ ଏନସିପି ନେତା ଛଗନ ଭୂଜବଳଙ୍କ ଅସନ୍ତୋଷ । ସେ ଏତେ ମାତ୍ରାରେ କ୍ଷୁବ୍ଧ ଯେ ଅଜିତ ପାୱାର କଣ, ଶାସକ ମହାୟୁତିକୁ ଅଭିଶାପ ଦେବାରେ ପଛାଇ ନାହାନ୍ତି । ରାଜ୍ୟରେ ହେବାକୁ ଯାଉଥିବା ପଞ୍ଚାୟତ/ପୌର ନିର୍ବାଚନରେ ମେଣ୍ଟ ପରାଜିତ ହେବ ବୋଲି ସେ ଅଭିଶାପ ଦେଇଛନ୍ତି । ସେ କହିଛନ୍ତି ଯେ ତାଙ୍କ ଭଳି ଓବିସି ନେତାଙ୍କୁ ଅପମାନିତ କରାଯାଇଥିବାରୁ ମହାୟୁତି ମେଣ୍ଟର ଅବସ୍ଥା ଖରାପ ହେବ । ୧୯୬୦ ଦଶକରେ ଶିବସୈନିକ ରୂପେ ରାଜନୈତିକ ଜୀବନ ଆରମ୍ଭ କରିଥିବା ଭୂଜବଳ ୧୯୯୧ରେ ଶିବସେନା ଛାଡ଼ି କଂଗ୍ରେସରେ ଯୋଗ ଦେଇଥିଲେ । କଂଗ୍ରେସ ବିଭାଜନ ପରେ ସେ ଶରଦ ପାୱାରଙ୍କ ଏନ୍‌ସିପିରେ ମିଶିଥିଲେ । ପୁଣି ଏନ୍‌ସିପି ବିଭାଜନ ପରେ ଅଜିତଙ୍କ ଶିବିରକୁ ପଳାଇଛନ୍ତି ।

## ନିଆଁ ଲଗାଇଲେ ଜୟା



ସଂସଦ ଭବନରେ ଠେଲାପେଲା ନେଇ ରାଜନୀତି ଜୋର ଧରିଛି । ଠେଲାପେଲାରେ ଦୁଇ ଜଣ ସାଂସଦ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ଆଇସିୟୁରେ ରଖି ଚିକିତ୍ସା କରାଯାଉଛି । ସେମାନେ ଅଭିଯୋଗ କରିଛନ୍ତି ଯେ ରାହୁଲ ଗାନ୍ଧୀ ଠେଲିଦେବାରୁ ସେମାନେ ତଳେ ପଡ଼ି ଗୁରୁତର ଆହତ ହୋଇଛନ୍ତି । ଏହାକୁ ନେଇ ପୁଲିସରେ ଅଭିଯୋଗ ହେବାପରେ ରାହୁଲଙ୍କୁ ପଚରାଉଚରା କରିବା ଲାଗି ଦିଲ୍ଲୀ ପୁଲିସ କ୍ରାଇମବ୍ରାଞ୍ଚ ପ୍ରସ୍ତୁତ ହେଉଛି । କିନ୍ତୁ ଠେଲାପେଲା ଘଟଣାରେ ସାଂସଦଙ୍କ ଆହତ ହେବା ଘଟଣାକୁ ଗ୍ରହଣ କରିପାରୁ ନାହାନ୍ତି ଅଭିନେତ୍ରୀ ତଥା ସମାଜବାଦୀ ପାର୍ଟି ରାଜ୍ୟସଭା ସଭ୍ୟା ଜୟା ବଚ୍ଚନ । ବିଭିନ୍ନ ସମୟରେ ରାଜ୍ୟସଭା ଅଧ୍ୟକ୍ଷଙ୍କ ସହ ମୁହାଁମୁହିଁ ହେଉଥିବା ଜୟା କହିଛନ୍ତି କେହି ସାଂସଦ ଆହତ ହୋଇ ନାହାନ୍ତି । ସେମାନେ ଅଭିନୟ କରୁଛନ୍ତି । ଏଥିପାଇଁ ସେମାନଙ୍କୁ ଓସ୍କାର ଆୱାର୍ଡ ମିଳିବା କଥା । ତାଙ୍କର ଏଭଳି ମନ୍ତବ୍ୟ ନେଇ ଏନ୍‌ଡିଏ ନେତାମାନେ ଭୀଷଣ କ୍ଷୁବ୍ଧ । ସେମାନେ କହିଛନ୍ତି ଯେ ଜୟା ଅଭିନୟ ଦୁନିଆରେ ରହିଛନ୍ତି, ତେଣୁ ସବୁ କଥା ତାଙ୍କୁ ଅଭିନୟ ଲାଗୁଛି ।

# ନିର୍ବାଚନ ପୂର୍ବରୁ କେଜ୍ରିୱାଲଙ୍କୁ ବିଜେପିର ପୁଣି ଟାର୍ଗେଟ୍



### କେଜ୍ରିୱାଲଙ୍କ ବିରୋଧରେ ମାମଲା ଆରମ୍ଭ କରିବାକୁ ଇଡିକୁ ଏଲଜିଙ୍କ ଅନୁମତି

ନୂଆଦିଲ୍ଲୀ,୨୧।୧୨(ଏଜେନ୍ସି): ୨୦୨୫ ପ୍ରାରମ୍ଭରେ ଦିଲ୍ଲୀ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ଏଥିପାଇଁ ସବୁ ରାଜନୈତିକ ଦଳ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଏହିକ୍ରମରେ ଶାସକ ଆମ ଆଦମୀ ପାର୍ଟି(ଆପ୍) ପକ୍ଷରୁ ସଭାସମିତି ସମେତ ପ୍ରଚାର ଅଭିଯାନ ମଧ୍ୟ ଆରମ୍ଭ ହୋଇଯାଇଛି । ଏପରିକି ଆପ୍ ଏବଂ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ତାଲିକା ମଧ୍ୟ ଘୋଷଣା କରାଯାଇ ସରିଛି । କିନ୍ତୁ ନିର୍ବାଚନ ପୂର୍ବରୁ ବିଜେପି ଆପ୍‌କୁ ନିଶାଣ କରି ଦିଲ୍ଲୀ ଅବକାରୀ ନୀତି ଘୋଟାଲାକୁ ଆଧାର ପୁଣି ରାଜନୈତିକ ଚାଲ ଚଳାଇବାକୁ ଉଦ୍ୟମ ଆରମ୍ଭ କରିଛି । ବିଧାନସଭା ନିର୍ବାଚନ ପାଇଁ ଆଉ କେଇଟା ଦିନ ବାକି ରହିଥିଲା ବେଳେ ଦିଲ୍ଲୀ ଉପ ରାଜ୍ୟପାଳ ଭି କେ ସାକ୍ସେନା ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ବିରୋଧରେ ପୁଣି ମାମଲା ଚଳାଇବାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ଯେଉଁଳି ଇଙ୍ଗିତ କରିଛନ୍ତି ତାହା ବିଜେପିର ପ୍ରକୃତ ଉଦ୍ଦେଶ୍ୟକୁ ସୂଚାଉଛି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଶୁଣାଣି କରି ସୁପ୍ରିମକୋର୍ଟ ଗତ ନଭେମ୍ବର ମାସରେ ଏକ ବଡ଼ ଟିପ୍ପଣୀ କରିଥିଲେ । ଅର୍ଥ ହେରଫେର ମାମଲାରେ ସରକାରଙ୍କ ବିନା ଅନୁମତିରେ ଜଣେ ରାଜନେତାଙ୍କ ବିରୋଧରେ ମାମଲା ଚାଲିପାରିବ ନାହିଁ ବୋଲି କହିଥିଲେ । ଅପରାଧିକ ଆଇନ ସଂହିତା ଅନୁସାରେ ସିବିଆଇ କିମ୍ବା ଇଡି ଭଳି କେନ୍ଦ୍ରୀୟ ଏଜେନ୍ସି କୌଣସି ରାଜନେତାଙ୍କ ବିରୋଧରେ ମାମଲା ଚଳାଇବାକୁ ହେଲେ ପ୍ରଥମେ ସରକାରଙ୍କ ଅନୁମୋଦନ ଲାଭ କରିବା ଦରକାର ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ । ତେବେ ଅବକାରୀ ନୀତି ଦୁର୍ନୀତି ମାମଲାକୁ ନେଇ ଇଡି କେଜ୍ରିୱାଲ ୧୦୦ କୋଟି ଟଙ୍କା ଲାଞ୍ଚ ନେଇ ଘରୋଇ ଅନୁଷ୍ଠାନକୁ ଲାଭ ଯୋଗାଇଛନ୍ତି ବୋଲି କହିବା ସହିତ ଗତ ୫ ତାରିଖରେ କେଜ୍ରିୱାଲଙ୍କ ବିରୋଧରେ ପୁଣି ମାମଲା କରି ଯାଞ୍ଚ ଆରମ୍ଭ କରିବାକୁ ଦିଲ୍ଲୀ ଉପ ରାଜ୍ୟପାଳ ଭି କେ ସାକ୍ସେନାଙ୍କୁ ଚିଠି ଲେଖିଥିଲା । ଏହି ଚିଠିକୁ ନେଇ ଏବଂ ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ଉପ ରାଜ୍ୟପାଳ ସାକ୍ସେନା କେଜ୍ରିୱାଲଙ୍କ ବିରୋଧରେ ମାମଲା ଆରମ୍ଭ କରିବାକୁ ଶନିବାର ଅନୁମତି ଦେଇଛନ୍ତି । ଯାହାକୁ ନେଇ ରାଜନୈତିକ ମହଲରେ ପୁଣି ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଛି । ୨୦୨୫ ଫେବୃଆରୀରେ ଦିଲ୍ଲୀ ବିଧାନସଭା ନିର୍ବାଚନ ହେବାକୁ ଯାଉଥିଲା ବେଳେ ଏହାର ଠିକ୍ ପୂର୍ବରୁ ଇଡି ପୁଣି କାହିଁକି କେଜ୍ରିୱାଲଙ୍କ ବିରୋଧରେ ମାମଲା ଚଳାଇବାକୁ ସକ୍ରିୟ ହୋଇପଡ଼ିଲା ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି । ଅବକାରୀ ନୀତି ପ୍ରଣୟନରେ ଦୁର୍ନୀତି କରି ପୂର୍ବତନ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ ୧୦୦ କୋଟି ଟଙ୍କା ହେରଫେର କରିଛନ୍ତି ବୋଲି ଅଭିଯୋଗ କରୁଛି । କିନ୍ତୁ ବର୍ତ୍ତମାନ ସୁଦ୍ଧା ଏହି ପରିମାଣର ଅର୍ଥକୁ ଠାବ କରିବାରେ ଇଡି ସକ୍ଷମ ହୋଇନାହିଁ । ତେଣୁ କେଉଁ ଆଧାରରେ ପୁଣି ମାମଲା ରୁଜୁ କରିବାକୁ ଚାହୁଁଛି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ଅନ୍ୟପକ୍ଷରେ କେଜ୍ରିୱାଲ ଚତୁର୍ଥ ଥର ପାଇଁ ଦିଲ୍ଲୀରେ କ୍ଷମତା ଦଖଲ କରିବାକୁ ପ୍ରୟାସ ଆରମ୍ଭ କରିଥିବାରୁ ବିଜେପି ଅନ୍ୟ ପନ୍ଥା ନପାଇ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ଆରମ୍ଭ କରିଥିବା ଆପ୍ ପକ୍ଷରୁ କୁହାଯାଇଛି ।

## ଜର୍ମାନୀରେ ବଜାର ଭିତରେ ଚଢ଼ିଗଲା କାର୍; ୬ ମୃତ

ବର୍ଲିନ୍,୨୧।୧୨(ଏଜେନ୍ସି): ଜର୍ମାନୀର ମାଗଦେବର୍ଗସ୍ଥିତ ଏକ ଜନଗହଳି ବଜାର ଉପରେ ଏକ ଦ୍ରୁତଗାମୀ କାର୍ ଚଢିଯିବାରୁ ୬ ଜଣଙ୍କ ମୃତ୍ୟୁ ହେବା ସହିତ ୨୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଏହି ଘଟଣାରେ ପୁଲିସ କାର୍‌ଚାଳକଙ୍କୁ ଗିରଫ କରିଥିଲା ବେଳେ ସେ ୫୦ ବର୍ଷୀୟ ସାଉଦି ଡାକ୍ତର ତାଲେବ ଏ ବୋଲି ଜଣାପଡ଼ିଛି । ତାଲେବ ୨୦୦୬ରୁ ଜର୍ମାନୀରେ ରହିଆସୁଛନ୍ତି । ଏହି ଘଟଣାକୁ ନେଇ ଏବେ ଜର୍ମାନୀରେ ହଇଚଇ ସୃଷ୍ଟି ହୋଇଛି । ମିଳିଥିବା ଖବର ଅନୁସାରେ ବର୍ଲିନ ଠାରୁ ପ୍ରାୟ ୧୫୦ କିମି ଦୂର ମାଗଦେବର୍ଗ ସହରର ଏକ ଜନଗହଳି ବଜାରେ ଲୋକମାନେ ଖ୍ରୀଷ୍ଟମାସ୍ ପାଇଁ କିଣାକିଣି କରୁଥିଲା ବେଳେ ତାଲେବ ଏକ ବିଏମଡବ୍ଲ୍ୟୁ କାର୍‌ରେ ଅତି ଦ୍ରୁତ ଗତିରେ ଆସିବା ସହିତ ବଜାର ଉପରକୁ ଚଢାଇ ଦେଇଥିଲେ । ଘଟଣାସ୍ଥଳରେ ହିଁ ୬ ଜଣଙ୍କ ମୃତ୍ୟୁ ହୋଇଥିଲା । ଏହାଛଡ଼ା ୨୦୦ରୁ ଅଧିକ ଲୋକ ଆହତ ହୋଇଥିଲେ । ଏହି ଘଟଣାରେ ପୁଲିସ ଡାକ୍ତର ତାଲେବଙ୍କୁ ବନ୍ଧୁକ ମୁନରେ ଗିରଫ କରିବା ସହିତ ତାଙ୍କ ବିରୋଧରେ ଗଣହତ୍ୟା ମାମଲା ରୁଜୁ କରି ଯାଞ୍ଚ ଆରମ୍ଭ କରିଛି । ତେବେ ଏହି ଘଟଣାକୁ ନେଇ ଜର୍ମାନୀ ଏବଂ ସାଉଦି ଆରବ ମଧ୍ୟରେ କୂଟନୈତିକ ବିବାଦ ଆରମ୍ଭ ହୋଇଯାଇଥିବା କୁହାଯାଇଛି ।

## ନେପାଳ ସୀମାରେ ଭୂସ୍ଖଳନ

### ରାସ୍ତାରେ ଅଟକି ରହିଛି ଶହ ଶହ ଗାଡି


ପିଥୋରାଗଡ଼,୨୧।୧୨(ଏଜେନ୍ସି): ଉତ୍ତରାଖଣ୍ଡର ପିଥୋରାଗଡ଼ ଏବଂ ନେପାଳ ସୀମାରେ ଭୟଙ୍କର ଭୂସ୍ଖଳନ ଘଟିବାରୁ ସ୍ଥିତି ଜଟିଳ ହୋଇପଡ଼ିଛି । ଧାରଚୁଲା-ତୱାଘାଟ ଜାତୀୟ ରାଜପଥରେ ଭୂସ୍ଖଳନ ଘଟି ରାସ୍ତାରେ ଶହ ଶହ ଯାନବାହନ ଅଟକି ରହିଛି । ଏହିସବୁ ଗାଡିରେ ଯାଉଥିବା ଯାତ୍ରୀମାନେ ମହାବିପତ୍ତିରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଭୂସ୍ଖଳନ ଏତେ ଭୟଙ୍କର ଥିଲା ଯେ ଚାରିଆଡ଼େ ଆକାଶରେ ଧୂଳିର ଆସ୍ତରଣ ଖେଳିଯାଇଥିଲା । ଶହ ଶହ ଲୋକ ନିଜ ଜୀବନ ବଞ୍ଚାଇବା ପାଇଁ ଏଣେ ତେଣେ ଦୌଡ଼ିବାକୁ ଲାଗିଥିଲେ । ସୌଭାଗ୍ୟବଶତଃ କାହାର କିଛି କ୍ଷତି ହୋଇ ନଥିଲା । ଏହି ଭୂସ୍ଖଳନ ପ୍ରାକୃତକ କାରଣରୁ ନୁହେଁ ବରଂ ମନୁଷ୍ୟକୃତ ଥିଲା ବୋଲି କୁହାଯାଇଛି । ଧାରଚୁଲା-ତୱାଘାଟ ଜାତୀୟ ରାଜପଥରେ କାର୍ଯ୍ୟ କରୁଥିବା ହିଲୱେଜ୍ କମ୍ପାନୀ ଡିନାମାଇଟ୍ ବିସ୍ଫୋରଣ କରି ପଥର ଭାଙ୍ଗୁଥିଲା । ଫଳରେ ପୂରା ଚଟାଣ ଫାଟି ଯିବା ସହ ଭୂସ୍ଖଳନ ଘଟିଥିଲା ବୋଲି କୁହାଯାଇଛି । ତେବେ ପ୍ରକୃତ କାରଣ କ'ଣ ତାହାର ଯାଞ୍ଚ କରାଯାଉଛି ।

## ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଇସ୍ତଫା ଦାବିରେ କଂଗ୍ରେସ ୧୫୦ ସହରରେ ବିକ୍ଷୋଭ କରିବ

ନୂଆଦିଲ୍ଲୀ,୨୧।୧୨(ଏଜେନ୍ସି): ସଂସଦରେ ସମ୍ବିଧାନ ଉପରେ ଆଲୋଚନା ବେଳେ ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ଉପରେ ଅପମାନସୂଚକ ଟିପ୍ପଣୀ କରିବା ପ୍ରସଙ୍ଗରେ କଂଗ୍ରେସ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଘେରିଛି । କଂଗ୍ରେସ ଶ୍ରୀ ଶାହଙ୍କ ଇସ୍ତଫା ଦାବି କରିବା ସହିତ ସେ ତୁରନ୍ତ ଦେଶବାସୀଙ୍କୁ କ୍ଷମାପ୍ରାର୍ଥନା କରନ୍ତୁ ବୋଲି ଦାବି କରିଛି । ଶାହଙ୍କ ବିରୋଧରେ ଆରମ୍ଭ ହୋଇଥିବା ଅଭିଯାନ ଜାରି ରହିବ ଏବଂ ସେ ଇସ୍ତଫା ନ ଦେବା ଯାଏଁ ଦଳ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବ ନାହିଁ ବୋଲି ଦଳ କହିଛି । ଏହିକ୍ରମରେ କଂଗ୍ରେସ ପକ୍ଷରୁ ଆମ୍ବେଦକର ସପ୍ତାହ ପାଳନ କରାଯାଇ ଦେଶର ୧୫୦ ସହରରେ ବିକ୍ଷୋଭ କରାଯିବ ବୋଲି ଶନିବାର ଦଳର ଜଣେ ବରିଷ୍ଠ ନେତା କହିଛନ୍ତି । ଆସନ୍ତାକାଲି ୧୫୦ ସହରରେ ଦଳର ସମସ୍ତ ସାଂସଦ ଏବଂ ବରିଷ୍ଠ ନେତା ସାମ୍ବାଦିକ ସମ୍ମିଳନୀ କରି ଏ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିବେ ବୋଲି ଦଳୀୟ ସାଧାରଣ ସମ୍ପାଦିକ କେ ସି ଭେନୁଗୋପାଳ ସୂଚନା ଦେଇଛନ୍ତି ।

# ଜଷ୍ଟିନ୍ ଟ୍ରୁଡୋଙ୍କ ହାତରୁ ଯିବ କ୍ଷମତା

### ଅନାସ୍ଥା ଆଣିବାକୁ ସହଯୋଗୀ ଏନଡିପି ଦଳର ପଣ



ଟରଣ୍ଟୋ,୨୧।୧୨(ଏଜେନ୍ସି): କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋଙ୍କ ପାଇଁ ରାଜନୈତିକ ସଙ୍କଟ ବଢି ଚାଲିଥିଲା ବେଳେ ଆଗକୁ ମହାସଙ୍କଟ ସୃଷ୍ଟି ହେବାର ଆଶଙ୍କା ବଢ଼ିଛି । ଏପରିକି ଆସନ୍ତାବର୍ଷ ହେବାକୁ ଥିବା ନିର୍ବାଚନ ପୂର୍ବରୁ ଟ୍ରୁଡୋ ତାଙ୍କ ପଦବୀରୁ ବିଦା ହେବାର ଆଶଙ୍କା ଦେଖାଯାଇଛି । କାରଣ ଯେଉଁ ସହଯୋଗୀ ଦଳର ସମର୍ଥନରେ ଟ୍ରୁଡୋଙ୍କ ସରକାର ତିଷ୍ଠି ରହିଛି ସେହି ଦଳ ଏବେ ଟ୍ରୁଡୋଙ୍କ ବିରୋଧରେ ଅନାସ୍ଥା ଆଣିବାକୁ ପଣ କରିଛି । କାନାଡା ସଂସଦରେ ଟ୍ରୁଡୋଙ୍କ ଲିବରାଲ ସରକାରରେ ଜଗମିତ୍ ସିଂଙ୍କ ନିଉ ଡେମୋକ୍ରାଟିକ୍ ପାର୍ଟି (ଏନଡିପି)ର ୨୫ ସାଂସଦଙ୍କ ସମର୍ଥନ ରହିଛି । କିନ୍ତୁ ଜଗମିତ୍ ଏବେ ଟ୍ରୁଡୋ ସରକାରରୁ ନିଜ ସମର୍ଥନ ପ୍ରତ୍ୟାହାର କରିବା ସହିତ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଘୋଷଣା କରିଛନ୍ତି । ଜଗମିତ୍ କହିଛନ୍ତି ଯେ, ଲିବରାଲ୍ ପାର୍ଟିକୁ କିଏ ନେତୃତ୍ୱ ଦେବ ତାହା ଭିନ୍ନ କଥା । କିନ୍ତୁ ଟ୍ରୁଡୋ ସରକାରଙ୍କ ସମୟ ଶେଷ ହୋଇଛି । ଖୁବଶୀଘ୍ର ତାଙ୍କ ବିରୋଧରେ ସଂସଦରେ ଅନାସ୍ଥା ପ୍ରସ୍ତାବ ଅଣାଯିବ । ଜଗମିତ୍‌ଙ୍କ ଏହି ମନ୍ତବ୍ୟ ଟ୍ରୁଡୋଙ୍କ ପାଇଁ ମହାସଙ୍କଟ ସୃଷ୍ଟି କରିବା ସହିତ ବିଗତ ୯ ବର୍ଷ ଧରି କ୍ଷମତାରେ ରହିଥିବା ଥିବା ତାଙ୍କ ସରକାରର ପତନ ପାଇଁ ବାଟ କଢାଇବ । ୨୦୨୫ ମଧ୍ୟଭାଗରେ କାନାଡା ନିର୍ବାଚନ ହେବ । କିନ୍ତୁ ଏହାପୂର୍ବରୁ ଟ୍ରୁଡୋ ନିଜ ପଦବୀରୁ ବିଦା ହେବେ ବୋଲି ଜଗମିତ୍ କହିଛନ୍ତି । ଏଭଳି ସ୍ଥିତି ଆଗାମୀ ନିର୍ବାଚନରେ ଟ୍ରୁଡୋଙ୍କ ଲିବରାଲ ପାର୍ଟି ପାଇଁ ବଡ଼ ସଙ୍କଟ ଆଣିବ ବୋଲି କୁହାଯାଉଛି ।

# ସିନ୍ଦେ ନିରାଶ; ମିଳିଲାନି ଗୃହ ବିଭାଗ

ମୁମ୍ବଇ,୨୧।୧୨(ଏଜେନ୍ସି): ମହାରାଷ୍ଟ୍ରରେ ଦେବେନ୍ଦ୍ର ଫଡ଼ନଭିସ୍ ସରକାର ଶପଥ ନେବାର ପ୍ରାୟ ଦୁଇ ସପ୍ତାହ ପରେ ଶନିବାର ବିଭାଗ ବଣ୍ଟନ ହୋଇଛି । କିନ୍ତୁ ଶିବସେନା ନେତା ତଥା ଉପ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ନିରାଶ ହେବାକୁ ପଡ଼ିଛି । ସରକାର ଗଠନ ହେବା ପୂର୍ବରୁ ତାଙ୍କୁ ଗୃହ ବିଭାଗ ଦେବାକୁ ସିନ୍ଦେ ଜିଦ୍ କରିଥିଲା ବେଳେ ତାଙ୍କୁ ଏହା ମିଳିନାହିଁ । ସିନ୍ଦେଙ୍କୁ ନଗର ଉନ୍ନୟନ, ଗୃହ ନିର୍ମାଣ ଏବଂ ପୂର୍ତ୍ତ ବିଭାଗ ଦାୟିତ୍ୱ ମିଳିଛି । ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନଭିସ୍ ନିଜ ହାତରେ ଗୃହ ବିଭାଗ ସହିତ ଶକ୍ତି ଏବଂ ଆଇନ ବିଭାଗ ରଖିଛନ୍ତି । ସେହିପରି ମହାୟୁତି ମେଣ୍ଟର ଅନ୍ୟତମ ଅଂଶୀଦାର ଏନସିପି(ଅଜିତ) ପ୍ରମୁଖ ତଥା ଉପ ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କୁ ଗୁରୁତ୍ୱପୂର୍ଣ୍ଣ ଅର୍ଥ ବିଭାଗ ଦାୟିତ୍ୱ ମିଳିଛି । ଏହାପୂର୍ବରୁ ଏକନାଥ ସିନ୍ଦେ ସରକାର ସମୟରେ ଦେବେନ୍ଦ୍ରଙ୍କ ହାତରେ ଗୃହ ବିଭାଗ ଏବଂ ଅଜିତଙ୍କ ହାତରେ ଅର୍ଥ ମନ୍ତ୍ରାଳୟ ରହିଥିଲା । ତେବେ ବିଭାଗ ବଣ୍ଟନ ପରେ ସିନ୍ଦେଙ୍କ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ ।



ଉଲ୍ଲେଖଯୋଗ୍ୟ ଯେ, ମହାରାଷ୍ଟ୍ର ନିର୍ବାଚନରେ ମହାୟୁତି ମେଣ୍ଟର ବୃହତ ବିଜୟ ପରେ ବିଜେପି, ଶିବସେନା ଏବଂ ଏନସିପି(ଅଜିତ) ଖୁସିରେ ବିଭୋର ହୋଇଯାଇଥିଲେ । କିନ୍ତୁ ସରକାର ଗଠନ ପାଇଁ ପ୍ରୟାସ ଆରମ୍ଭ ହେବା ପରେ ଏହି ଖୁସି ପାଣି ଫାଟିଯାଇଥିଲା । କାରଣ ଏକନାଥ ସିନ୍ଦେ ପରୋକ୍ଷରେ ମୁଖ୍ୟମନ୍ତ୍ରୀ ଏବଂ ଗୃହ ବିଭାଗ ହାତେଇବାକୁ ଦାବି କରିଥିଲେ । ଏହାକୁ ନେଇ ବେଶ କିଛି ଦିନ ମେଣ୍ଟ ମଧ୍ୟରେ ଦ୍ୱନ୍ଦ୍ୱ ଚାଲିଥିଲା । ଏପରିକି ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ୧୫ ଦିନ ପର୍ଯ୍ୟନ୍ତ ସରକାର ଗଠନ ହୋଇପାରି ନଥିଲା । ତେବେ ବିଭାଗ ବଣ୍ଟନ ପରେ ଏହି ଦ୍ୱନ୍ଦ୍ୱ ହଟିଥିବା କୁହାଯାଉଛି ।

# କୁଏତ୍‌ରେ ମହାଭାରତ-ରାମାୟଣ ଅନୁବାଦକଙ୍କୁ ଭେଟିଲେ ମୋଦୀ



ନୂଆଦିଲ୍ଲୀ,୨୧।୧୨ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇ ଦିନିଆ ଗସ୍ତରେ ଯାଇ ଶନିବାର ଅପରାହ୍ନରେ କୁଏତରେ ପହଞ୍ଚିଛନ୍ତି । କୁଏତ ଅମୀର ଶେଖ ମେସହାଲ ଅଲ-ଅହମ୍ମଦ ଅଲ ଜାବେରଙ୍କ ଆମନ୍ତ୍ରଣକ୍ରମେ ମୋଦୀ ଏହି ଗସ୍ତରେ ଯାଇଥିଲା ବେଳେ ତାଙ୍କୁ କୁଏତ ବିମାନ ବନ୍ଦରରେ ଭବ୍ୟ ସ୍ୱାଗତ କରାଯାଇଛି । ବିଗତ ୪୩ ବର୍ଷ ମଧ୍ୟରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଏହା ପ୍ରଥମ କୁଏତ ଗସ୍ତ । ଶେଷଥର ପାଇଁ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୯୮୧ରେ କୁଏତ ଗସ୍ତ କରିଥିଲେ । ତେବେ ମୋଦୀଙ୍କ ଏହି ଗସ୍ତ ଭାରତ ଏବଂ କୁଏତ ସମ୍ପର୍କକୁ ନୂଆ ରୂପ ଦେବାକୁ ଯାଉଛି ବୋଲି କୁହାଯାଇଛି । ପ୍ରଧାନମନ୍ତ୍ରୀ କୁଏତରେ ପହଞ୍ଚିବା ପରେ ରାମାୟଣ ଏବଂ ମହାଭାରତ କାବ୍ୟକୁ ଆରବୀୟ ଭାଷାରେ ଅନୁବାଦ କରିଥିବା କୁଏତର ଅନୁବାଦକ ଅବଦୁଲ୍ଲା ଅଲ୍ ବରୁନ୍ ଏବଂ ଅବଦୁଲ ଲତିଫ୍ ଅଲନେସେଫ୍‌ଙ୍କୁ ଭେଟି ସେମାନଙ୍କ ସହିତ କିଛି ସମୟ ବିତାଇଥିଲେ । ମୋଦୀ ସେମାନଙ୍କର ଏହି ମହତ୍ କାର୍ଯ୍ୟକୁ ଢେର ପ୍ରଶଂସା କରିଛନ୍ତି । ଏହାସହିତ ୧୦୧ ବର୍ଷୀୟ ଆଇଏଫଏସ୍ ଅଧିକାରୀ ମଙ୍ଗଲ ସେନ୍‌ହାଣ୍ଡାଙ୍କୁ ମଧ୍ୟ ମୋଦୀ ଭେଟିଥିଲେ । ମୋଦୀ କୁଏତ ଆସୁଥିବା ଜାଣି ହାଣ୍ଡାଙ୍କ ନାତୁଣୀ 'ଏକ୍ସ'ରେ ପୋଷ୍ଟ କରିବା ସହିତ ତାଙ୍କ ଜେଜେ ବାପା ମୋଦୀଙ୍କୁ ଭେଟିବାକୁ ଆଗ୍ରହୀ ବୋଲି ଅନୁରୋଧ କରିଥିଲେ ।

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-176 ◆BHUBANESWAR ◆SUNDAY ◆22 DECEMBER 2024 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୧୭୬ ◆ଭୁବନେଶ୍ୱର ◆ରବିବାର ◆୨୨ ଡିସେମ୍ବର ୨୦୨୪ ◆ପୃଷ୍ଠା-୧୪ ◆ଟ.୬.୦୦ (ସିନ୍ଦୂରା ସହ)





**ବଢ଼ିଲା ଜଙ୍ଗଲ**

# ସର୍ବାଧିକ ବନ ସୃଷ୍ଟିରେ ଓଡ଼ିଶା ଦ୍ୱିତୀୟ

■ **ଭୁବନେଶ୍ୱର, ୨୧।୧୨ (ସମିସ):** ବନ ସଂରକ୍ଷଣ ଓ ନୂଆ ଜଙ୍ଗଲ ସୃଷ୍ଟି ପାଇଁ ପୂର୍ବ ସରକାର ନେଇଥିବା ପଦକ୍ଷେପ ପୁଣି ସୁଫଳ ଆଣିଛି। ସର୍ବାଧିକ ନୂତନ ବନାଞ୍ଚଳ ସୃଷ୍ଟିରେ ଓଡ଼ିଶା ସମଗ୍ର ଦେଶରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ସେହିପରି ଗତ ୨ ବର୍ଷ ମଧ୍ୟରେ ସର୍ବାଧିକ ଜଙ୍ଗଲ ଏବଂ ସବୁଜ ବଳୟ ସୃଷ୍ଟି କରିବାରେ ଓଡ଼ିଶା ଦେଶରେ ୪ର୍ଥ ସ୍ଥାନ ଅଧିକାର କରିଛି। ୨୦୨୧ ପରଠାରୁ ରାଜ୍ୟରେ ୫୯୯ ବର୍ଗ କିମି ଜଙ୍ଗଲ ସୃଷ୍ଟି ହୋଇଛି। ବିଜେଡି ସରକାର ଅମଳରେ କ୍ରମାଗତ ଉଦ୍ୟମ ପାଇଁ ପରିବେଶ ସୁରକ୍ଷା ଦିଗରେ ଓଡ଼ିଶା ସମଗ୍ର ଦେଶରେ ନୂଆ ଉଦାହରଣ ସୃଷ୍ଟି କରିପାରିଛି। ଏ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଖୁସି ବ୍ୟକ୍ତ କରିଛନ୍ତି।

**ଖୁସି ବ୍ୟକ୍ତକଲେ ନବୀନ**





ଭାରତ ସରକାରଙ୍କ ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ ପକ୍ଷରୁ ଆଜି ଜାରି ହୋଇଥିବା ଇଣ୍ଡିଆ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ-୨୦୨୩ରେ ଏହି ତଥ୍ୟ ଦିଆଯାଇଛି। କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଏହି ରିପୋର୍ଟ ଉନ୍ମୋଚନ କରିଛନ୍ତି। ସର୍ବାଧିକ ଜଙ୍ଗଲ ସୃଷ୍ଟିରେ ଛତିଶଗଡ଼ ପ୍ରଥମ ସ୍ଥାନ (୬୮୪ ବର୍ଗ କିମି)ରେ ଥିବା ବେଳେ ଉତ୍ତରପ୍ରଦେଶ ଏବଂ ଓଡ଼ିଶାରେ ୫୯୯ ବର୍ଗ କିମି ଜଙ୍ଗଲ ସୃଷ୍ଟି ହୋଇଛି। ସେହିପରି ମଧ୍ୟପ୍ରଦେଶ, କର୍ଣ୍ଣାଟକ, ବିହାର, ନାଗାଲାଣ୍ଡ ଓ ତ୍ରିପୁରାରେ ▶ପୃଷ୍ଠା-୭

**ଚିନ୍ତାରେ ଚାଷୀକୁଳ**

# ଅଣ୍ଟା ଭାଙ୍ଗିଦେଲା ପୌଷ ବର୍ଷା

## ହଜାର ହଜାର ଏକର ଜମି ଜଳମଗ୍ନ ■ ବିଲରେ ବତୁରୁଛି ବର୍ଷକର ପରିଶ୍ରମ

■ **ଭୁବନେଶ୍ୱର, ୨୧।୧୨ (ସମିସ):** ଆଷାଢ଼ରେ ନିଅଣ୍ଟିଆ ବର୍ଷା ପରେ ପୁଷ ମାସରେ ଲଗାଣ ବର୍ଷା ଚାଷୀର ଅଣ୍ଟାକୁ ଭାଙ୍ଗି ଦେଇଛି। ବର୍ଷଯାକର ପରିଶ୍ରମ, ଦାନାପାଣି ବିଲରେ ଭାସୁଥିବା ବେଳେ କ୍ଷତିର ପରିମାଣ ଅକଳନୀୟ ହେବ ବୋଲି ଆଶଙ୍କା ପ୍ରକାଶ ପାଇଲାଣି। ନିକଟରେ ବାତ୍ୟା ଦାନର ପ୍ରଭାବରୁ ଚାଷୀ ଅଣ୍ଟା ସଳଖି ନ ଥିବା ବେଳେ ଅବପାତ ଜନିତ ବର୍ଷା ଚାଷୀଙ୍କ ପାଇଁ କ୍ଷତିକୁ ବହୁଗୁଣା କରିଛି। ବିଶେଷକରି ଉପକୂଳବର୍ତ୍ତୀ ଏବଂ ଉତ୍ତର ଓଡ଼ିଶାର ଜିଲ୍ଲାଗୁଡ଼ିକରେ ବର୍ତ୍ତମାନ ସୁଦ୍ଧା ମଣ୍ଡି ଖୋଲି ନ ଥିବା ବେଳେ ଚାଷୀଙ୍କ ଧାନ ବିଲରେ ପଡ଼ିଛି। କ୍ଷେତ ମଝିରେ ବତୁରା ଧାନକୁ ଦେଖି ଚାଷୀ ମନ କାନ୍ଦୁଥିବା ବେଳେ ଚାଷ ପାଇଁ କରିଥିବା ଧାର, କରଜ ଏବେ କେମିତି ଶୁଝାଯିବ ସେନେଇ ଚାଷୀଟିଏ କୂଳ କିନାରା ପାଉନାହିଁ। ନେଇ ୨ ଦିନ ଧରି ଧାନ ବିଲରେ ଭିଜୁଥିବା ବେଳେ ଧାନ ଗଜା ହେବା ନେଇ ଆଶଙ୍କା ପ୍ରକାଶ ପାଇଲାଣି। ସେହିପରି ଅଧିକାଂଶ ଧାନର ମୂଳ ରଙ୍ଗ ମଧ୍ୟ ପରିବର୍ତ୍ତନ ହୋଇଯିବ। ଏପରିସ୍ଥଳେ ଆମେ ଏଫଏକ୍ୟୁ ମାନ ▶ପୃଷ୍ଠା-୭



**ଏଫଏକ୍ୟୁ ସର୍ତ୍ତ 'ବେଡ଼ି ଉପରେ କୋରଡ଼ା'**

**ଅନ୍ନଦାତାଙ୍କୁ ବଞ୍ଚାନ୍ତୁ ସରକାର: ବିଜେଡି**

**୨-୪ ଟା ଖରାରେ ଧାନ ଶୁଖିଯିବ: ମନ୍ତ୍ରୀ**

## ଆଜି ବର୍ଷାରେ ଲାଗିବ ବିରାମ

■ **ଭୁବନେଶ୍ୱର,୨୧।୧୨(ସମିସ):** ବଙ୍ଗୋପସାଗରରେ ସୃଷ୍ଟ ଅବପାତ ପ୍ରଭାବରେ ଶୁକ୍ରବାରଠାରୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗିରହିଛି। ଶୁକ୍ରବାର ମଧ୍ୟାହ୍ନଠାରୁ ଶନିବାର ସନ୍ଧ୍ୟା ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ଲଗାଣ ବର୍ଷା ହୋଇଥିବା ବେଳେ ସ୍ଥାନେସ୍ଥାନେ ପ୍ରବଳ ବର୍ଷା ମଧ୍ୟ ହୋଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତିଙ୍କ ଅନୁଯାୟୀ ରବିବାରଠାରୁ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷାର ପରିମାଣ ଅନେକାଂଶରେ କମିଯିବ। ତେବେ ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ, ମାଲକାନଗିରି ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ହାଲୁକା ବର୍ଷା ହେବାର ▶ପୃଷ୍ଠା-୭

**୨୭ ବେଳକୁ ପୁଣି ଏକ ଘୂର୍ଣ୍ଣିବଳୟ !**

# ସିସିଟିଭି, ଭିଡିଓ ଫୁଟେଜ୍ ତନଖି ଉପରେ ରୋକ୍

## ନିର୍ବାଚନ ସ୍ୱଚ୍ଛତାକୁ ନେଇ ପୁଣି ଉଠିଲା ପ୍ରଶ୍ନ

■ **ନୂଆଦିଲ୍ଲୀ, ୨୧।୧୨ (ଏଜେନ୍ସି) :** ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ ରଖିବା ଲାଗି ନିର୍ବାଚନ କମିସନ ପକ୍ଷରୁ ସିସିଟିଭି କ୍ୟାମେରା ଏବଂ ଭିଡିଓ ରେକର୍ଡିଂ କରାଯାଏ। ଆବଶ୍ୟକ ପଡ଼ିଲେ ସାଧାରଣ ଲୋକେ ମଧ୍ୟ ଏହାର ଯାଞ୍ଚ କରିପାରିବେ ବୋଲି ନିୟମ ରହିଛି। କିନ୍ତୁ ନିର୍ବାଚନ କମିଶନଙ୍କ ସୁପାରିସ କ୍ରମେ କେନ୍ଦ୍ର ସରକାର ଏହି ନିୟମରେ ପରିବର୍ତ୍ତନ କରିଛନ୍ତି। ଦସ୍ତାବିଜ ଓ ଭିଡିଓ ଫୁଟେଜ୍ ସାର୍ବଜନୀନ କରିବାକୁ ବାରଣ କରାଯାଇଛି। ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନକୁ ନେଇ ବିରୋଧୀ ଦଳ ପକ୍ଷରୁ ଅଭିଯୋଗ କରାଯାଉଥିବା ବେଳେ କେନ୍ଦ୍ର ସରକାରଙ୍କର ଏଭଳି ପଦକ୍ଷେପକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ▶ପୃଷ୍ଠା-୭



**ସାଧାରଣ ଜନତାକୁ ଆଉ ମିଳିବନି ତଥ୍ୟ**

**ବିରୋଧୀଙ୍କ ପ୍ରଶ୍ନ 'ଡର କାହାକୁ'**


DSPL-265

ସତ୍ୟମେବ ଜୟତେ
Goverment Of India



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ପି.ଏମ୍ କିଷାନ
ଯୋଜନାର ସ୍ୱତନ୍ତ୍ର ଅଭିଯାନ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଗ୍ରାମାଞ୍ଚଳ ଓ ସହରାଞ୍ଚଳ ସମସ୍ତ ବର୍ଗର ଭୂମିଧାରୀ (କ୍ଷୁଦ୍ର, ନାମମାତ୍ର, ମଧ୍ୟମ ଓ ବୃହତ) ଚାଷୀ ଏହି ପ୍ରକ୍ରିୟାରେ ସାମିଲ ହେବେ

ପିଏମ କିଷାନରେ ପଞ୍ଜିକୃତ ଥାଇ ମଧ ସହାୟତା ରାଶି ପାଇପାରୁନଥିବା ହିତାଧିକାରୀ ନିମ୍ନଲିଖିତ ପ୍ରକ୍ରିୟାଗୁଡ଼ିକୁ ସମ୍ପୂର୍ଣ୍ଣ କରିବାକୁ ଅନୁରୋଧ:-

ପି.ଏମ୍.କିଷାନ
ଯୋଜନାର ସ୍ୱତନ୍ତ୍ର ଅଭିଯାନର ଅବଧି
୩୧.୧୨.୨୦୨୪
ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

* ନିଜର ବ୍ୟାଙ୍କ ଆକାଉଣ୍ଟ ସହିତ NPCI ଅଧୀନରେ ଆଧାର ଲିଙ୍କ୍ କରନ୍ତୁ
* ନିଜର ଜମିଜମା ସମ୍ବନ୍ଧୀୟ ତଥ୍ୟ କୃଷକ ଓଡିଶା ପୋର୍ଟାଲରେ ଅପଡେଟ କରନ୍ତୁ
* ପି.ଏମ କିଷାନ ପୋର୍ଟାଲ (pmkisan.gov.in)ରେ ନିଜର e-KYC ସମ୍ପୂର୍ଣ୍ଣ କରନ୍ତୁ



OIPR-01510/13/0025/2425

*ଯୋଗ୍ୟ ହିତାଧିକାରୀ ନିକଟସ୍ଥ ଜନସେବା କେନ୍ଦ୍ରକୁ ଯାଇ ସି.ଏମ କିଷାନ ପୋର୍ଟାଲ (cmkisan.odisha.gov.in)ରେ ପଞ୍ଜିକରଣ କରନ୍ତୁ।

ଅଧିକ ସୂଚନା ପାଇଁ ନିକଟସ୍ଥ
କୃଷି କାର୍ଯ୍ୟାଳୟ/ଜନସେବା କେନ୍ଦ୍ର/କୃଷି ସମୃଦ୍ଧି ହେଲ୍ପଲାଇନ୍
ନମ୍ବର - ୧୫୫୩୩୩ରେ ଯୋଗାଯୋଗ କରନ୍ତୁ

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

# ଗୁଣାତ୍ମକ ଶିକ୍ଷା ବିନା ଦେଶ ଆଗକୁ ବଢ଼ିପାରିବନି: ନବୀନ

**ଭୁବନେଶ୍ୱର, ୨୧।୧୨ (ସମିସ):** ଗୁଣାତ୍ମକ ଶିକ୍ଷାକୁ ବାଦ୍ ଦେଇ କୌଣସି ଦେଶ ବିକାଶ ପଥରେ ଅଗ୍ରସର ହୋଇପାରିବ ନାହିଁ। ଉତ୍ତମ ଏବଂ ମୂଲ୍ୟବୋଧ ଭିତ୍ତିକ ଶିକ୍ଷାଦାନ ଉପରେ ଆମେ ଗୁରୁତ୍ୱ ଦେବା ଆବଶ୍ୟକ। ତେବେ ଯାଇ ଆମ ଦେଶ ବିକାଶର ନୂଆ ଶିଖର ଛୁଇଁପାରିବ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି। ଆଜି ଏଠାରେ ଆୟୋଜିତ ୬ଷ୍ଠ ଡିଏଭି ୟୁନାଇଟେଡ୍ ଫେଷ୍ଟିଭାଲ୍‌ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ନିଜର ୧୩୮ ବର୍ଷର ଯାତ୍ରା ମଧ୍ୟରେ ଡିଏଭି ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ ଗୁଣାତ୍ମକ ଶିକ୍ଷାଦାନ କ୍ଷେତ୍ରରେ ଅନେକ ଉପଲବ୍ଧି ହାସଲ କରିପାରିଛି। ଏଠାରୁ ଶିକ୍ଷା ଲାଭ କରିଥିବା ଅନେକ ଛାତ୍ରଛାତ୍ରୀ ଏବେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିପାରୁଛନ୍ତି। ଡିଏଭି ଅଭିଯାନର ଜନକ ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ଲାଲା ଲଜପତ୍ ରାୟ ଏବଂ ମହାତ୍ମା ହଂସରାଜଙ୍କୁ ମୋର ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ଏକ ସକାରାତ୍ମକ ଆଭିମୁଖ୍ୟ ନେଇ ଏହି ଅନୁଷ୍ଠାନ ଆଗକୁ ଅନେକ ସଫଳତା ହାସଲ କରିପାରିବ ବୋଲି ମୋର ବିଶ୍ୱାସ। ଏପରି ଏକ ବିଶାଳ କାର୍ଯ୍ୟକ୍ରମ ଦ୍ୱାରା ଆମର ପିଲାମାନଙ୍କୁ ନିଜ ପ୍ରତିଭା ପ୍ରଦର୍ଶନ କରିବା ପାଇଁ ସୁଯୋଗ ମିଳୁଛି। ଏଥିପାଇଁ ଆୟୋଜକମାନଙ୍କୁ ହୃଦୟରୁ ଅଭିନନ୍ଦନ ଜଣାଉଛି ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ଏହି ଅବସରରେ ଡିଏଭି ସିଏମ୍‌ସିର ସଭାପତି ପଦ୍ମଶ୍ରୀ ପୁନମ ସୁରୀ, ଆଞ୍ଚଳିକ ନିର୍ଦ୍ଦେଶକ ଡଃ କେଶବ ଚନ୍ଦ୍ର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।



## ନବୀନଙ୍କୁ ପାଇ ଛାତ୍ରଛାତ୍ରୀ, ଅଭିଭାବକ ଆତ୍ମବିଭୋର

**ଭୁବନେଶ୍ୱର,୨୧।୧୨(ସମିସ):** ନବୀନ ପଟ୍ଟନାୟକ ଆଉ ମୁଖ୍ୟମନ୍ତ୍ରୀ ନାହାନ୍ତି ସତ; କିନ୍ତୁ ମଳିନ ପଡିନାହିଁ ତାଙ୍କ ଲୋକପ୍ରିୟତା, କମିନାହିଁ କ୍ରେଜ୍। ଝୁରୁଛନ୍ତି ଓଡ଼ିଶାର ଆବାଳ-ବୃଦ୍ଧ-ବନିତା। ତାଙ୍କର ଗୋଟିଏ ଝଲକ ପାଇବା ପାଇଁ ନାହିଁ ନଥିବା ଭିଡ଼ ଲାଗୁଛି। ଜଣେ ରାଷ୍ଟ୍ରନେତାର ପରିଚୟ ପାଇଥିବା ନବୀନଙ୍କ ପାଇଁ ଏହା ହେଉଛି ଶ୍ରେଷ୍ଠ ଉପହାର। ଆଜି ଏହାର ଆଉ ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭୁବନେଶ୍ୱରରେ।

ସ୍ଥାନୀୟ ରେଳବାଇ ପଡିଆରେ ଅନୁଷ୍ଠିତ ୬ଷ୍ଠ ଡିଏଭି ୟୁନାଇଟେଡ୍ ଫେଷ୍ଟିଭାଲ୍‌ରେ ଯୋଗଦେବା ପାଇଁ ପହଞ୍ଚିଥିଲେ ନବୀନ। ସମ୍ମିଳନୀ ପରିସରରେ ଉପସ୍ଥିତ ଥିଲେ ହଜାର ହଜାର ସଂଖ୍ୟକ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ନିମନ୍ତ୍ରିତ ଅତିଥି। ଶ୍ରୀ ପଟ୍ଟନାୟକ ସେଠାରେ ପହଞ୍ଚିବା କ୍ଷଣି ନବୀନ ପଟ୍ଟନାୟକ ଜିନ୍ଦାବାଦ ଧ୍ୱନିରେ ପୂରା ପରିବେଶ ପ୍ରକମ୍ପିତ ହୋଇଥିଲା। ନବୀନଙ୍କୁ ପାଖରେ ଦେଖି ଅନେକ ମହିଳାଙ୍କ ଆଖିରୁ ଲୋତକ ଧାର ଝରି ଆସୁଥିବା ଦେଖାଯାଇଥିଲା। ପାଖରେ ଦେଖି ସମସ୍ତେ ବିଭୋର ହୋଇଉଠିଥିଲେ। ନବୀନ ଆଜି ମୁଖ୍ୟମନ୍ତ୍ରୀ ନଥିଲେ ସୁଦ୍ଧା ତାଙ୍କୁ ନିକଟରୁ ଥରୁଟିଏ ଦେଖିବା ଆମ ପାଇଁ ବହୁତ ବଡ଼ ସୌଭାଗ୍ୟ ବୋଲି ସେମାନେ ନିଜ ପ୍ରତିକ୍ରିୟାରେ କହିଥିଲେ।

କେବଳ ପୁରୁଷ କି ମହିଳା ନୁହେଁ; କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ମଧ୍ୟ ଖୁସିରେ ଆତ୍ମହରା ହୋଇଯାଉଥିବା ଦେଖାଯାଇଥିଲା। ସଭାସ୍ଥଳକୁ ଚାଲି ଚାଲି ଯାଉଥିବା ସମୟରେ ନବୀନ ମଧ୍ୟ ନିଜ ସ୍ୱଭାବ ସୁଲଭ ଢଙ୍ଗରେ ହାତ ଯୋଡ଼ି ସମସ୍ତଙ୍କୁ ଅଭିବାଦନ ଜଣାଉଥିଲେ। ସଭା ମଞ୍ଚରେ ଛାତ୍ରଛାତ୍ରୀମାନେ ନବୀନଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇଥିଲେ। ନବୀନ ମଧ୍ୟ ସେମାନଙ୍କୁ ପାଖକୁ ନେଇ ବେଶ୍ ଖୁସିରେ ଫଟୋ ଉଠାଇଥିଲେ। ଗୋଟିଏ ପରେ ଗୋଟିଏ ଗ୍ରୁପ୍ ଆସି ନବୀନଙ୍କ ସହ ଫଟୋ ଉଠାଉଥିବା ଦେଖାଯାଇଥିଲା।

## ଜାନୁଆରୀରେ 'ସୁଭଦ୍ରା' ଚତୁର୍ଥ କିସ୍ତି

**ଭୁବନେଶ୍ୱର, ୨୧।୧୨(ସମିସ):** ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ 'ସୁଭଦ୍ରା' ଟଙ୍କା ଆସନ୍ତା ଜାନୁଆରୀ ମାସରେ ହିତାଧିକାରୀଙ୍କୁ ବଣ୍ଟନ କରାଯିବ। ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ଏହି ପର୍ଯ୍ୟାୟରେ ୨୦ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା ମିଳିବ। ମାଲକାନଗିରି ବଣ୍ଡାଘାଟି ଅଞ୍ଚଳରେ ୧୨ ହଜାରରୁ ଅଧିକ ମହିଳା ସୁଭଦ୍ରା ପାଇଁ ଆବେଦନ କରିଛନ୍ତି। ଏଠାରେ ୯ ହଜାର ମହିଳା ପ୍ରଥମ କିସ୍ତି ପାଇଛନ୍ତି। ୩ ହଜାର ମହିଳା ଏଯାଏଁ ପାଇ ନାହାନ୍ତି। ଯେଉଁ ସବୁ ପ୍ରତିବନ୍ଧକ ଥିଲା, ତା'ର ସମାଧାନ କରାଯାଇଛି। ଏଠାରେ ପାନୀୟ ଜଳ ଓ ସ୍କୁଲ୍ ଓ ଇଣ୍ଟରନେଟ୍ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସେ କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି, ଯୋଜନାରୁ ବଞ୍ଚିତ ହୋଇଥିବା ମହିଳାଙ୍କ ଆବେଦନପତ୍ର ଯାଞ୍ଚ ଚାଲିଛି। ଇ-କେୱାଇସି ଯାଞ୍ଚ କାର୍ଯ୍ୟ ସରିବା ପରେ ବାଦ୍ ପଡ଼ିଥିବା ଆବେଦନକାରୀ ଏବଂ ଅବଶିଷ୍ଟ ହିତାଧିକାରୀଙ୍କୁ ପ୍ରଥମ କିସ୍ତିର ଶେଷ ପର୍ଯ୍ୟାୟ ଅର୍ଥରାଶି ପ୍ରଦାନ କରାଯିବ। ୩୦ ତାରିଖ ସୁଦ୍ଧା ସବୁ ଆବେଦନପତ୍ର ଯାଞ୍ଚ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ସମସ୍ତ ପ୍ରକାର ଯାଞ୍ଚ ପରେ ଜାନୁଆରୀରେ ପ୍ରଥମ କିସ୍ତିର ଶେଷ ପର୍ଯ୍ୟାୟ ଦିଆଯିବ ବୋଲି ଆଶା ରହିଛି।

### ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀଙ୍କ ଦୁର୍ଦ୍ଦଶା

## ୨ ମାସରେ ଗଲାଣି ୬ ଜୀବନ

**ଭୁବନେଶ୍ୱର,୨୧।୧୨(ସମିସ):** ଦୀର୍ଘ ୧୮ ବର୍ଷ ଧରି ଓଡ଼ିଶାର ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସମସ୍ୟା କଥା ବୁଝୁଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀମାନଙ୍କ ଦୁଃଖ ବୁଝିବାକୁ ଯେମିତି କେହି ନାହିଁ। ସରକାରଙ୍କ ବିଭିନ୍ନ ଯୋଜନାକୁ ସଠିକ ଭାବେ କାର୍ଯ୍ୟକାରୀ କରି ଓଡ଼ିଶାକୁ ଜାତୀୟ ସ୍ତରରେ ପ୍ରଶଂସିତ କରାଇବା ସହିତ ଅନେକ ବାର ପୁରସ୍କୃତ କରାଇଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟରତ କର୍ମଚାରୀ କିନ୍ତୁ ବ୍ୟାପକ ଅବହେଳା, ଅବିଚାରର ଶିକାର ହେଉଛନ୍ତି। ଲୋକଙ୍କ ସେବା କରୁକରୁ ଗତ ୨ ମାସରେ ୬ ଜଣଙ୍କ ଜୀବନ ଦୀପ ଅଦିନରେ ଲିଭି ଗଲାଣି। ମାତ୍ର ଏମାନଙ୍କ ପ୍ରତି କେହି ଆହା ପଦେ ନକହିବା ଏଥିରେ ନିୟୋଜିତ କର୍ମଚାରୀମାନଙ୍କୁ ନିରାଶ କରିଛି। ତୁରନ୍ତ ସମସ୍ତ ଦାବି ପୂରଣ ସହ ମୃତ୍ୟୁକାଳୀନ ୫୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିବାକୁ ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ପକ୍ଷରୁ ଦାବି କରାଯାଇଛି।

ଗତ ନଭେମ୍ବର ମାସରେ ବାଲେଶ୍ୱର ଜିଲ୍ଲା ଖଇରା ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଡାକ୍ତର ଅମରଜିତ୍ ମହାପାତ୍ର ଯକୃତ ଜନିତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ବେଳେ କଟକ ଜିଲ୍ଲା ଡମପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ସିନିଅର ଟିବି ପରିଦର୍ଶକ ପ୍ରିତମ ଦାସ ଗଳା କର୍କଟରେ ମୃତ୍ୟୁବରଣ କରିଥିଲେ।



- କୌଣସି ସୁବିଧା ସୁଯୋଗ ନାହିଁ, ନିରାଶାରେ କର୍ମଚାରୀ
- ୫୦ ଲକ୍ଷ ଟଙ୍କାର ମୃତ୍ୟୁକାଳୀନ ସହାୟତା ଦାବି

ଆଜି ସୁନ୍ଦରଗଡ଼ ଜିଲ୍ଲା ଗୁରୁଣ୍ଡିଆ ସ୍ୱାସ୍ଥ୍ୟକେନ୍ଦ୍ରର ଟିବି ପରିଦର୍ଶକ ବିକାଶ କୁମାର ଦାସ ହୃଦ୍‌ଘାତ ପାଇଁ ମୃତ୍ୟୁବରଣ କରିଥିବା ବେଳେ ଗତ ୧୯ ତାରିଖରେ କୋରାପୁଟ ଜିଲ୍ଲା ବନ୍ଧୁଗାଁ ସ୍ୱାସ୍ଥ୍ୟକେନ୍ଦ୍ରର ବିତ୍ତ ପରିଚାଳକ ତପନ କୁମାର ନାୟକ ପେଟରୋଗରେ ଆକ୍ରାନ୍ତ ହୋଇ ଶେଷରେ ତାଙ୍କ ଜୀବନ ମଧ୍ୟ ଯାଇଛି। ସେହିପରି ଡିସେମ୍ବର ୧୨ ତାରିଖରେ ଅନୁଗୁଳ ଜିଲ୍ଲାର ଜିଲ୍ଲା ବିତ୍ତ ପରିଚାଳକ ସପନ କୁମାର ପାତ୍ର, କଟକ ଜିଲ୍ଲା ବିନ୍ଧାଣିମା ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଡାକ୍ତର ସୁରେଶ ଚନ୍ଦ୍ର ମିଶ୍ର ମଧ୍ୟ ଏହା ମଧ୍ୟରେ ମୃତ୍ୟୁବରଣ କରିଛନ୍ତି। ଏ ସବୁ ଅସମୟ ଓ ଅକାଳ ମୃତ୍ୟୁକୁ ଦେଖି ସ୍ୱାସ୍ଥ୍ୟ ମିଶନ କର୍ମଚାରୀମାନେ ମାନସିକ ସ୍ତରରେ ଭାଙ୍ଗି ପଡିଛନ୍ତି। ପୂର୍ବ ସରକାର ପରି ନୂଆ ବିଜେପି ସରକାର ମଧ୍ୟ ଆମ ଦାବିକୁ ଅଣଦେଖା କରୁଛନ୍ତି ବୋଲି କର୍ମଚାରୀ ମହଲରେ କ୍ଷୋଭ ପ୍ରକାଶ ପାଇଲାଣି। ଇତି ମଧ୍ୟରେ ସଂଘର ସଭାପତି ଅନିରୁଦ୍ଧ ପଣ୍ଡା, ସମ୍ପାଦକ ଗୋପବନ୍ଧୁ କର, କୋଷାଧ୍ୟକ୍ଷ ଆଶୁତୋଷ ମିଶ୍ର ଓ ଅନ୍ୟ ପ୍ରତିନିଧିମାନେ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ, ସ୍ୱାସ୍ଥ୍ୟ ସଚିବ ଓ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକାଙ୍କୁ ଭେଟି ନିଜର ସମସ୍ୟା ବିଷୟରେ ଅବଗତ କରାଇଛନ୍ତି। ତୁରନ୍ତ ସରକାରୀ ବ୍ୟବସ୍ଥାରେ ଚାକିରୀକୁ ସ୍ଥାୟୀ କରିବା, ନିଶୁଳ୍କ ସ୍ୱାସ୍ଥ୍ୟ ବୀମା, ଘରଭଡା, ମହଙ୍ଗା ଭତ୍ତା ପ୍ରଦାନ ସହ ମୃତ୍ୟୁକାଳୀନ ସହାୟତା ରାଶିକୁ ୫୦ ଲକ୍ଷ କରିବାକୁ ବିନମ୍ର ନିବେଦନ କରିଥିବା ଜଣାପଡ଼ିଛି।

## ମା' ଓ ଶିଶୁଙ୍କୁ ମିଳୁନାହିଁ ଅଣ୍ଡା

**ଭୁବନେଶ୍ୱର,୨୧।୧୨(ସମିସ):** ଅଣ୍ଡାର ବର୍ଦ୍ଧିତ ମୂଲ୍ୟ ବୋଝ ଏବେ ସମସ୍ତଙ୍କ ଉପରେ ପଡିଥିବା ବେଳେ ଏଥିରୁ ଅଙ୍ଗନବାଡ଼ି କେନ୍ଦ୍ର ବି ବାଦ୍ ପଡିନାହିଁ। ଅଣ୍ଡା ଦାମ ବଢ଼ି ଚାଲିଥିବାରୁ ଅଙ୍ଗନବାଡ଼ି କେନ୍ଦ୍ରରେ ଅଣ୍ଡା ଯୋଗାଣ କାଟ୍ ହୋଇ ଚାଲିଛି। ଗର୍ଭବତୀ, ପ୍ରସୂତି ତଥା ୩ ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କୁ ଆଉ ଅଣ୍ଡା ମିଳୁ ନାହିଁ। ଆହୁରି ମାସେ ଦୁଇ ମାସ ଏପରି ଚାଲିବ। ଏପଟେ ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି, ଭାରତ ସରକାର ଅଣ୍ଡା ଦର ନିର୍ଦ୍ଧାରଣ କରିବା ପରେ ଯାଇ ସମସ୍ୟାର ସମାଧାନ ହୋଇପାରିବ।

- ଆହୁରି ଜଟିଳ ହୋଇପାରେ ସମସ୍ୟା
- ଅଙ୍ଗନବାଡ଼ି ଦିଦିଙ୍କୁ ଘେରିଲେଣି ଲୋକେ
- କେନ୍ଦ୍ରର ମୂଲ୍ୟ ସଂଶୋଧନକୁ ଅପେକ୍ଷା: ମନ୍ତ୍ରୀ

ଅଣ୍ଡାର ପାଇକାରୀ ମୂଲ୍ୟ ଆସି ୮ ଟଙ୍କାରେ ପହଞ୍ଚିଲାଣି। ଆଗକୁ ଆହୁରି ବଢ଼ିବାର ସମ୍ଭାବନା ଅଛି। ତେବେ କିଛି ମାସ ହେଲା ଅଙ୍ଗନବାଡ଼ି କେନ୍ଦ୍ରରେ ଏହାର ପ୍ରଭାବ ଦେଖିବାକୁ ମିଳିଲାଣି। ଯେଉଁଠି ମାସକୁ ୧୨ଟି ଅଣ୍ଡା ଯୋଗାଇ ଦିଆଯାଉ ଥିଲା ଏବେ ସେଠି ୮ ଟି ମିଳୁଛି। ତାହା ବି ଠିକ୍ ଭାବେ ନୁହେଁ। ଗତ ମାସରେ ଅନେକ ଜିଲ୍ଲାରେ ଅଣ୍ଡା ଦିଆଯାଇ ନାହିଁ। ଅଣ୍ଡା କାହିଁକି ଦିଆଯାଉ ନାହିଁ, କେବେ ମିଳିବ ବୋଲି ପ୍ରଶ୍ନ କରି ଲୋକେ ଅଙ୍ଗନବାଡ଼ି ଦିଦିଙ୍କୁ ଘେରିଲେଣି। ସେପଟେ ମଧ୍ୟାହ୍ନ ଭୋଜନ ଥାଳିରୁ ଅଣ୍ଡା ଉଭେଇ ଗଲାଣି। ରାଜ୍ୟ ସରକାର କେନ୍ଦ୍ର ଉପରେ ସବୁ ଛାଡ଼ି ଦେଇ ନିଜ ଦାୟିତ୍ୱ ସାରି ଦେଇଛନ୍ତି। ଏପରି ହେଲେ ଗର୍ଭବତୀ, ପ୍ରସୂତି ଓ ପିଲାମାନଙ୍କୁ ଅଣ୍ଡା ଯୋଗାଣ ଆଗକୁ ଆହୁରି ପ୍ରଭାବିତ ହେବା ଆଶଙ୍କା ଦେଖା ଦେଲାଣି। ଏ ସମ୍ପର୍କରେ ପ୍ରତକ୍ରିୟା ରଖି ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତି ପରିଡା କହିଛନ୍ତି, ଅଙ୍ଗନବାଡ଼ି କେନ୍ଦ୍ରରେ ଦିଆଯାଉଥିବା ଅଣ୍ଡାର ମୂଲ୍ୟ କେନ୍ଦ୍ର ସରକାର ନିର୍ଦ୍ଧାରଣ କରିଥା'ନ୍ତି। ଅଣ୍ଡା ମୂଲ୍ୟବୃଦ୍ଧି ଜନିତ ସମସ୍ୟା ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ଅବଗତ କରାଯାଇଛି। ଜାନୁଆରୀ ୧୨ ରେ ରାଜସ୍ଥାନରେ ବସିବାକୁ ଥିବା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀମାନଙ୍କ ସମ୍ମିଳନୀରେ ଏହି ପ୍ରସଙ୍ଗ ଉଠିବ। ଟେକ୍ ହୋମ୍ ରାସନର ମାନ ବୃଦ୍ଧି ପାଇଁ ଏହି ସମ୍ମିଳନୀରେ ଆଲୋଚନା ହେବ। ଆମ ରାଜ୍ୟରେ ଛତୁଆ ଠାରୁ ଆରମ୍ଭ କରି ଅଣ୍ଡା ଏବଂ ଶୁଖିଲା ଖାଦ୍ୟର ମାନରେ ଉନ୍ନତି ଆଣିବା ପାଇଁ କିପରି ରାଜ୍ୟ ସରକାରଙ୍କର ସେଥିରେ ଭାଗିଦାରୀ ରହିବ ତାହା ଉପରେ ମଧ୍ୟ ବିଚାର କରାଯିବ। ଏହି ସମ୍ମିଳନୀ ସରିବା ପରେ ଯାଇ ବିଧିବଦ୍ଧ ଭାବେ କିଛି କୁହାଯାଇ ପାରିବ ବୋଲି ଶ୍ରୀମତି ପରିଡା କହିଛନ୍ତି।

ଭାରତ ସରକାରଙ୍କ ଅତିରିକ୍ତ ପୋଷଣ କାର୍ଯ୍ୟକ୍ରମ ଅଧୀନରେ ଜଣେ ଶିଶୁକୁ ସପ୍ତାହରେ ଅନ୍ୟୁନ ୫ଟି ଅଣ୍ଡା ପ୍ରଦାନ ବ୍ୟବସ୍ଥା ଥିବାବେଳେ ମା'ମାନଙ୍କୁ ମାସିକ ୧୨ଟି ଏବଂ କିଶୋରୀମାନଙ୍କୁ ମାସିକ ୧୬ଟି ଅଣ୍ଡା ଦେବା ପ୍ରାବଧାନ ଅଛି। ଛାତ୍ରୀମାନଙ୍କୁ ଅଣ୍ଡା ଯୋଗାଣ ବାବଦରେ ଜଣ ପିଛା ସରକାର ୫ ଟଙ୍କା ଦେଉଛନ୍ତି ଯାହାକି ବହୁତ କମ୍ ବୋଲି ଅଙ୍ଗନବାଡ଼ି କର୍ମୀ କହିଛନ୍ତି। ସଶକ୍ତ ନାଗରିକ ଗଢ଼ିବାରେ ଅଙ୍ଗନବାଡ଼ି କେନ୍ଦ୍ରରେ ଦିଆଯାଉଥିବା ରାସନ ଓ ଖାଦ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ବର୍ଦ୍ଧିତ ମୂଲ୍ୟ ଏ ଦିଗରେ ଅନ୍ତରାୟ ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି।

### ଜାହାଜରୁ କୋକେନ ଜବତ ଘଟଣା

## ସ୍ୱଦେଶ ଫେରିବେ ଅଟକ ୨୧ କ୍ରୁ ମେମ୍ବର

**ପାରାଦୀପ, ୨୧।୧୨ (ସମିସ):** ୨୨୦କୋଟି ଟଙ୍କାର କୋକେନ୍ ଜବତ ଘଟଣାରେ ପାରାଦୀପ ବନ୍ଦରରେ ଅଟକ ଥିବା ଜାହାଜ ଏମ୍‌ଭି ଦେବୀ ଓ ସେଥିରେ ଥିବା ୨୧ଜଣ କ୍ରିଉ-ମେମ୍ବର ସ୍ୱଦେଶକୁ ଫେରିଯିବା ନେଇ କୋର୍ଟଙ୍କ ଆଦେଶ ମିଳିଛି। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କର ଭିସା ଅବଧି ସରିଯାଇଛି। ସେମାନଙ୍କ ପାଇଁ ନୂତନ ଭିସା ପ୍ରସ୍ତୁତି କାର୍ଯ୍ୟ ଚାଲିଥିବା ବେଳେ ବାକି ୧୧ଜଣ ଆଜି ଫେରିଯିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ଉପକୂଳ ଅଞ୍ଚଳରେ ଲଘୁଚାପଜନିତ ବର୍ଷା ଲାଗି ରହିଥିବାରୁ ସେମାନଙ୍କୁ ବନ୍ଦର କର୍ତ୍ତୃପକ୍ଷ ଆଜି ଯିବାକୁ ଅନୁମତି ଦେଇନାହାନ୍ତି। ସୂଚନାଯୋଗ୍ୟ, ୨୦୨୩ ନଭେମ୍ବର ୨୯ତାରିଖରେ ସୀମାଶୁଳ୍କ ବିଭାଗ ଏହି ଏମ୍‌ଭି ଦେବୀ ଜାହାଜରୁ ୨୨୦ କୋଟି ଟଙ୍କାର କୋକେନ୍ ଜବତ କରିଥିଲା।

## ୧୦ ଫୁଟ୍ ତଳକୁ ଓଲଟିଲା ବସ୍; ୬ ଆହତ



**ପଟ୍ଟାମୁଣ୍ଡାଇ/ମାଳିପୁର, ୨୧।୧୨(ସମିସ):** ଆଜି ସନ୍ଧ୍ୟାରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ବଡ଼ପଡ଼ା ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। 'ଉମାଶଙ୍କର' ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ରାସ୍ତାର ୧୦ ଫୁଟ୍ ତଳକୁ ଓଲଟି ପଡ଼ିବାରୁ ୬ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇ ଦିଆଯାଇଛି। ସୂଚନାନୁସାରେ, ବସ୍‌ଟି କଟକରୁ ୩୫ରୁ ଅଧିକ ଯାତ୍ରୀଙ୍କୁ ନେଇ ଜମ୍ମୁ ଫେରୁଥିବା ବେଳେ ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ବଡ଼ପଡ଼ା ଗାଁ ସମିତି ରୋଡ୍ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବସ୍‌ଟି ବାଡ଼ ନଥିବା ପୋଲ ଉପର ଅଣଓସାରିଆ ରାସ୍ତା ଦେଇ ଯିବା ବେଳେ ମାଟି ଦବି ଯାଇଥିଲା। ଫଳରେ ଭାରସାମ୍ୟ ହରାଇ ବସ୍‌ଟି ୧୦ ଫୁଟ୍ ତଳକୁ ଓଲଟି ପଡ଼ିଥିଲା। ଖବର ପାଇ ପଟ୍ଟାମୁଣ୍ଡାଇ ତହସିଲଦାର, ଆଦର୍ଶ ଓ ଗ୍ରାମାଞ୍ଚଳ ଥାନା ଅଧିକାରୀ, ଶିକ୍ଷାବିତ୍ ବିଧୁଭୂଷଣ ମହାନ୍ତି, ଗ୍ରାମବାସୀ ଓ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ବସ୍‌ରେ ଥିବା ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଇଥିଲା। ରାଜନଗର ବିଧାୟକ ଧ୍ରୁବ ସାହୁ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ।

### ତାପମାତ୍ରା
ଡିଗ୍ରୀ ସେଲ୍‌ସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୨୪.୦ | ୧୫.୭ |
| ଚାନ୍ଦବାଲି | ୨୩.୪ | ୧୭.୨ |
| କଟକ | ୨୨.୦ | ୧୫.୫ |
| ପାରାଦୀପ | ୨୬.୧ | ୧୭.୧ |
| ଭୁବନେଶ୍ୱର | ୨୨.୭ | ୧୬.୦ |
| ଗୋପାଳପୁର | ୨୨.୩ | ୧୮.୪ |
| ପୁରୀ | ୨୩.୬ | ୧୭.୦ |
| ଅନୁଗୋଳ | ୨୧.୭ | ୧୩.୬ |
| ବାରିପଦା | ୨୪.୨ | ୧୫.୬ |
| ଝାରସୁଗୁଡ଼ା | ୨୭.୨ | ୧୬.୪ |
| କେନ୍ଦୁଝର | ୨୩.୫ | ୧୬.୩ |
| ସମ୍ବଲପୁର | ୨୬.୯ | ୧୮.୦ |
| ସୁନ୍ଦରଗଡ଼ | ୨୭.୩ | ୧୭.୫ |
| ହୀରାକୁଦ | ୨୭.୪ | ୧୬.୭ |
| ତାଳଚେର | ୨୩.୪ | ୧୬.୮ |
| ଭବାନୀପାଟଣା | ୨୫.୫ | ୧୮.୪ |
| ବଲାଙ୍ଗିର | ୨୬.୦ | ୧୮.୦ |
| କୋରାପୁଟ | ୨୭.୮ | ୧୬.୪ |
| ଫୁଲବାଣୀ | ୨୫.୨ | ୧୬.୦ |
| ଟିଟିଲାଗଡ଼ | ୨୬.୦ | ୧୯.୮ |
| ମାଲକାନଗିରି | ୨୬.୫ | ୧୯.୪ |
| ସୋନପୁର | ୨୬.୦ | ୧୮.୪ |
| ଦାରିଙ୍ଗବାଡ଼ି | ୨୩.୦ | ୧୫.୦ |
| ନୟାଗଡ଼ | - | - |
| ବୌଦ୍ଧ | ୨୩.୦ | ୧୫.୮ |
| ଛତ୍ରପୁର | ୨୨.୦ | ୧୮.୦ |
| ପାରଳାଖେମୁଣ୍ଡି | ୨୩.୬ | ୧୯.୦ |
| ରାୟଗଡ଼ା | ୨୨.୦ | ୧୬.୨ |
| ଭଦ୍ରକ | ୨୪.୮ | ୧୪.୫ |
| ଯାଜପୁର | ୨୧.୬ | ୧୪.୨ |
| ଢେଙ୍କାନାଳ | ୨୪.୮ | ୧୬.୧ |
| ବରଗଡ଼ | ୨୭.୦ | ୧୬.୬ |
| ଦେଓଗଡ଼ | ୨୭.୦ | ୧୬.୨ |
| ନୂଆପଡ଼ା | ୩୦.୦ | - |
| ନବରଙ୍ଗପୁର | ୨୫.୦ | ୧୮.୫ |
| ଖୋର୍ଦ୍ଧା | ୨୭.୦ | ୧୪.୫ |
| ଜଗତସିଂହପୁର | ୨୪.୮ | - |
| କେନ୍ଦ୍ରାପଡ଼ା | ୨୪.୪ | - |
| ରାଉରକେଲା | ୨୬.୨ | ୧୭.୨ |

# ରୁଆ ବେଳେ ନଥିଲା, ଅମଳ ବେଳେ ତୁହାକୁ ତୁହା...

## ୫୦ ହଜାର ହେକ୍ଟର ଜମିରେ ଲହଡ଼ି ମାରୁଛି ବର୍ଷାଜଳ

**କଟକ, ୨୧।୧୨(ସମିସ):** ଖରିଫ ଋତୁରେ ହୋଇଥିବା ଧାନ ଚାଷ ପାଇଁ କେତେବେଳେ ସ୍ୱାଭାବିକ୍‌ଠାରୁ କମ୍ ବୃଷ୍ଟିପାତ ତଥା ଅନିୟମିତ ବର୍ଷା ଚିନ୍ତା ବଢ଼ାଉଛି ତ କେତେବେଳେ ଲଗାଣ ବର୍ଷା ଫସଲ ଉଜାଡୁଛି। ଏଥର ଆଶାଜନକ ବର୍ଷା ପାଇଁ ଜିଲ୍ଲାରେ ସୁନାର ଫସଲ ଫଳାଇଥିଲା ଚାଷୀ। ଏପରିକି ଏବର୍ଷ ଧାନ ଫସଲ ବେଶ ଭଲ ହୋଇଥିବାରୁ ଚାଷୀ ମାନେ ବି ବେଶ ଖୁସି ଥିଲେ। କିନ୍ତୁ ଏହି ଖୁସିରେ ପାଣି ପୂରାଇ ଦେଇଛି ଅଦିନିଆ ବର୍ଷା। ଲଘୁଚାପ ପ୍ରଭାବରେ ଗତ ଦୁଇ ଦିନ ଧରି ହୋଇଥିବା ବର୍ଷା ଓ ସାମାନ୍ୟ ପବନ ଚାଷୀମାନଙ୍କର ସବୁ କିଛି ଉଜାଡ଼ି ଦେଇଥିବା ଦେଖିବାକୁ ମିଳିଛି। କୃଷି ପ୍ରଧାନ କଟକ ଜିଲ୍ଲାର ଚାଷୀମାନେ ସାଧାରଣତଃ ଧାନ ଚାଷ ଉପରେ ନିର୍ଭରଶୀଳ। ହେଲେ ଅଦିନରେ ଆସିଥିବା ବର୍ଷା ପାଇଁ ବିଲ ମୁଣ୍ଡରେ ବସି ଚାଷୀ ଲୁହ ଗଡ଼ାଇବା ସାର ହୋଇଛି।



- ମାତ୍ର ୬୨ହଜାର ହେକ୍ଟରରେ ସରିଛି ଧାନ ଅମଳ
- କ୍ଷୟକ୍ଷତି ଆକଳନ ପାଇଁ କ୍ଷେତ୍ର ଅନୁଧ୍ୟାନ ଆରମ୍ଭ

ମିଳିଥିବା ସୂଚନାନୁସାରେ, କଟକ ଜିଲ୍ଲାର ମୋଟ ୧୪ଟି ବ୍ଲକରେ ଜିଲ୍ଲାରେ ଚଳିତ ବର୍ଷ ମୋଟ ୧ଲକ୍ଷ ୩୫ ହଜାର ୧୩ ହେକ୍ଟର ଜମିରେ ଖରିଫ ଧାନ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ହେଲେ ଜିଲ୍ଲାରେ ୧ଲକ୍ଷ ୨୩ ହଜାର ୩୦୦ ହେକ୍ଟର ଜମିରେ ଅଧିକ ଧାନ ଚାଷ ସମ୍ଭବ ହୋଇପାରିଥିଲା। ବର୍ଷା ପୂର୍ବରୁ ୬୨ହଜାର୧୭୨ହେକ୍ଟର ଜମିରେ ଧାନ ଫସଲ ଅମଳ ହୋଇପାରିଥିବା ବେଳେ ୫୪ହଜାର ୪୫୮ ହେକ୍ଟର ଜମିରେ ଧାନ ଫସଲ ଏବେ ବି ଚାଷ ଜମିରେ ରହିଛି।

ଜିଲ୍ଲା କୃଷି ବିଭାଗର ତଥ୍ୟ ଅନୁସାରେ, ଜିଲ୍ଲାରେ ୫୬୭୦ ହେକ୍ଟର ଜମିର ଧାନ ଅମଳ କରି ଚାଷୀମାନେ ସୁରକ୍ଷିତ ଭାବେ ରଖିଛନ୍ତି। କିନ୍ତୁ ଲଗାଣ ବର୍ଷା ପାଇଁ ଧାନ ଜମିରେ ପାଣି ଜମିଥିବା ବେଳେ ଧାନ ଗଛ ଗୁଡିକ ମଧ୍ୟ ଶୋଇ ବର୍ଷା ପାଣି ପାଣିରେ ଭାସିଛି। କୃଷି ବିଭାଗ ପକ୍ଷରୁ କରାଯାଇଥିବା ପ୍ରାରମ୍ଭିକ ଆକଳନ ଅନୁସାରେ, ଜିଲ୍ଲାର ୧୧ଟି ବ୍ଲକ୍ ଗଭୀର କ୍ଷତିଗ୍ରସ୍ତ ହୋଇଛି। କେବଳ ବଡ଼ମ୍ବା, ବାଙ୍କୀ ଓ ଡମପଡ଼ାରେ ଅଧିକ ଜମିରେ ଧାନ ଅମଳ ହୋଇପାରିଛି। ଏଣୁ ପ୍ରାୟ ୫୦ ହଜାର ହେକ୍ଟର ଜମିରେ ଧାନ ଫସଲ ଲଗାଣ ବର୍ଷା ପାଇଁ କ୍ଷତି ହେବାର ଆଶଙ୍କା ଉପୁଜିଛି। ଦୁଇ ଦିନ ପାଣିରେ ପଡ଼ି ରହିବାରୁ ଧାନ ଗଜା ହେବ ବୋଲି ଚାଷୀ ଅଭିଯୋଗ କରିଛନ୍ତି।

କଟକ ଜିଲ୍ଲାର ତିଗିରିଆରେ ମୋଟ ୭୨୫୨ ହେକ୍ଟର ଚାଷଜମି ମଧ୍ୟରୁ ୪୧୩୦ ହେକ୍ଟର ଜମିରେ ଧାନ ଫସଲ ହୋଇଥିଲା। ଚାଷ ହୋଇଥିବା ଜମି ମଧ୍ୟରୁ ଶତକଡ଼ା ୭୫ ଭାଗ ଚାଷ ଜମିରୁ ଧାନ ଅମଳ ସରିଥିବା ବେଳେ ବାକି ୨୫ଶତକଡା ଜମି ମଧ୍ୟରୁ ପ୍ରାୟ ୨୦୦ ହେକ୍ଟର ପାଚିଲା ଧାନ ଲଗାଣ ବର୍ଷାରେ କ୍ଷତି ହୋଇଛି। ଚଳିତବର୍ଷ ନିଶ୍ଚିନ୍ତକୋଇଲି ବ୍ଲକରେ ୧୨ହଜାର ୮୮୫ ହେକ୍ଟର ଜମିରେ ଖରିଫ ଧାନ ଚାଷ ହୋଇଥିଲା ବେଳେ ବର୍ଷା ପାଇଁ ଅର୍ଦ୍ଧାଧିକ ଜମିରେ ଫସଲ ନଷ୍ଟ ଆଶଙ୍କା ଉପୁଜିଛି। ନରସିଂହପୁର ବ୍ଲକରେ ମୋଟ ୧୨ହଜାର ହେକ୍ଟର ଜମି, ନିଆଳି ବ୍ଲକରେ ମୋଟ ୧୦ ହଜାର ହେକ୍ଟର, ବାଙ୍କୀ ବ୍ଲକରେ ମୋଟ ୭ହଜାର ହେକ୍ଟର, କଟକ ସଦର ବ୍ଲକରେ ୯ହଜାର ହେକ୍ଟରରେ ହୋଇଥିବା ଧାନ ଫସଲରୁ ବ୍ୟାପକ କ୍ଷତି ହୋଇଥିବା ଜଣାପଡ଼ିଛି। ଏହିପରି ଭାବେ ମାହାଙ୍ଗା, କଣ୍ଟାପଡ଼ା, ସାଲେପୁର ଆଦି ବ୍ଲକରେ ମଧ୍ୟ ବିପୁଳ କ୍ଷୟକ୍ଷତି ଘଟିଛି।

କଟକ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଅଶୋକ କୁମାର କରଙ୍କ କହିବାନୁଯାୟୀ, ଜିଲ୍ଲାରେ ଅଦିନିଆ ବର୍ଷା ପାଇଁ ଖରିଫ ଚାଷ ବ୍ୟାପକ କ୍ଷୟକ୍ଷତି ଘଟିଛି। କୃଷି ବିଭାଗ ପକ୍ଷରୁ ବିଭିନ୍ନ ବ୍ଲକରେ ବ୍ଲକ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ, ଭିଏଡବ୍ଲୁ ଓ କୃଷକସାଥୀଙ୍କୁ ନେଇ ଟିମ ବିଭିନ୍ନ ଅଞ୍ଚଳରେ କ୍ଷେତ୍ର ପରିଦର୍ଶନ କରିବା ଆରମ୍ଭ କରିଦେଇଛନ୍ତି। ଆସନ୍ତା ବୁଧବାର ସୁଦ୍ଧା ଟିମ ରିପୋର୍ଟ ପ୍ରଦାନ କରିବେ ବୋଲି କୃଷି ଅଧିକାରୀ କହିଛନ୍ତି।

## ଭାସିଗଲା ବର୍ଷକର ପରିଶ୍ରମ

### କେମିତି ଖଳାକୁ ଆସିବ ଅମଳ ଧାନ?

**ପୁରୀ, ୨୧।୧୨ (ସମିସ):** ଚିନ୍ତାରେ ପୁରୀ ଜିଲ୍ଲାର ଚାଷୀକୁଳ। କିଛି ଦିନ ମଧ୍ୟରେ ତାଙ୍କ ସୁନାର ଫସଲ ଖଳାକୁ ଆସିଥା'ନ୍ତା। ସଂଗ୍ରହ କରିଥାନ୍ତେ ବର୍ଷକର ଆହାର। ହେଲେ ଅଦିନିଆ ବର୍ଷା ସେମାନଙ୍କ ଆଶାରେ ପାଣି ଭରିଦେଲା। ଶୁଖିଲା ବିଲରେ ଏବେ ଜମିଛି ପାଦେପାଦେ ପାଣି। କେମିତି ପାଚିଲା ଧାନ କାଟି ଅମଳ କରିବେ; ସେଇ ଚିନ୍ତାରେ ଏବେ ପୂରା ଚାଷୀକୁଳ ଘାରି ହେଉଛି।

ଚଳିତ ବର୍ଷ ଜିଲ୍ଲାରେ ୧ଲକ୍ଷ ୫୦ହଜାର ହେକ୍ଟର ଜମିରେ ବିଭିନ୍ନ ପ୍ରକାର ଚାଷ କରାଯାଇଛି। ପ୍ରାୟ ୧ଲକ୍ଷ ୩୦ ହଜାର ହେକ୍ଟର ଜମିରେ ଧାନ ଏବଂ ୨୦ ହଜାର ହେକ୍ଟର ଜମିରେ ଅଣଧାନ ଫସଲ ଚାଷ ହୋଇଛି। ଏ ବର୍ଷ ଜିଲ୍ଲାରେ ଅନୁକୂଳ ପାଣିପାଗ ଯୋଗୁଁ ଧାନ ଚାଷ ଭଲ ହୋଇଥିଲା। ଚାଷୀ ଏଥିପାଇଁ ବେଶ୍ ଖୁସିଥିଲେ। କ୍ଷେତରୁ ଧାନ ଅମଳ କରି କରଜ ଟଙ୍କା ଶୁଝିବା ପରେ ବର୍ଷକର ଆହାର ସାଇତି ରଖି ଦି' ପଇସା ଲାଭ କରିବାର ଯୋଜନାରେ ଥିଲେ। ହେଲେ ଦୁଇ ଦିନ ଧରି ଜିଲ୍ଲାବ୍ୟାପୀ ଲଗାଣ ବର୍ଷା ଚାଷୀ ମୁଣ୍ଡରେ ଚଡ଼କ ପକାଇଛି। ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ଚାଷୀମାନେ ୨୦ ପ୍ରତିଶତ ଧାନ ଅମଳ କରିଛନ୍ତି। ଏବେ ୨୦ ପ୍ରତିଶତ ଧାନ କଟା ହୋଇ ଜମିରେ ପଡ଼ି ରହିଛି। ପ୍ରାୟ ୬୦% କଟା ନ ହୋଇ ଜମିରେ ଅଛି। ଏଭଳି ସ୍ଥିତିରେ ବର୍ଷା ଚାଷୀଙ୍କ ଉପରେ ଦାଉ ସାଧିଛି। ଅନ୍ୟପଟେ ବର୍ଷା ଛାଡିଲେ ବି ସଙ୍ଗେ ସଙ୍ଗେ ଧାନ କଟାଯାଇ ଅମଳ ହୋଇପାରିବ ନାହିଁ। ବିଲ ଶୁଖିବାକୁ ଅପେକ୍ଷା କରିବାକୁ ପଡ଼ିବ। ସବୁଠୁ ଚିନ୍ତାଜନକ ହେଉଛି, ଶୀଘ୍ର ଧାନ ନ କାଟିଲେ, ପାଚିଲା ଧାନ ଝଡ଼ି କ୍ଷେତରେ ନଷ୍ଟ ହେବ। ଆଉ କାଟିଦେଲେ ଅମଳ କରିବା ବି କଷ୍ଟକର ହୋଇପଡ଼ିବ। ଯେଉଁମାନେ କ୍ଷେତରେ ଗଦା ଅଥବା ବାହିଆ କରି ରଖିଛନ୍ତି ସେମାନଙ୍କ ଚିନ୍ତା ଆହୁରି ବଢ଼ିଯାଇଛି। କିଏ ଧାନ ଗଦାରେ ଜରିପାଲ ପକାଇଛି ତ ଆଉ କିଏ ପାଚିଲା ଧାନକୁ ପାଣିରୁ ଉଠାଇ ଆଣି ଉଚ୍ଚ ସ୍ଥାନରେ ରଖିଛି। ଧାନ ସମ୍ପୂର୍ଣ୍ଣ ଭାବେ ପାଚି ଯାଇଥିବାରୁ ଗଜା ହେବା ଆଶଙ୍କା ଦେଖାଦେଇଛି। ସେପଟେ ଜିଲ୍ଲାରେ ଆଜି ପର୍ଯ୍ୟନ୍ତ ଧାନ ମଣ୍ଡି ଖୋଲି ନାହିଁ। ଓଦା ହୋଇଥିବା ଧାନର ମାନ କିଭଳି ଭଲ ରଖାଯିବ ତାହାବି ଚାଷୀଙ୍କ ଚିନ୍ତା ବଢ଼ାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅନେକ ଚାଷୀ ସାହୁକାର ଏବଂ ବିଭିନ୍ନ ଜାଗାରୁ କରଜ ଆଣି ଧାନ ଚାଷ କରିଛନ୍ତି। ସେମାନେ କରଜ ପରିଶୋଧ କରିବେ କେମିତି ତାଙ୍କ ଏକ ବଡ଼ ଚିନ୍ତାର କାରଣ ପାଲଟିଛି। କେବଳ ଧାନ ନୁହେଁ, ଜିଲ୍ଲାର କିଛି ଅଞ୍ଚଳରେ ପନିପରିବା ଚାଷ ବି କରାଯାଇଛି। ହେଲେ ଦୁଇଦିନର ଲଗାଣ ବର୍ଷା ପନିପରିବା କ୍ଷେତରେ ବି ଜମିଛି। ଫଳରେ ଏହାର ଚାଷୀମାନେ ବି ଚିନ୍ତାରେ ପଡ଼ିଛନ୍ତି। ସୂଚନାଥାଉ କି, ପୁରୀ ଜିଲ୍ଲାରେ ଗତ ୨୪ ଘଣ୍ଟା ମଧ୍ୟରେ ୪୩.୬୭ ମିଲିମିଟର ବର୍ଷା ହୋଇଛି।

**ଆଶା ଧୋଇନେଲା ବର୍ଷା**

# ଜମିରେ ସଢୁଛି ପରିବା; ଚାଷୀ ସର୍ବସ୍ୱାନ୍ତ

**ଭୁବନେଶ୍ୱର,୨୧।୧୨(ସମିସ):** ରାଜ୍ୟରେ ନିତିଦିନିଆ ପନିପରିବା ଚାଷ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ଏହାର ସିଧାସଳଖ ପ୍ରଭାବ ଦରଦାମ୍ ଉପରେ ପଡୁଛି। ବର୍ଷସାରା ପରିବା ଦର ଆକାଶଛୁଆଁ ରହୁଛି। ଶୀତଦିନିଆ ପରିବା ଚାଷ ଏହି ସମସ୍ୟାର ସମାଧାନ କରିବ ବୋଲି ଉଭୟ ଖାଉଟି ଓ ବ୍ୟବସାୟୀ ଆଶାବାଦୀ ଥିଲେ। ହେଲେ, ଅଦିନିଆ ବର୍ଷା ସେ ଆଶାକୁ ବି ଧୋଇନେଲା। ବିଲରେ ପାଚିଲା ଧାନ ବର୍ଷାପାଣି ଖାଉଥିବା ବେଳେ ପନିପରିବା ମଧ୍ୟ ପଚି ଯାଇଛି। ଏହି ଲଘୁଚାପ ବର୍ଷା ଚାଷୀକୁଳକୁ ସର୍ବସ୍ୱାନ୍ତ କରିଦେବାକୁ ବସିଛି। ଗୋଟିଏପଟେ ପାଚିଲା ଧାନର କ୍ଷତି, ଅନ୍ୟପକ୍ଷରେ ପନିପରିବା ପଚିସଢ଼ି ଯିବା ଚାଷୀ ଆଖିରେ ଲୁହ ଭରିଦେଇଛି।

ସାଧାରଣତଃ ଅନ୍ୟ ରାଜ୍ୟ ତୁଳନାରେ ଆମ ରାଜ୍ୟର ଶୀତକାଳୀନ ପନିପରିବା ଚାଷ ଅଧିକ। ବିଭିନ୍ନ ସଂସ୍ଥାର ସର୍ଭେ ଅନୁସାରେ, ଭାରତ ବର୍ଷରେ ଶୀତଦିନିଆ ପନିପରିବା ଚାଷ କରିବାରେ ଓଡ଼ିଶାର ସ୍ଥାନ ଚତୁର୍ଥ। ହେଲେ ଏବେ ଏହି ସଂଖ୍ୟା ଆହୁରି ତଳକୁ ଖସିଯିବା ନେଇ ଅନୁମାନ କରାଯାଉଛି।

ଅଦିନିଆ ବର୍ଷାରେ ଉପକୂଳବର୍ତ୍ତୀ ଜିଲ୍ଲା ବିଶେଷକରି କଟକ, ଖୋର୍ଦ୍ଧା, ପୁରୀ, ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର, ଗଞ୍ଜାମ ଜିଲ୍ଲାରେ ପନିପରିବା ଚାଷ ଭୀଷଣ କ୍ଷତିଗ୍ରସ୍ତ ହୋଇଛି। ଫୁଲକୋବି, ବନ୍ଧାକୋବି, ବାଇଗଣ, ଲଙ୍କା, ବିଲାତି, ମଟର ଆଦି ସହ ଗେଣ୍ଡୁ, ରଜନୀଗନ୍ଧା ଫୁଲ ଚାଷ ବି ବର୍ଷାମାଡ଼ରେ ନଷ୍ଟ ହୋଇଛି। ଅନେକ ସ୍ଥାନରେ ବିଭିନ୍ନ ପ୍ରକାରର ପନିପରିବା ଚାଷ ନିମନ୍ତେ ତଳି ପଡ଼ିଥିଲା। ବର୍ଷାରେ ସେସବୁ ପଚିଯାଇଥିବା ସମ୍ପୃକ୍ତ ଚାଷୀମାନେ ଅଭିଯୋଗ କରିଛନ୍ତି। ଉଦାହରଣସ୍ୱରୂପ, କଟକ ଜିଲ୍ଲାରେ ଏଥର ୨୫ ହଜାର ୩୧୬ ହେକ୍ଟର ଜମିରେ ପନିପରିବା ଚାଷ ହୋଇଛି। ସେଥିମଧ୍ୟରୁ ପ୍ରାୟ ୪ ହଜାର ହେକ୍ଟର ଜମିରେ ଚାଷ ସମୂଳେ ନଷ୍ଟ ହୋଇଯାଇଥିବା ଅଭିଯୋଗ ହେଉଛି। ବିଭିନ୍ନ ସ୍ଥାନରେ ଲଙ୍କା ତଳି ପଚି ଯାଇଥିବା ସୂଚନା ମିଳିଛି। ତଳି ପାଇଁ ଚାଷୀମାନେ ନାହିଁ ନଥିବା ଦୁର୍ଦ୍ଦଶାର ସାମ୍ନା କରୁଛନ୍ତି। କାରଣ ଚାଷୀକୁ ତଳି ସହଜରେ ମିଳେ ନାହିଁ। ଅଦିନିଆ ବର୍ଷାରେ ସବୁଠି ତଳି ଚାଷ ମାଡ଼ ଖାଇଛି। ସରକାରଙ୍କ ପକ୍ଷରୁ ତଳି ବା ଚାରା ଯୋଗାଣ ବ୍ୟବସ୍ଥା ଆଦୌ ନଥିବା ଚାଷୀମାନେ କ୍ଷୋଭର ସହ କହିଛନ୍ତି।

ପ୍ରତିବର୍ଷ ପରି ଏଥର ରାଜ୍ୟରେ ପ୍ରାୟ ୪୮ ହଜାର ହେକ୍ଟର ଜମିରେ ଫୁଲକୋବି, ୩୮ ହଜାର ହେକ୍ଟର ଜମିରେ ବନ୍ଧାକୋବି, ୧.୧୮ ହେକ୍ଟର ଜମିରେ ବାଇଗଣ, ପ୍ରାୟ ୧ ଲକ୍ଷ ହେକ୍ଟର ଜମିରେ ବିଲାତି, ୫,୫୨୪ ହେକ୍ଟର ଜମିରେ ମଟର, ୬୫ହଜାର ହେକ୍ଟର ଜମିରେ ଭେଣ୍ଡି ଚାଷ ହୋଇଥିଲା। ଗତବର୍ଷ ରାଜ୍ୟରେ ବାଇଗଣ ଉତ୍ପାଦନ ୨୭ ଲକ୍ଷ ମେଟ୍ରିକ ଟନ୍ ଟପିଥିବା ବେଳେ ପ୍ରାୟ ୯ ଲକ୍ଷ ଟନ୍‌ର ଫୁଲକୋବି, ୧୩ ଲକ୍ଷ ଟନ୍‌ର



**■ ପାଣି ଘେରରେ ହେକ୍ଟର ହେକ୍ଟର ଚାଷ ଜମି**
**■ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦିଅନ୍ତୁ ସରକାର**

ବନ୍ଧାକୋବି, ୧୧୦ ଲକ୍ଷ ଟନ୍‌ର ବିଲାତି, ୩୦ ହଜାର ଟନ୍‌ର ମଟର ଉତ୍ପାଦନ ହୋଇଥିଲା। କିନ୍ତୁ ଅଦିନିଆ ବର୍ଷାରେ ଏଥର ପ୍ରାୟ ୫୦% ପରିବା ଚାଷ ପ୍ରଭାବିତ ହୋଇଛି। ଏଣୁ ପନିପରିବା ଉତ୍ପାଦନ କମିବାର ଆଶଙ୍କା ରହିଛି।

ବଜାର ବିଶେଷଜ୍ଞଙ୍କ କହିବାନୁସାରେ, ସାଧାରଣତଃ ଡିସେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ୪ ମାସ ଧରି ଗ୍ରାମାଞ୍ଚଳରୁ ଅମଳ ହେଉଥିବା ପନିପରିବା ଓଡ଼ିଶା ଖାଉଟିଙ୍କ ଆବଶ୍ୟକତା ପୂରଣ କରିଥାଏ। ବିଶେଷକରି ଗ୍ରାମାଞ୍ଚଳ ବଜାରଗୁଡ଼ିକୁ ଆଉ ସହରାଞ୍ଚଳରୁ ପରିବା ଗାଡ଼ି ଯାଇନଥାଏ। ହେଲେ ଚଳିତବର୍ଷ ଫସଲ ନଷ୍ଟ ଯୋଗୁଁ ପନିପରିବା ପାଇଁ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଖାଉଟି ବାହାର ରାଜ୍ୟ ଉପରେ ନିର୍ଭର କରିବେ।

ଚାଷୀ ନେତା ଗିରିରାଜ ଧଳ କହିଛନ୍ତି, ରାଜ୍ୟ ସରକାର ଏନେଇ ତ୍ୱରିତ ପଦକ୍ଷେପ ନିଅନ୍ତୁ। ଚାଷର କ୍ଷୟକ୍ଷତି ଆକନଳ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦିଆଯାଉ। ଉଦ୍ୟାନ କୃଷି ବିଭାଗ ଜରିଆରେ ପୁନର୍ବାର ଚାରା ଓ ମଞ୍ଜି ରିହାତି ମୂଲ୍ୟରେ ଯୋଗାଇ ଦିଆଯାଉ। ତେବେ ଯାଇ ଚାଷୀ ଅଣ୍ଟା ସଳଖି ଛିଡ଼ା ହୋଇପାରିବ ଓ ଉତ୍ପାଦନଜନିତ ତିରୋଟ ସ୍ଥିତି କିଛି ମାତ୍ରାରେ ଲାଘବ ହୋଇପାରିବ। ସେ ଆହୁରି କହିଛନ୍ତି, କେବଳ ପନିପରିବା ନୁହେଁ, ଧାନ ଚାଷୀଙ୍କୁ ମଧ୍ୟ ସରକାର ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠି (ଏସ୍‌ଡିଆରଏଫ୍)ରୁ ସହାୟତା ଯୋଗାଇ ଦିଅନ୍ତୁ।

କୃଷି ବିଶେଷଜ୍ଞ ଦେବବ୍ରତ ପାଣିଗ୍ରାହୀଙ୍କ କହିବାନୁସାରେ, ପାଗ ମେଘୁଆ ରହିବା ସହ ଦିନର ତାପମାତ୍ରା ଅଧିକ ଓ ହାଲୁକା ବର୍ଷା ଯୋଗୁଁ ପନିପରିବାରେ ରୋଗ ପୋକର ସମ୍ଭାବନା ରହିଛି। କୋବି, ବାଇଗଣ, କଲରା, ଝୁଡ଼ଙ୍ଗ, ମୂଳା, ଆଳୁ, ପିଆଜ, କାଙ୍କଡ଼, କୋଶଳା, ଧନିଆ ପ୍ରଭୃତି ଫସଲର ଏବେ ଅମଳ ସମୟ। ଲଗାଣ ବର୍ଷା ହେଲେ ବହୁ ପରିବା ଗଛରେ ପୋକ ଲାଗିଯିବେ। ତେଣୁ ବର୍ଷା ଛାଡ଼ିବା ପରେ ଫସଲ ଅମଳ କରିଦିଅନ୍ତୁ। ଜଉ ପୋକ, ପାଉଁଶିଆ ପୋକ, ପତ୍ରପୋଡ଼ା ରୋଗ ଲାଗିପାରେ। ଏଥିସହ ମାଟିର ବତର ଅଧିକ ହେବା ସହ ତାପମାତ୍ରା ଅଧିକ ହେବାରୁ ଡାଲି ଜାତୀୟ ଫସଲ, ଟମାଟୋ ଆଦି ଫସଲରେ ଝାଉଁଳା ରୋଗ ହେବାର ଆଶଙ୍କା ରହିଛି। ତେଣୁ ଚାଷୀମାନେ ଏଥିପାଇଁ ପଦକ୍ଷେପ ନେବାକୁ ସେ କହିଛନ୍ତି।

**■ ଶ୍ରୀମନ୍ଦିର ଭିତରେ ମାରପିଟ୍ ଘଟଣା**

## ୨ ସେବକଙ୍କୁ କାରଣ ଦର୍ଶାଅ ନୋଟିସ୍

**ପୁରୀ, ୨୧।୧୨(ସମିସ):** ଶ୍ରୀମନ୍ଦିର ପରିସରରେ ବିଶୃଙ୍ଖଳା ପାଇଁ ଦୁଇଜଣ ସେବକଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରାଯାଇଛି। ସେମାନେ ହେଲେ, ମୁଖ ପଖାଳ ସେବକ ମଦନ ମୋହନ ଖୁଣ୍ଟିଆ ଏବଂ ବିଶ୍ୱନାଥ ଖୁଣ୍ଟିଆ। ଶ୍ରୀମନ୍ଦିର ଆଇନ ୨୧-କ ଧାରା ଅନୁସାରେ ଉଭୟଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ, ସେ ନେଇ ସନ୍ତୋଷଜନକ ଉତ୍ତର ରଖିବାକୁ ୭ ଦିନର ସମୟ ଦିଆଯାଇଛି। ଶ୍ରୀମନ୍ଦିର କମାଣ୍ଡରଙ୍କ ଜରିଆରେ ଏହି କୈଫିୟତ ଦାଖଲ କରିବାକୁ କୁହାଯାଇଛି। ଧାର୍ଯ୍ୟ ସମୟ ଭିତରେ ଏହା ହସ୍ତଗତ ନ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରି ଦିଆଯାଇଛି। ଶନିବାର ଜାରି କରାଯାଇଥିବା ନୋଟିସ୍‌ରେ କୁହାଯାଇଛି ଯେ ଗତ ୧୬ତାରିଖ ଦିନ ମୁକ୍ତିମଣ୍ଡପ ସମ୍ମୁଖରେ ଅବକାଶ ପାଦୁକା ବଣ୍ଟନକୁ ନେଇ ଦୁଇ ସେବକ ପରସ୍ପରକୁ ଗାଳିଗୁଲଜ କରିବା ସହ ମାରପିଟ୍ କରିଥିଲେ। ଏଥିଯୋଗୁଁ ଶ୍ରୀମନ୍ଦିର ଗାରିମା ଓ ମର୍ଯ୍ୟାଦା କ୍ଷୁଣ୍ଣ ହୋଇଥିଲା। ତେଣୁ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବ, ସେନେଇ ସନ୍ତୋଷଜନକ ଉତ୍ତର ରଖିବାକୁ ନୋଟିସ୍‌ରେ କୁହାଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଏହି ନୋଟିସ୍ ଜାରି କରିବା ସହ ଆଉଥରେ ସ୍ପଷ୍ଟ କରିଛନ୍ତି ଯେ ଶ୍ରୀମନ୍ଦିର ମଧ୍ୟରେ ବିଶୃଙ୍ଖଳାକୁ କଦାପି ବରଦାସ୍ତ କରାଯିବ ନାହିଁ। ଶ୍ରୀମନ୍ଦିର ଗାରିମା ଉପରେ ପ୍ରଭାବ ପକାଉଥିବା ଏଭଳି ଘଟଣା ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଆଗକୁ ମଧ୍ୟ ଗ୍ରହଣ କରାଯିବ।

**କୈଫିୟତ ରଖିବାକୁ ଦିଆଯାଇଛି ୭ ଦିନ ସମୟ**

## ୪୦ ଲକ୍ଷର ବ୍ରାଉନ୍‌ସୁଗର ଓ କାର୍ ଜବତ; ୩ ଗିରଫ

**ପିପିଲି,୨୧।୧୨(ସମିସ):** ପୁରୀ ଅବକାରୀ ବିଭାଗ ଶୁକ୍ରବାର ଶୁକ୍ରବାର ପିପିଲି ଓଭରବ୍ରିଜ୍ ତରାକାଜଠାରୁ ଏକ ମାରୁତି କାରରୁ ୩୭୮ ଗ୍ରାମର ବ୍ରାଉନସୁଗର ଜବତ କରିବା ସହ ଏହି ବେଆଇନ କାରବାର ଅଭିଯୋଗରେ ୩ଜଣଙ୍କୁ ଗିରଫ କରିଛି। ଜବତ ବ୍ରାଉନ୍‌ସୁଗରର ଆନୁମାନିକ ମୂଲ୍ୟ ୪୦ଲକ୍ଷ ଟଙ୍କା ହେବ। ଅଭିଯୁକ୍ତମାନେ ହେଲେ, ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ମୁସଲିମପଡ଼ାର ମହମ୍ମଦ ମଜହରଙ୍କ ପୁଅ ଇମାମ୍ ଅହମ୍ମଦ ଓରଫ୍ ରାଜା (୨୭), ରାଉରକେଲା ପ୍ଲାଣ୍ଟ ସାଇଟ ଥାନା ଅଞ୍ଚଳର ମହମ୍ମଦ କମଲଉଦ୍ଦିନଙ୍କ ପୁଅ ମହମ୍ମଦ ଆବୁତହ୍ଲା (୨୯) ଓ ଇସାକ୍ ଅହମ୍ମଦଙ୍କ ପୁଅ ଇରଫାନ ଅହମ୍ମଦ (୩୧)। ସେମାନଙ୍କୁ ଅବକାରୀ ବିଭାଗ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ବାଲେଶ୍ୱରରୁ ବ୍ରାଉନ୍‌ସୁଗର ଆଣି ପିପିଲି ଅଞ୍ଚଳରେ ଚୋରାରେ ବିକ୍ରି କରିଥାନ୍ତେ। ତେବେ କିଛି ବେପାରୀ ଏ ସମ୍ପର୍କରେ ଅବକାରୀ ବିଭାଗକୁ ଖବର ଦେବାରୁ ବିଭାଗ ପକ୍ଷରୁ ଚଢ଼ଉ ହୋଇଥିଲା।



ବିଭିନ୍ନ ଅଞ୍ଚଳରୁ ଆସିଥିବା ବ୍ୟକ୍ତିବିଶେଷ ଶନିବାର ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି

**ନର୍ଲା ତହସିଲଦାରଙ୍କ ଭଉଣୀ ହତ୍ୟାକାଣ୍ଡର ପର୍ଦ୍ଦାଫାସ୍**

## ସଂପତ୍ତି ପାଇଁ ସାଙ୍ଗ ସାଜିଲା ବଇରୀ; ୩ ଗିରଫ

**ନୟାଗଡ଼/ଦଶପଲ୍ଲା,୨୧।୧୨(ସମିସ):** ସାଙ୍ଗର ଉନ୍ନତି ଆଖିରେ ଯାଉନଥିଲା। ସଂପତ୍ତି ଦେଖି ଦେହ ବି ସହୁନଥିଲା। ତେଣୁ ସାଙ୍ଗକୁ ହତ୍ୟା କରି ସଂପତ୍ତି ହାତେଇବା ପାଇଁ ରଚିଥିଲା ଷଡ଼ଯନ୍ତ୍ର। ନର୍ଲା ତହସିଲଦାର ବଳଦେବ ବେହେରାଙ୍କ ଭଉଣୀ ସୁକାନ୍ତୀ ବେହେରାଙ୍କ ହତ୍ୟାକାଣ୍ଡର ପର୍ଦ୍ଦାଫାସ୍ କରି ଏମିତି ଚାଞ୍ଚଲ୍ୟକର ତଥ୍ୟ ଦେଇଛି ନୟାଗଡ଼ ବାଣୀଗୋଛା ଥାନା ପୁଲିସ୍। ଏହି ଘଟଣାରେ ଆଜି ପୁଲିସ୍ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ମୃତ ସୁକାନ୍ତୀଙ୍କ ସାଙ୍ଗ ତୋଟାଗୁଡ଼ା ଗ୍ରାମର ସୁବାସିନୀ ବେହେରା ଏବଂ ଦିଲ୍ଲୀପ କୁମାର ବେହେରା ଓ ତା' ଶାଳକ ଦଶନିପଡ଼ା ଗ୍ରାମର ପ୍ରଦୀପ ନାୟକ। ସୁବାସିନୀ ପୂରା ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ଥିଲା। ସୁବାସିନୀର ଘରୁ ପୁଲିସ୍ ଗୋଟିଏ ସୁନାହାର ସହ ହତ୍ୟାରେ ବ୍ୟବହୃତ ଛୁରି ଏବଂ ଏକ ଜରି ବସ୍ତା ଜବତ କରିଛି।



ସୂଚନା ଅନୁଯାୟୀ, ସୁକାନ୍ତୀ ଓ ସୁବାସିନୀ ଭଲ ବନ୍ଧୁ ଥିଲେ। ସୁକାନ୍ତୀ ଅବିବାହିତ ଥିବାରୁ ତାଙ୍କ ପାଖରେ ଅବସରପ୍ରାପ୍ତ ଶିକ୍ଷକ ବାପାଙ୍କ ପେନ୍‌ସନ ଟଙ୍କା ଏବଂ ସୁଧ କାରବାର ଲାଭ ଟଙ୍କା ରହିଥିଲା। ସେ ଗ୍ରାମରେ ଅନେକ ଲୋକଙ୍କ ସୁନା ଅଳଙ୍କାର ବନ୍ଧକ ରଖି ସୁଧ କାରବାର କରୁଥିଲେ। ଫଳରେ ତାଙ୍କ ପାଖରେ ପ୍ରଚୁର ଅର୍ଥ ରହିଥିଲା। ଏହାକୁ ହାତେଇବା ପାଇଁ ସୁବାସିନୀ ତାଙ୍କୁ ହତ୍ୟା କରିବା ପାଇଁ ଯୋଜନା କରିଥିଲା।

ପାଖାପାଖି ୧୦ ଦିନ ତଳେ ଘଟଣା ଦିନ ସୁବାସିନୀ ଓ ସୁକାନ୍ତୀ ଏକ ବସ୍‌ରେ କୁଜାମେଣ୍ଡିରେ ପହଞ୍ଚିଥିଲେ। ସେଠାରୁ ସୁବାସିନୀ ଏକ ଅଟୋରେ ସୁକାନ୍ତୀଙ୍କୁ ଓଡ଼ମ୍ବା ଛକ ଆଡ଼େ ନେଇଯାଇଥିଲା। କଥାଛଳରେ ସେଠାରୁ ତାଙ୍କୁ ଗଙ୍ଗାଡିହ ଜଙ୍ଗଲକୁ ନେଇ ତାଙ୍କୁ ଅନ୍ୟ ଦୁଇ ଅଭିଯୁକ୍ତଙ୍କ ସହାୟତାରେ ହତ୍ୟା କରିଥିଲା। ନୟାଗଡ଼ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ପଣ୍ଡା ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି। ନୟାଗଡ଼ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ ଓ ବାଣୀଗୋଛା ଭାରପ୍ରାପ୍ତ ଥାନା ଅଧିକାରୀ ବିନୟ ରଞ୍ଜନ ପରିଡ଼ା ଏହି ହତ୍ୟାକାଣ୍ଡ ସମ୍ପର୍କରେ ଛାନଭିନ୍ କରି ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛନ୍ତି।

## ତାପମାତ୍ରା
ଡିଗ୍ରୀ ସେଲ୍‌ସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୨୪.୦ | ୧୫.୭ |
| ଚାନ୍ଦବାଲି | ୨୩.୪ | ୧୭.୨ |
| କଟକ | ୨୨.୦ | ୧୫.୫ |
| ପାରାଦୀପ | ୨୬.୧ | ୧୭.୧ |
| ଭୁବନେଶ୍ୱର | ୨୨.୭ | ୧୬.୦ |
| ଗୋପାଳପୁର | ୨୨.୩ | ୧୮.୪ |
| ପୁରୀ | ୨୩.୬ | ୧୭.୦ |
| ଅନୁଗୋଳ | ୨୧.୭ | ୧୩.୬ |
| ବାରିପଦା | ୨୪.୨ | ୧୫.୬ |
| ଝାରସୁଗୁଡ଼ା | ୨୭.୨ | ୧୬.୪ |
| କେନ୍ଦୁଝର | ୨୩.୫ | ୧୬.୩ |
| ସମ୍ବଲପୁର | ୨୬.୯ | ୧୮.୦ |
| ସୁନ୍ଦରଗଡ଼ | ୨୭.୩ | ୧୭.୫ |
| ହୀରାକୁଦ | ୨୭.୪ | ୧୬.୭ |
| ତାଳଚେର | ୨୩.୪ | ୧୬.୮ |
| ଭବାନୀପାଟଣା | ୨୫.୫ | ୧୮.୪ |
| ବଲାଙ୍ଗିର | ୨୬.୦ | ୧୮.୦ |
| କୋରାପୁଟ | ୨୭.୮ | ୧୬.୪ |
| ଫୁଲବାଣୀ | ୨୫.୨ | ୧୬.୦ |
| ଟିଟିଲାଗଡ଼ | ୨୬.୦ | ୧୯.୮ |
| ମାଲକାନଗିରି | ୨୬.୫ | ୧୯.୪ |
| ସୋନପୁର | ୨୬.୦ | ୧୮.୪ |
| ଦାରିଙ୍ଗବାଡ଼ି | ୨୩.୦ | ୧୫.୦ |
| ନୟାଗଡ଼ | - | - |
| ବୌଦ୍ଧ | ୨୩.୦ | ୧୫.୮ |
| ଛତ୍ରପୁର | ୨୨.୦ | ୧୮.୦ |
| ପାରଳାଖେମୁଣ୍ଡି | ୨୩.୬ | ୧୯.୦ |
| ରାୟଗଡ଼ା | ୨୨.୦ | ୧୬.୨ |
| ଭଦ୍ରକ | ୨୪.୮ | ୧୪.୫ |
| ଯାଜପୁର | ୨୯.୬ | ୧୪.୨ |
| ଢେଙ୍କାନାଳ | ୨୪.୮ | ୧୬.୧ |
| ବରଗଡ଼ | ୨୭.୦ | ୧୬.୬ |
| ଦେଓଗଡ଼ | ୨୭.୦ | ୧୬.୨ |
| ନୂଆପଡ଼ା | ୩୦.୦ | - |
| ନବରଙ୍ଗପୁର | ୨୫.୦ | ୧୮.୫ |
| ଖୋର୍ଦ୍ଧା | ୨୭.୦ | ୧୪.୫ |
| ଜଗତସିଂହପୁର | ୨୪.୮ | - |
| କେନ୍ଦ୍ରାପଡ଼ା | ୨୪.୪ | - |
| ରାଉରକେଲା | ୨୬.୨ | ୧୭.୨ |

**■ ବାତୁଳା ବୟାନକୁ ନେଇ ପୁଣି ଚର୍ଚ୍ଚାରେ ଯୋଗାଣମନ୍ତ୍ରୀ**

## ଢେଙ୍କାନାଳକୁ ଗଡ଼ାଇବେ ମେଟ୍ରୋ ଟ୍ରେନ୍ !

**ଭୁବନେଶ୍ୱର,୨୧।୧୨(ସମିସ):** ବିଭିନ୍ନ ସମୟରେ ବେପରୁଆ ଢଙ୍ଗରେ ମନ୍ତବ୍ୟ ଦେଇ ଲୋକହସା ହୋଇଥିବା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ପୁଣି ଏକ ବାତୁଳା ବୟାନ ଦେଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ନିଜ ବିଭାଗର ଅବ୍ୟବସ୍ଥା ସୁଧାରିବାକୁ ବିଫଳ ହୋଇଥିବା ମନ୍ତ୍ରୀ ଶ୍ରୀ ପାତ୍ର ବିଭିନ୍ନ ସମୟରେ ସଭାସମିତିରେ ଏବଂ ଗଣମାଧ୍ୟମ ଆଗରେ ଅନ୍ୟ ବିଭାଗର କାର୍ଯ୍ୟରେ ମୁଣ୍ଡ ପୂରାଇ ଦେଉଥିବା ମନ୍ତବ୍ୟ ରାଜ୍ୟସାରା ସାଧାରଣରେ ଆଲୋଚନା ହେଉଛି।

ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ରେ ଗରିବ ଲୋକମାନଙ୍କୁ ଉଚିତ୍ ସମୟରେ ସଠିକ୍ ପରିମାଣର ସାମଗ୍ରୀ ମିଳୁନାହିଁ। କନ୍ଧମାଳ ଜିଲ୍ଲା ମାଣ୍ଡିପଙ୍କାର 'ଟାକୁଆ' ଜାଉ ଖାଇ ମୃତ୍ୟୁ ଘଟଣା ପାଇଁ ମନ୍ତ୍ରୀଙ୍କ ବିଭାଗକୁ ଅନେକ ଦାୟୀ କରିଛନ୍ତି। ବିଭାଗ ଦାୟିତ୍ୱ ନେବାଠାରୁ ଆଳୁ-ପିଆଜର ଆକାଶଛୁଆଁ ଦରବୃଦ୍ଧି ହୋଇଥିବା ବେଳେ ଖସିବାର ନାଁ ଧରୁନି। ନିଜ ଦୋଷ ଘୋଡ଼ାଇବାକୁ ଯାଇ ମନ୍ତ୍ରୀ ବିଭିନ୍ନ ସମୟରେ ଅବାସ୍ତବ ମନ୍ତବ୍ୟମାନ ଦେଉଛନ୍ତି। ଯାହାକୁ ସାଧାରଣରେ ନାପସନ୍ଦ କରାଯାଉଛି। ଏହି କ୍ରମରେ ଆଜି ଢେଙ୍କାନାଳରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାକୁ ଉଦ୍‌ଘାଟନ କରିବା ଅବସରରେ ମନ୍ତ୍ରୀ ଦେଇଥିବା ଏକ ମନ୍ତବ୍ୟ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ବିଜେଡି ସରକାରର କଟକ-ଭୁବନେଶ୍ୱର ମେଟ୍ରୋ ଟ୍ରେନ୍ ପ୍ରକଳ୍ପକୁ ନିର୍ବାଚନ ପୂର୍ବରୁ ସମାଲୋଚନା କରୁଥିବା ବିଜେପି, ଶାସନ କ୍ଷମତାକୁ ଆସିବା ପରେ ସେହି ପ୍ରକଳ୍ପ କାର୍ଯ୍ୟକୁ ଚାଲୁ ରଖିଥିଲେ ହେଁ ତ୍ୱରାନ୍ୱିତ କରିପାରୁନାହିଁ। ଏହି ମେଟ୍ରୋ ପ୍ରକଳ୍ପ ପ୍ରାରମ୍ଭିକ ପର୍ଯ୍ୟାୟରେ କଟକ-ଭୁବନେଶ୍ୱର ମଧ୍ୟରେ ଏବଂ ପରେ ପୁରୀ ପର୍ଯ୍ୟନ୍ତ ବିସ୍ତାରିତ ହେବାର ଯୋଜନା ଥିଲା। ତାହା ସଂପୂର୍ଣ୍ଣ ହୋଇ ନଥିବା ବେଳେ ଯୋଗାଣ ମନ୍ତ୍ରୀ ଜିଲ୍ଲାର ବିକାଶ ପାଇଁ ଢେଙ୍କାନାଳକୁ ମେଟ୍ରୋ ଟ୍ରେନ୍ ଚାଲିବ ବୋଲି ଏହି ମେଳାରେ ଭାଷଣ ଦେଇଛନ୍ତି। ଆଳୁ, ପିଆଜ ସମେତ ପନିପରିବା ଓ ଖାଉଟି ସାମଗ୍ରୀର ଦରବୃଦ୍ଧି କିଭଳି ରୋକାଯିବ ସେ ସମ୍ପର୍କରେ କିଛି ନ କହି ଅନ୍ୟ ବିଭାଗରେ ମୁଣ୍ଡ ପୂରାଇ ଢେଙ୍କାନାଳକୁ ମେଟ୍ରୋ ଟ୍ରେନ୍ ଚାଲିବା ଭଳି ବୟାନ ଦେବା କେତେଦୂର ଯୁକ୍ତିଯୁକ୍ତ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ପଦାରେ ପଡ଼ିଲା ବିଜେପିର ଅନ୍ତଃକନ୍ଦଳ

**'ବିଜେପି ବିଧାୟକ ନୂଆ ବୋହୂ': ଦିଲ୍ଲୀପ ମଲ୍ଲିକ**

**ଭୁବନେଶ୍ୱର,୨୧।୧୨(ସମିସ):** ରାଜ୍ୟ ବିଜେପିରେ ଅନ୍ତଃକନ୍ଦଳ ଏବେ ପୁଣିଥରେ ପଦାକୁ ଆସିଛି। କଟକ ସଦର ନିର୍ବାଚନମଣ୍ଡଳୀରୁ ଟିକଟ ପାଇଁ ଆଶାୟୀ ଥିବା ବିଜେପିର ବରିଷ୍ଠ ନେତା ଦିଲ୍ଲୀପ ମଲ୍ଲିକ ଖୋଲାଖୋଲି ନିଜ ଅସନ୍ତୋଷ ଜାହିର କରିଛନ୍ତି। ସେ କହିଛନ୍ତି, ଦୀର୍ଘ ଦିନ ଧରି ଦଳରେ ସେବା କରୁଥିବା ନେତା, କର୍ମୀଙ୍କୁ ଅଣଦେଖା କରାଯାଉଛି। ଦଳର ସଂଗଠନକୁ ସୁଦୃଢ଼ କରିବାରେ ଦୀର୍ଘ ଦିନ ହେଲା ନିଜକୁ ସମର୍ପିତ କରିଥିବା କାର୍ଯ୍ୟକର୍ତ୍ତା ଅଲୋଡ଼ା ହୋଇଯିବା ମୋତେ ଦୁଃଖିତ କରିଛି। ଦଳର ବିଧାୟକ ନୂଆ ବୋହୂ ଭଳି ଆଚରଣ କରୁଛନ୍ତି। ସଂଗଠନ କଥା ବୁଝିବାକୁ କେହି ନାହିଁ। ଦଳର ସଭାପତି ମଧ୍ୟ ସବୁ ଜାଣି ଚୁପ୍। ଶ୍ରୀ ମଲ୍ଲିକ ସାମାଜିକ ଗଣମାଧ୍ୟମରେ ଏପରି ମନ୍ତବ୍ୟ ପୋଷ୍ଟ କରିବା ପରେ ଦଳୀୟ କନ୍ଦଳ ପଦାରେ ପଡ଼ିଛି ବୋଲି ଆଲୋଚନା ହେଉଛି।

ଏ ସମ୍ପର୍କରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ମଲ୍ଲିକ କହିଛନ୍ତି, ଜଣେ ରାଜନେତା ଭାବେ ମୁଁ ମୋ ମନର କିଛି ବ୍ୟକ୍ତିଗତ କଥାକୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛି। ଏପରି କିଛି ପରିସ୍ଥିତି ଆସେ, ଜଣେ ମୁହଁ ଖୋଲିବା ପାଇଁ ବାଧ୍ୟ ହୋଇଥାଏ। କିନ୍ତୁ ମୁଁ ମୋ ପାଇଁ ଆଦୌ ଦୁଃଖିତ ନୁହେଁ।

ଯେଉଁମାନେ ଦିନରାତି ପରିଶ୍ରମ କରି ଦଳକୁ ସଫଳତା ଦେଇଛନ୍ତି, ସେମାନଙ୍କ କଥା ଭାବି ମୋତେ ଦୁଃଖ ଲାଗୁଛି। ଗତ ୧୫ ବର୍ଷ ଧରି ଦଳୀୟ ସଂଗଠନ ପାଇଁ ସମର୍ପିତ ଭାବେ କାମ କରୁଛି ଏବଂ ୩ ଥର ନିର୍ବାଚନ ଲଢ଼ିଛି। କିନ୍ତୁ ଆଜି ବି ମୁଁ କହୁଛି ଯେ ଦଳ ମୋତେ ଅଣଦେଖା କରିନାହିଁ। କିନ୍ତୁ ମୋ ମନକୁ ଏହା ବ୍ୟଥିତ କରିଛି ଯେ କଟକ ସଦର ନିର୍ବାଚନମଣ୍ଡଳୀରେ ମୋ ସହ କାମ କରୁଥିବା କାର୍ଯ୍ୟକର୍ତ୍ତା ଭାଇ ଭଉଣୀମାନଙ୍କୁ ହତାଦର କରାଯାଉଛି। ସମସ୍ତେ ମନେ ରଖିବା ଉଚିତ ଯେ ସେହିମାନଙ୍କ ଅକ୍ଳାନ୍ତ ପରିଶ୍ରମ ପାଇଁ କଟକ ସଦର ନିର୍ବାଚନମଣ୍ଡଳୀରେ ବିଜେପି ଜିତିଛି। ଏଠି ଭିତିରିଆ ଲୋକ, ବାହାରିଆ ଲୋକ କହି ରାଜନୀତି କରାଯାଉଛି। ଏହା ଦଳର ଭବିଷ୍ୟତ ପାଇଁ ଆଦୌ ଭଲ ନୁହେଁ। ସମୟ ଆସିଲେ, ଦଳର ଶୀର୍ଷ ନେତୃତ୍ୱଙ୍କ ସମ୍ମୁଖରେ ଏହି ପ୍ରସଙ୍ଗ ଉତ୍ଥାପନ କରିବି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ଶ୍ରୀ ମଲ୍ଲିକ କଟକ ସଦର ନିର୍ବାଚନମଣ୍ଡଳୀରୁ ଟିକଟ ପାଇଁ ଆଶାୟୀ ଥିଲେ। ହେଲେ ପ୍ରକାଶ ସେଠୀଙ୍କୁ ଦଳ ଟିକଟ ଦେଇଥିଲା। ନିର୍ବାଚନ ପରଠାରୁ ବିଧାୟକ ଏବଂ ମଲ୍ଲିକଙ୍କ ଗୋଷ୍ଠୀ ଭିତରେ ଶୀତଳଯୁଦ୍ଧ ଚାଲିଛି। ଦଳୀୟ ଅନ୍ତଃକନ୍ଦଳ ଏବେ ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲାଣି ବୋଲି ଅଲୋଚନା ହେଉଛି।





# କଟକ ସିଟି

# ମହିଳାଙ୍କ ବେକରୁ ସୁନା ଚେନ୍ ଛଡ଼ାଇ ଯୁବକ ଅଟକ

**କଟକ, ୨୧।୧୨(ସମିସ):** ବାଦାମବାଡ଼ି ନେତାଜୀ ବସ୍ ଟର୍ମିନାଲ୍ ଭିତରେ ଜଣେ ମହିଳାଙ୍କ ବେକରୁ ସୁନା ଚେନ୍ ଛଡ଼ାଇବାକୁ ଉଦ୍ୟମ କରୁଥିବା ବେଳେ ସମ୍ପୃକ୍ତ ଯୁବକକୁ ପୁଲିସ ଅଟକ ରଖିଛି। ଘଟଣା ସ୍ଥଳରେ ଚେନ୍ ଛଡ଼ାଇବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସର କହିବାନୁସାରେ, ଆଜି ପୂର୍ବାହ୍ନରେ ସିଏନ୍‌ବିଟି ଭିତରେ ମୋ' ବସ୍ ଲାଗୁଥିବା ବେ' ପାଖରେ ଯାତ୍ରୀମାନେ ଅପେକ୍ଷା କରି ରହିଥିଲେ। ସେଠାରେ ଜଣେ ମହିଳା ଯାତ୍ରୀ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ସମ୍ପୃକ୍ତ ଯୁବକ ତାଙ୍କ ବେକରୁ ସୁନା ଚେନ୍ ଛଡ଼ାଉଥିବା ମହିଳା ଜାଣିପାରିଥିଲେ। ହେଲେ ଚେନ୍ ଛିଣ୍ଡାଇବା ପୂର୍ବରୁ ମହିଳା ଜଣକ ଚିତ୍କାର କରିବାରୁ ଯୁବକ ଜଣକ ସେଠାରୁ ଦୌଡ଼ିବାକୁ ଲାଗିଥିଲେ। ଏହା ପରେ ଅନ୍ୟ ଯାତ୍ରୀ ଉକ୍ତ ଯୁବକଙ୍କୁ କାବୁ କରିନେଇଥିଲେ। କିଛି ଯାତ୍ରୀ ଓ ମହିଳା ମିଶି ତାକୁ ନିସ୍ତୁକ ମାଡ ମାରିଥିଲେ। ଏହାକୁ ନେଇ କିଛି ସମୟ ପାଇଁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ସିଏନ୍‌ବିଟିରେ ଥିବା ଫାଣ୍ଡି ପୁଲିସ ଆସି ଯୁବକଙ୍କୁ ଅଟକ ରଖିଥିଲା। ମାତ୍ର ଚେନ୍ ଛଡ଼ାଇବାର ଅଭିଯୋଗ କରୁଥିବା ମହିଳା କିନ୍ତୁ ପୁଲିସ ପାଖରେ ଅଭିଯୋଗ ନକରି ସେଠାରୁ ପଳାଇଥିଲେ। ଫଳରେ ଯୁବକଙ୍କୁ ଦୀର୍ଘ ସମୟ ପୁଲିସ ଅଟକ ରଖି ତାର ବ୍ୟକ୍ତିଗତ ତଥ୍ୟ ସଂଗ୍ରହ କରି ଛାଡ଼ିଦେଇଥିବା ଜଣାପଡ଼ିଛି।

■ ବିଦେଶୀ ନୋଟ୍ ବଦଳ ଘଟଣା

# କୋଲକାତାର ୪ ଠକ ଗିରଫ



**କଟକ, ୨୧।୧୨(ସମିସ):** ନକଲି ବିଦେଶୀ ନୋଟ୍ ବଦଳ ଘଟଣାରେ ମଙ୍ଗଳାବାଗ ଥାନା ପୁଲିସକୁ ଏକ ବଡ଼ ଧରଣର ସଫଳତା ମିଳିଛି। ବିଦେଶୀ ନୋଟକୁ ଭାରତୀୟ ମୁଦ୍ରା ସହିତ ବଦଳ କରିବା ଆଳରେ ଏକ ବଡ ଧରଣର ଠକେଇ ହୋଇଥିଲା। ଦୁର୍ବୃତ୍ତମାନେ ଜଣେ ବ୍ୟକ୍ତିଙ୍କୁ ସାଉଦିଆରବ ଦେଶରେ ପ୍ରଚଳିତ 'ରିଆଦ୍' ନୋଟ ବଦଳ ବାହାନାରେ ଏକ ସାବୁନ ଖଣ୍ଡ ଧରାଇ ୨ ଲକ୍ଷ ଟଙ୍କା ଠକି ନେଇଥିଲେ। ଏହି ଘଟଣାରେ ମଙ୍ଗଳାବାଗ ଥାନା ପୁଲିସ ୪ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ୨୪ ପ୍ରଗଣା ଜିଲ୍ଲାର ସେକ ୟୁସୁଫ(୪୪), ମନରୁଲ ସେଖ(୩୫), ଇଲିଆସ ହୁସେନ(୪୯) ଓ ଇବ୍ରାହିମ ସେଖ(୪୬)। ଏମାନଙ୍କ ଠାରୁ ୧ ଲକ୍ଷ ୨୫ ହଜାର ଟଙ୍କା, ୮ଟି ମୋବାଇଲ ଓ ସାଉଦିଆରବର '୫୦ ରିଆଦ' ମୂଲ୍ୟର ୧୦ଟି ନୋଟ ଜବତ କରାଯାଇଛି। ଶନିବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

ପୁଲିସ ସୂଚନା ଅନୁସାରେ, ଜଗତସିଂହପୁର ମଣ୍ଡାସାହିର ଅକସର ଅଲ୍ଲୀ ତାଙ୍କର ଜଣେ ସମ୍ପର୍କୀୟଙ୍କ ଚିକିତ୍ସା କରାଇବା ପାଇଁ ଓଲଟପୁରସ୍ଥିତ 'ନିରତାର'କୁ କିଛି ଦିନ ପୂର୍ବେ ଯାଇଥିଲେ। ସେଠାକୁ ସେ ଚିକିତ୍ସା ପାଇଁ ଏକାଧିକବାର ଯିବା ଭିତରେ ହସ୍ପିଟାଲ ନିକଟ କୋଠା ରଙ୍ଗ କରୁଥିବା ପଶ୍ଚିମବଙ୍ଗର କିଛି ଶ୍ରମିକଙ୍କ ସହିତ ପରିଚିତ ହୋଇଥିଲେ। ତନ୍ମଧ୍ୟରୁ ଜଣେ କାରିଗର ନିଜ ପାଖରେ କିଛି ସାଉଦିଆରବର ନୋଟ ରଖିଥିବା କହିଥିଲା। ଉକ୍ତ ନୋଟକୁ ଭାରତୀୟ ନୋଟରେ ବଦଳ କଲେ ପ୍ରାୟ ଦୁଇ ଗୁଣା ଟଙ୍କା ମିଳିବ ବୋଲି ସୂଚନା ଦେଇଥିଲା। ଯଦି କେହି ୨ ଲକ୍ଷ ଟଙ୍କା ପ୍ରଦାନ କରିବେ ତାହାଲେ ପ୍ରାୟ ୪ ଲକ୍ଷ ମୂଲ୍ୟର ସାଉଦିଆରବର 'ରିଆଦ' ନୋଟ ଦେବ ବୋଲି ଶ୍ରମିକ ଜଣକ ଜଣାଇଥିଲା। ଏପରିକି ଏକ ରିଆଦ୍ ନୋଟ ମଧ୍ୟ ଦେଖାଇଥିଲା। ଏହି ବିଷୟ ଜାଣିବା ପରେ ଅକସାର ଅଲ୍ଲୀ ଏନେଇ ନିଜର ଭିଣୋଇ ଅବସାର ଅଲ୍ଲୀଙ୍କୁ ଜଣାଇଥିଲେ। ଅବସାର ମଧ୍ୟ ଏହି କଥାରେ ରାଜି ହୋଇଥିଲେ। ୨ ଲକ୍ଷ ଟଙ୍କା ଦେଇ ୪ଲକ୍ଷ ମୂଲ୍ୟର ରିଆଦ ନୋଟ ଆଣିବାକୁ ନିଷ୍ପତ୍ତି ନେଇଥିଲେ। ଏହାପରେ ସେହି ପଶ୍ଚିମବଙ୍ଗ ଶ୍ରମିକଙ୍କ ସହିତ ଫୋନରେ କଥା ହୋଇଥିଲେ। ନୋଟ ଅଦଳ ବଦଳର ସ୍ଥାନ ଓ ଦିନ ଧାର୍ଯ୍ୟ କରାଯାଇଥିଲା। ଏହି କ୍ରମେ ୧୮ ତାରିଖ ସକାଳ ସାଢେ ୮ଟା ବେଳେ ମହ୍ଲାସାହି ପାଖ ଏକ ମନ୍ଦିର ନିକଟରେ ନୋଟ ଅଦଳବଦଳ ହୋଇଥିଲା। ଅବସାର ୨ ଲକ୍ଷ ଟଙ୍କା ଦେଇଥିଲେ। ବଦଳରେ ଏକ କାଗଜ ଭିତରେ 'ରିଆଦ' ନୋଟ ଥିବା କହି ପଶ୍ଚିମବଙ୍ଗର ଦୁଇ ଜଣ ଯୁବକ ଏକ ବିଡା ଧରାଇ ସେଠାରୁ ପଳାଇଥିଲେ। ମାତ୍ର କିଛି ସମୟ ପରେ ଉକ୍ତ ବିଡା ଖୋଲିବାରୁ ତା' ଭିତରେ ଏକ ବଡ ସାବୁନ ଖଣ୍ଡ ରହିଥିଲା। ଏହା ଦେଖି ଅକସାର ଓ ଅବସାର ଚକିତ ହେବା ସହିତ ଠକେଇରେ ପଡ଼ିଥିବା ଜାଣି ମଙ୍ଗଳାବାଗ ଥାନାରେ ଏତଲା ଦେଇଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଅଭିଯୁକ୍ତମାନେ ବହୁ ପୁରୁଣା ଓ ପଶ୍ଚିମବଙ୍ଗର ଫୋନ ନମ୍ବର ବ୍ୟବହାର ଅତି ଚତୁରତାର ସହିତ କରିଥିବାରୁ ତାଙ୍କୁ ଠାବ କରିବା ସହଜ ହୋଇନଥିଲା। ପୁଲିସ ସେମାନଙ୍କର ପ୍ରାୟ ୧୦ରୁ ୧୨ ବର୍ଷର ପୁରୁଣା ଫୋନ କଲ ରେକର୍ଡ ଖୋଳତାଡ କରିବା ପରେ ଏକ ସୁରାକ ମିଳିଥିଲା। ଏହାପରେ ପୁଲିସ ଆଜି ଜଗତପୁର ଅଞ୍ଚଳରେ ଚଢଉ କରି ଘଟଣାରେ ସାମିଲ ଥିବା ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ କିଛି ଟଙ୍କା, ମୋବାଇଲ, ସାଉଦିଆରବର ନୋଟ ଜବତ କରାଯାଇଛି।

**ସାବୁନ୍ ଖଣ୍ଡ ଧରାଇ ଠକି ନେଇଥିଲେ ଲକ୍ଷାଧିକ ଟଙ୍କା**

**୧.୨୫ ଲକ୍ଷ ଟଙ୍କା, ମୋବାଇଲ, ସାଉଦିଆରବ ନୋଟ୍ ଜବତ**




# ବର୍ଷାରେ ଭିଜୁଛି; ଶୀତରେ ଥରୁଛି ସହର



**କଟକ, ୨୧।୧୨(ସମିସ):** ଦୁଇ ଦିନ ହେବ ଝିପିଝିପି ବର୍ଷା ଯୋଗୁଁ ସହର ବର୍ଷାରେ ଭିଜୁଛି, ଶୀତରେ ଥରୁଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ୨ଦିନ ହେବ ଝିପିଝିପି ବର୍ଷା ଲାଗି ରହିଛି। କଟକ ସହରରେ ଗତକାଲି ଓ ଆଜି ବର୍ଷା ଲାଗି ରହିଥିବା ଫଳରେ ସାଧାରଣ ଜୀବନଯାତ୍ରାରେ ବ୍ୟାଘାତ ସୃଷ୍ଟି ହୋଇଛି। ୨ଦିନ ହେବ ବଜାରରେ ମାନ୍ଦାବସ୍ଥା ଲାଗି ରହିଛି। ଶୀତ ଓ ବର୍ଷା ଦାଉରୁ ଲୋକମାନେ ଘରୁ ବାହାରିବା କଷ୍ଟକର ହୋଇପଡ଼ିଛି। ସ୍କୁଲ, କଲେଜ, ଅଫିସର ଓ ଜରୁରୀକାଳିନ କାର୍ଯ୍ୟରେ ବାହାରୁଥିବା ଲୋକମାନେ ହାତରେ ଛତା, ରେନକୋର୍ଟ ସହିତ ଶୀତ ଦିନିଆ ଜ୍ୟାକେଟ୍ ପିନ୍ଧୁଥିବା ନଜରକୁ ଆସୁଛି। ପ୍ରବଳ ଶୀତ ସାଙ୍ଗକୁ ଝିପି ଝିପି ବର୍ଷା ଯୋଗୁଁ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ ବାତିଲ୍ କରାଯାଇଛି। ଆସନ୍ତା କାଲି ବାରବାଟୀ ଦୁର୍ଗ ଓ ଜୁଡିସିଆଲ୍ ମ୍ୟୁଜିମ୍ ମଧ୍ୟରେ ଥିବା ରାସ୍ତାରେ ପଥୋତ୍ସବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିଲା। ଅଦିନିଆ ବର୍ଷା ଯୋଗୁଁ ଏହି କାର୍ଯ୍ୟକ୍ରମ ବାତିଲ୍ କରିଦିଆଯାଇଛି। ଅନ୍ୟପଟେ ଏଭଳି କୋହଲା ପାଗ ଆଉ ୩/୪ଦିନ ଲାଗି ରହିବ ବୋଲି ପାଣିପାଗ ବିଭାଗ ଅନୁମାନ କରୁଛି।















**ମୁଣ୍ଡ ବିନ୍ଧା ପାଲଟିଛି 'ଅନ୍‌ଲାଇନ୍ ଜୁଆ'**

# ୨୦୨୪ରେ ଗଲାଣି ୧୩ କୋଟିରୁ ଅଧିକ

**କଟକ, ୨୧।୧୨(ସମିସ):** ଆଉ ମାତ୍ର ଗୋଟିଏ ସପ୍ତାହ ପରେ ୨୦୨୪ ବିଦାୟ ନେବ। ଏହି ବର୍ଷ କଟକ ସହରରେ ସାଇବର ଅପରାଧିମାନେ ୧୩ କୋଟିରୁ ଅଧିକ ଟଙ୍କା ଠକି ନେଇଥିବା ଜଣାପଡ଼ିଛି। ଅନଲାଇନ୍ ଠକେଇ ମଧ୍ୟରେ ଏହି ବର୍ଷରେ ଜୁଆ ଖେଳ ସାଇବର ପୁଲିସର ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ବିହାର, ଦିଲ୍ଲୀ, ଛତିଶଗଡ଼, ଗୁଜୁରାଟ ଭଳି ଏକାଧିକ ରାଜ୍ୟର ସାଇବର ଅପରାଧିମାନେ ଅନଲାଇନ୍‌ରେ ଜୁଆ ଖେଳାଇ ଏଭଳି ଅପରାଧ ଘଟାଉଛନ୍ତି। ସାଇବର ଥାନା ପୁଲିସ ଅନଲାଇନ୍ ଜୁଆ ନଖେଳିବାକୁ ଉଭୟ ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ ମଧ୍ୟ ତାହା ଫଳପ୍ରଦ ହେଉନାହିଁ। ମୋବାଇଲ୍ ପ୍ଲେ'ଷ୍ଟୋର୍‌ରୁ ମନଇଛାରେ ଅର୍ଥ ନିବେଶ ହେଉଥିବା ଗେମ୍ ଡାଉନଲୋଡ୍ କରିବା ହିଁ ବିପଦ ସୃଷ୍ଟି କରୁଛି। ସ୍ୱଳ୍ପ ଟଙ୍କା ବିନିଯୋଗ କରି ଲକ୍ଷାଧିକ ଟଙ୍କା ଆୟ କରିବା ଲୋଭରେ ଯୁବବର୍ଗ ନିଜର ବ୍ୟାଙ୍କ୍ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ହରାଉଛନ୍ତି। ଗତ ୧୧ମାସ ମଧ୍ୟରେ କଟକ ସାଇବର ଥାନାରେ ଅନଲାଇନ୍ ଜୁଆ ଖେଳି ଟଙ୍କା ହରାଇଥିବା ଅଭିଯୋଗକାରୀଙ୍କ ସଂଖ୍ୟା ୭୦ ଛୁଇଁଲାଣି। ଦିନକୁ ଦିନ ମୋବାଇଲ୍ ପ୍ଲେ'ଷ୍ଟୋର୍‌ରୁ ଅର୍ଥ ଲଗାଣ ଗେମ୍ ଡାଉନ୍‌ଲୋଡ୍ କରି ଜୁଆ ଖେଳାଳିଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଅନ୍ୟପକ୍ଷରେ ଜୁଆ ଖେଳରୁ ଦୂରେଇ ରହିବାକୁ କମିଶନରେଟ୍ ପୁଲିସ ପକ୍ଷରୁ ସ୍କୁଲ ଓ କଲେଜଗୁଡ଼ିକରେ ବିଭିନ୍ନ ସମୟରେ ସଚେତନତା କର୍ମଶାଳାମାନ ଆୟୋଜନ କରୁଥିଲା। କିନ୍ତୁ ଏହି କାର୍ଯ୍ୟକ୍ରମ ୪ମାସ ହେବ ବନ୍ଦ ହୋଇଯାଇଛି। ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀମାନେ ନିଜ ପିଲାମାନଙ୍କୁ ଅନଲାଇନ୍ ଜୁଆ ସମ୍ପର୍କରେ ସଚେତନ କରାଇବା ଏବେ ଜରୁରୀ ହୋଇ ପଡ଼ିଛି।

ସାଇବର ଥାନା ପୁଲିସର ସୂଚନା ଅନୁସାରେ, ସର୍ବନିମ୍ନ ୧୧ଟଙ୍କାରୁ ଜୁଆଖେଳ ଆରମ୍ଭ ହେଉଛି। ସର୍ବାଧିକ ୨୫ଲକ୍ଷରୁ ଊର୍ଦ୍ଧ୍ୱ ପର୍ଯ୍ୟନ୍ତ ଏହି କାରବାର କରାଯାଉଛି। ବିଭିନ୍ନ ବର୍ଗରେ ଜୁଆଡିଙ୍କୁ ସାମିଲ କରାଯାଇ ଅନଲାଇନ୍ ମାଧ୍ୟମରେ ଖେଳ ହେଉଛି। ଖେଳର ଅବଧି ୩ପ୍ରକାର ଧାର୍ଯ୍ୟ ହୋଇଛି। ୧୫ମିନିଟ୍, ୧ଘଣ୍ଟା ଓ ଦିନିକିଆ ଭାବେ ଜୁଆର ସମୟ ଧାର୍ଯ୍ୟ କରାଯାଇଛି। ଏହି ସମୟ ମଧ୍ୟରେ ଜୁଆଡିମାନେ ବେଟ୍ ଲଗାଉଛନ୍ତି। ଜ୍ୟାକ୍‌ପଟ୍ ଗୁରୁ, ବିଗ୍-ବାଜି, କ୍ୟାସିନୋ-ଡେ', ଉଇନ୍ ଡାଡି, ପିପ୍‌ଷ୍ଟାର୍, କ୍ଲାସିକ୍, ରାଜାବେଟ୍, ସୋଲ୍ ବେଟ୍, ଜିତ୍-କ୍ୟାସିନୋ, ଜିତ୍-ପ୍ଲେ', ବେଟ୍-ୱେ, ଜଙ୍ଗଲ୍ ଉଇନ୍ ଅନ୍‌ଲାଇନ୍ ଆପ୍ଲିକେସନ୍ ମାଧ୍ୟମରେ ଏଠାରେ ଜୁଆଖେଳ ହେଉଛି। ଅନ୍‌ଲାଇନ୍ ପେମେଣ୍ଟ ମାଧ୍ୟମରେ ଜୁଆଡିମାନେ ଅର୍ଥ ଲଗାଣ କରୁଥିବା ବେଳେ ଅଫ୍‌ଲାଇନ୍ (ହାର୍ଡ କ୍ୟାସ୍)ରେ ଟଙ୍କା ଆଦାନପ୍ରଦାନ ମଧ୍ୟ କରାଯାଉଛି। ଅନଲାଇନ୍ ଜୁଆ ଖେଳରେ ଛାତ୍ରଛାତ୍ରୀ, ଯୁବବର୍ଗ ନିଜ ଘରେ ବସି ମୋମାଇଲ୍‌ରେ ଟଙ୍କା ବିନିଯୋଗ କରୁଛନ୍ତି।

ଅନଲାଇନ୍‌ରେ ହେଉଥିବା ଜୁଆ ଖେଳ ମଧ୍ୟରେ କେତେକ ପଞ୍ଜିକୃତ କମ୍ପାନୀକୁ ଛାଡିଲେ ଅଣପଞ୍ଜିକୃତ କମ୍ପାନୀମାନେ ଯୁବବର୍ଗଙ୍କୁ ଲୁଟିବାରେ ଲାଗିଛନ୍ତି। ସେମାନେ ମିଥ୍ୟା ତଥ୍ୟ ଦେଇ ଜୁଆ ଖେଳପ୍ରତି ଆକୃଷ୍ଟ କରୁଛନ୍ତି। ଏହି ଖେଳରେ ସାମିଲ ହେବା ପାଇଁ ଖେଳାଳି ନିଜର ବ୍ୟାଙ୍କ୍ ଆକାଉଣ୍ଟ ସମ୍ପର୍କିତ ତଥ୍ୟ ପ୍ରଦାନ କରୁଛନ୍ତି। ପ୍ରଥମେ ବିଶ୍ୱାସ ଜନ୍ମେଇବା ନିମନ୍ତେ ଅଳ୍ପ କିଛି ଟଙ୍କା ପ୍ରଦାନ କରୁଛନ୍ତି। ଏହାପରେ ଯେତେବେଳେ ଗେମ୍ ଖେଳୁଥିବା ଖେଳାଳି ଅଧିକ ଟଙ୍କା ବିନିଯୋଗ କରେ, ଠିକ୍ ସେହି ସମୟରେ ଲୁଟ୍‌ର ପ୍ରକ୍ରିୟା ଆରମ୍ଭ କରି ଲକ୍ଷାଧିକ ଟଙ୍କା ଅନଲାଇନ୍‌ରେ ଲୁଟି ନେଉଥିବା ନଜରକୁ ଆସୁଛି।




**ନକଲି ଆପ୍ ମାୟାରେ ପଡ଼ି ହରାଉଛନ୍ତି ଲକ୍ଷାଧିକ ଟଙ୍କା**

**ପ୍ଲେ'ଷ୍ଟୋର୍‌ରୁ ହଟିପାରୁନି ନକଲି ଜୁଆ ପ୍ଲାଟ୍‌ଫର୍ମ**

**ଅର୍ଥ ନିବେଶ କରି ଗେମ୍ ନ ଖେଳିବାକୁ ସାଇବର ପୁଲିସର ପରାମର୍ଶ**

# ଘର



କ୍ଷୀରୋଦ ବିହାରୀ ବିଶ୍ୱାଳ

॥୧॥

ଗୁଡୁଲୁ,ବାପାଙ୍କ ଗାଡ଼ି ଟାଙ୍କିରେ ବସି ସ୍କୁଲ୍ ଯିବା ଓ ଆସିବା ବେଳେ ପ୍ରତିଦିନ ଦେଖେ ସେହି ପିଲାମାନଙ୍କୁ ଖେଳୁଥିବାର ।

ନୁଖୁରା ବାଳ, ଚିରା ପୋଷାକ, ଖାଲି ପାଦ, କିନ୍ତୁ ମୁହଁରେ ଏକ ଚମତ୍କାର ହସ ।

ଦିନେ ସେ ବାପାଙ୍କୁ ପଚାରିଲା "ବାପା ୟେ ପିଲାମାନଙ୍କ ଘର କୋଉଠି ?"

ବାପା ଆଙ୍ଗୁଠି ଠାରି ଦେଖେଇଦେଲେ "ରାସ୍ତା ପାଖରେ ଦୁଇଟି ବାଉଁଶକୁ ଆଶ୍ରାକରି ଝୁଲିଥିବା ପଲିଥିନ ଦୁଇଟାକୁ ।"

-"ବାପା ଆମେ ବି ଏମିତି ଘରଟେ କରିବା!"

ଗୁଡୁଲୁର କଥା ଶୁଣି ବାପା ଆଶ୍ଚର୍ଯ୍ୟ ହେଇ ପଚାରିଲେ - "କାହିଁକି ?"

- "ସବୁଦିନ ଘରମାଲିକ ଘରଭଡ଼ା ପାଇଁ ଆସି ତୁମକୁ ଗାଳି କରୁଛି, ମୋତେ ଭଲ ଲାଗୁନି । ଏଇ ରାସ୍ତା ପାଖରେ ରହିଲେ ତ କେହି ତୁମକୁ ଗାଳି କରିବେନି ।"

ବାପା ଆଖିରେ ଆଖିଏ ଲୁହ ଧରି ଗାଡ଼ି ଷ୍ଟାର୍ଟ କଲେ । ■

॥୨॥

କାହିଁ କେତେକାଳରୁ ଗାଁ ମଝିରେ ଗୋଟେ କୁଟା ଛପର- ବାଡ଼ଛାଟି ଘରେ ପୂଜା ପାଉଥିଲେ ଦୁଇ ଚାଙ୍ଗଡ଼ ଲମ୍ବ ଓ ଚାଙ୍ଗଡ଼େ ଓସାରର ଜଗନ୍ନାଥ ମୂର୍ତ୍ତି ।

ଏଇ କିଛି ବର୍ଷ ହେବ ଜଣେ ନେତା ଓ କିଛି ବଦାନ୍ୟ ବ୍ୟକ୍ତିଙ୍କ ଚାନ୍ଦାରେ ସେ ବାଡ଼ଛାଟି ଘର ଭାଙ୍ଗି ତିଆରି ହୋଇଛି ଇଟା ସିମେଣ୍ଟର ଏକ ସୁନ୍ଦର ମନ୍ଦିର । ନିଷ୍ପତ୍ତି ହେଲା କି ମନ୍ଦିର ପାଇଁ ଚାରୋଟି ମୂର୍ତ୍ତି ନୂଆ କରି ତିଆରି ହେବ । ମୂର୍ତ୍ତି ତିଆରି ହେଇପାରିବା ଭଳି ବଡ଼ ନିମ୍ବ ଗଛ କେବଳ ଗୋଟିଏ ଅଛି ଗାଁ ଭିତରେ । ସେଇଟା ପୁଣି ନୂଆ ଜଗନ୍ନାଥ ମନ୍ଦିରକୁ ଲାଗି ।

ଗଛରେ ପ୍ରଥମ ଟାଙ୍ଗିଆ ଚୋଟ ପଡ଼ିଲା । କେତେକାଳୁ ଘରକରି ରହିଥିବା ଚଢ଼େଇମାନେ ଭୟରେ ଏକା ସାଙ୍ଗରେ ଉଡ଼ିଗଲେ ଆକାଶକୁ । ଲାଗୁଥିଲା ଯେମିତି ଆତ୍ମା ଶରୀର ଛାଡ଼ି ଅନ୍ତରୀକ୍ଷକୁ ଚାଲିଗଲା ।

ଚୋଟ ପରେ ଚୋଟର ଶବ୍ଦ, ଗଛଟି ମାଟିରେ ଲୋଟି ପଡ଼ିବାକୁ ପ୍ରସ୍ତୁତ ପ୍ରାୟ । ଗୋଟେ ପଟକୁ ଦୁଇଟି ଶକ୍ତ ଦଉଡ଼ିରେ କିଛିଲୋକ ବିଶାଳ ଗଛଟିକୁ ଭିଡୁଥାନ୍ତି । ସେ ସମସ୍ତ ଲୋକଙ୍କ ଶକ୍ତିକୁ ପ୍ରତିହତ କରି ବିଶାଳ ନିମ୍ବ ଗଛଟି ଗଡ଼ି ପଡ଼ିଲା ନୂତନ ଭାବରେ ତିଆରି ହୋଇଥିବା ମନ୍ଦିର ଉପରେ ।

ଗୋଟିଏ ମୁହୂର୍ତ୍ତରେ ମନ୍ଦିରଟି ଅଧାଭାଙ୍ଗି ମାଟିରେ ମିଶିଗଲା । ଚାରିଆଡ଼େ ଛିଟକି ପଡ଼ିଥିଲା ସେ ଗଛରେ ଥିବା ପକ୍ଷୀମାନଙ୍କ ଘରସବୁ, କିଛି ଛୋଟ ପକ୍ଷୀ, କିଛି ଭଙ୍ଗା ଅଣ୍ଡା ବି ।

ପୂଜାରୀ କହିଲେ- "ବୋଧହୁଏ କାଳିଆର ନୂଆଘରେ ରହିବାକୁ ଇଚ୍ଛା ନଥିଲା ।" ■

॥୩॥

ରବୀନ୍ଦ୍ର ମାଷ୍ଟ୍ରେ ଏହି ବର୍ଷ ଅବସର ନେଲେ । ଦରମା ପଇସାରେ ତିନି ଝିଅ, ତିନି ପୁଅଙ୍କୁ ପାଠ ପଢ଼େଇଲେ ଓ ଛଅଜଣଙ୍କ ବାହାଘର ବି କଲେ । ଏବେ ଅବସର ପରେ ଏକକାଳୀନ ପାଇଥିବା ପଇସାରେ ଗାଁରେ ତିନି ମହଲା ଘରଟେ କରିଛନ୍ତି ।

ତଳମହଲାରେ ତେଜରାତି ଦୋକାନ କରିଥିବା ବଡ଼ପୁଅ ଓ ମଝି ମହଲାରେ ଗାଁରେ ଟିଉସନ୍ ମାଷ୍ଟର ହେଇଥିବା ମଝିଆ ପୁଅ ରହୁଛି । ଉପର ମହଲା ସାନର, ସେ ତା' ଭାଗର ଉପରମହଲାକୁ ଗାଁ ସ୍କୁଲ୍‌କୁ ଆସିଥିବା ନୂଆ ମାଷ୍ଟ୍ରାଣୀଙ୍କୁ ଭଡ଼ାରେ ଦେଇ ଚାକିରି ପାଇଁ ଦିଲ୍ଲୀରେ ରହୁଛି ।

ରବୀନ୍ଦ୍ର ମାଷ୍ଟ୍ରେ ବି ତାଙ୍କ ବାପା ତିଆରି ଥିବା ମାଟିକାନ୍ଥ-ଟାଇଲ୍ ଛପର ଘରେ ସପତ୍ନୀକ ଆରାମରେ ଅଛନ୍ତି । ■

ମାର୍ଫତ: କାର୍ତ୍ତିକ ଚନ୍ଦ୍ର ବିଶ୍ୱାଳ
ନୂଆପୁର, କଲ୍ୟାଣୀ , ବାଲେଶ୍ୱର
ମୋ: ୯୪୩୯୯୮୭୬୭୫

## ପୁସ୍ତକ ପରିଚୟ

### ଭିନ୍ନ ପ୍ରତ୍ୟୟ

ଡକ୍ଟର ଅଭୟ ନାରାୟଣ ନାୟକ



ପଶ୍ଚିମା ପବ୍ଲିକେଶନ୍ସ
୧୮୮୨, ନୟାପଲ୍ଲୀ
ଭୁବନେଶ୍ୱର
ତୃତୀୟ ପ୍ରକାଶ: ୨୦୨୪
ମୂଲ୍ୟ: ୧୨୯ ଟଙ୍କା

ତରୁଣର ଚିନ୍ତା,ଚେତନା ଓ ମାନସିକତାକୁ ନେଇ ଡକ୍ଟର ଅଭୟ ନାରାୟଣ ନାୟକଙ୍କ ରଚିତ ଗପ ପୁସ୍ତକ 'ଭିନ୍ନ ପ୍ରତ୍ୟୟ' ପ୍ରକାଶ ପାଇଛି । ଏହି ପୁସ୍ତକରେ ୧୯ଟି ଗଳ୍ପ ସଂକଳିତ ହୋଇଛି । 'ଉଭଟ ବିବର୍ତ୍ତନ', 'ବିଭଙ୍ଗ ନୀରବତା', 'ଝଡ଼', 'ସ୍ୱପ୍ନା କୁଜୁର୍ ଓ ଅନ୍ୟାନ୍ୟ ସ୍ୱପ୍ନମାନେ', 'ନୀଳ ବସନ୍ତ', 'ଅନ୍ଧାରର କିଛି ଦୃଶ୍ୟ', 'ଚନ୍ଦ୍ରସେଣା', 'ଈଶ୍ୱର ଗୋଟାଏ ଗପ', 'ସମୟ ଡାଳର ଛାଇ', 'ଈଶ୍ୱର ଓ ଭିନ୍ନ ପ୍ରତ୍ୟୟ', 'ଜୀବନ ଗପ', 'ସୌଜନ୍ୟ', 'ଦଶଭୁଜା', 'ଏକ ସୂର୍ଯ୍ୟୋଦୟର ପ୍ରତୀକ୍ଷାରେ', 'ବାହାବନ୍ଧା' ଆଦି ଗଳ୍ପଗୁଡ଼ିକ ମନଛୁଆଁ ହୋଇଛି । ମଣିଷ କିଭଳି ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଆଶା ଓ ସ୍ୱପ୍ନରେ ବଞ୍ଚେ, ତାହାର ମାର୍ମିକ ଚିତ୍ର ପ୍ରତିଫଳିତ ହୋଇଛି 'ସମୟ ଡାଳର ଛାଇ' ଗପରେ । ଛୋଟ ଗପଟିଏ ଅଥଚ ବେଶ୍ ମର୍ମଭେଦୀ । ସେପଟେ ଶିଳ୍ପ ନାଁରେ କିଭଳି ଗରିବ ଲୋକଙ୍କ ମୂଲ୍ୟବାନ ଚାଷ ଜମିକୁ ହଡପ୍ କରାଯାଏ, ତାହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି 'ସ୍ୱପ୍ନା କୁଜୁର୍ ଓ ଅନ୍ୟାନ୍ୟ ସ୍ୱପ୍ନମାନେ' ଗପ । ଏହି ପୁସ୍ତକର ଗପଗୁଡ଼ିକରେ ସାଂପ୍ରତିକ ସମାଜର ବାସ୍ତବତା, ଶୋଷକବର୍ଗ ଦ୍ୱାରା ଗରିବର ଶୋଷଣ, ମଣିଷର ଆଶା, ଆକାଂକ୍ଷା, ସ୍ୱପ୍ନଭଙ୍ଗର କଥା ପ୍ରତିଫଳିତ ହୋଇଛି । ପ୍ରତ୍ୟେକଟି ଗପର ସ୍ୱାଦ ଭିନ୍ନ । କାହାଣୀ ଓ ଚରିତ୍ର ଚିତ୍ରଣ ଦୃଷ୍ଟିରୁ ବେଶ୍ ପ୍ରଭାବଶାଳୀ ହୋଇଛି ଗପଗୁଡ଼ିକ । 'ଭିନ୍ନ ପ୍ରତ୍ୟୟ'ର ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### ଝଡ଼ ଶେଷର ମଣିଷ

ଅଜୟ କୁମାର ପାଳ



ଚିତ୍ରେଶ୍ୱରୀ ସାହିତ୍ୟ ସଂସଦ
ଚିତ୍ରଡ଼ା, ମୟୂରଭଞ୍ଜ
ପ୍ରଥମ ସଂସ୍କରଣ: ୨୦୨୩
ମୂଲ୍ୟ: ୧୭୦ ଟଙ୍କା

ଗାଳ୍ପିକ ଅଜୟ କୁମାର ପାଳଙ୍କ 'ଝଡ଼ ଶେଷର ମଣିଷ' ପୁସ୍ତକରେ ମୋଟ ୩୦ଟି କ୍ଷୁଦ୍ର ଗଳ୍ପ ସଂକଳିତ ହୋଇଛି । 'ଝଡ଼ ଶେଷର ମଣିଷ', 'ଅଥଚ ମୁଁ ହତଭାଗ୍ୟ', 'ପୁନଶ୍ଚ ହରି ସିଂ', 'ରାଜଦାଣ୍ଡେ ଗଜରାଜ', 'ଆଈ ନାତୁଣୀଙ୍କ ବିଜ୍ଞାନ ଚର୍ଚ୍ଚା', 'ଲଙ୍କାରେ ବିଭୀଷଣ', 'ଇଂରେଜ ଡାହାଣୀ', ' ଭିକାରିର ଦାନ', 'ଦୁଇ ଧାର', 'ସତ୍ୟ ପଥେ ଚାଲରେ', 'ଅମରତ୍ୱର ମାର୍ଗ', 'ସତ୍‌ସଙ୍ଗ' ଆଦି ଗପଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ଉଦୟ ବାବୁର ବାପାଙ୍କ ସ୍ୱପ୍ନ ଥିଲା ପୁଅ ଡାକ୍ତର ହେଉ । ତେବେ ବାପାଙ୍କ ସ୍ୱପ୍ନକୁ ସେ ସାକାର କରି ପାରିନାହାନ୍ତି, କିନ୍ତୁ ଜଣେ ଲେଖକ ଭାବେ ସମାଜର ପରିବର୍ତ୍ତନ ପାଇଁ ଲେଖନୀ ଚାଳନା କରି ସଫଳ ହୋଇଛନ୍ତି । ଆଉ ସେଥିପାଇଁ ତାଙ୍କୁ ମିଳିଛି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର । ପୁରସ୍କାର ପାଇଁ ନିମନ୍ତ୍ରଣ ପତ୍ର ପାଇବା ପରେ ଉଦୟ ବାବୁ କିଭଳି ଭାବବିହ୍ୱଳ ହୋଇପଡ଼ିଛନ୍ତି, ତାହା ମାର୍ମିକ ଭାବେ ପ୍ରସ୍ଫୁଟିତ ହୋଇଛି ' ଝଡ଼ ଶେଷର ମଣିଷ' ଗପରେ । ସେପଟେ ଶିକ୍ଷିତ, ରୋଜଗାରକ୍ଷମ ପୁଅ ଦ୍ୱାରା କିଭଳି ବାପାମା'ମାନେ ଅବହେଳିତ ଓ ଦୁର୍ବ୍ୟବହାରର ଶିକାର ହୁଅନ୍ତି ତାହାର ନିଛକ ଚିତ୍ର 'ପୁନଶ୍ଚ ହରି ସିଂ' ଗପରେ ପ୍ରତିଫଳିତ ହୋଇଛି । ଏହି ପୁସ୍ତକର ଅନେକ ଗପରେ ସାମାଜିକ ବାର୍ତ୍ତା ପ୍ରତିଫଳିତ ହୋଇଛି । ସାଂପ୍ରତିକ ସମାଜରେ ମଣିଷର ଆଶା,ଆକାଂକ୍ଷା, ସ୍ୱପ୍ନ, ଅନ୍ତର୍ଦ୍ୱନ୍ଦ୍ୱ,ପ୍ରତାରଣା, ମାନବୀୟ ଭାବାବେଗକୁ ନେଇ ଅନେକ ଗପର କାହାଣୀ ଗତିଶୀଳ । ଏହି ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### ବୁଦ୍ଧ ବଚନ

ସନ୍ଥ ଶ୍ରୀ ରାମ ଦାସ ଜୀଉ



ସାଇ ଯମୁନା ପବ୍ଲିକେଶନ୍ସ
ଝାଞ୍ଜିରୀ ମଙ୍ଗଳା, କଟକ
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୮୦ ଟଙ୍କା

ଗୌତମ ବୁଦ୍ଧଙ୍କ ଜୀବନର ବାଣୀ ଓ ବିଭିନ୍ନ ଘଟଣାକୁ ନେଇ ରଚିତ ସନ୍ଥ ଶ୍ରୀ ରାମଦାସ ଜୀଉଙ୍କ 'ବୁଦ୍ଧ ବଚନ' । ଏକ ଶୃଙ୍ଖଳିତ ଓ ସତ୍‌ମାର୍ଗରେ ଜୀବନ ବଞ୍ଚିବା ପାଇଁ ପ୍ରତି କାହାଣୀରେ କିଛି ନା କିଛି ସତ୍‌ଶିକ୍ଷା, ଉପଦେଶ ଓ ବାର୍ତ୍ତା ରହିଛି । 'ଦୁଃଖ କ'ଣ? ଏହା ଆସେ କିପରି?', 'ସାତଟି ମହାର୍ଘବାଣୀ', 'ଜୀବନର ମୂଲ୍ୟ', 'କର୍ମ ଭଲ ହେଉ କି ମନ୍ଦ', 'ମନୋଭାବକୁ ନିୟନ୍ତ୍ରଣ କରିବା କିପରି?', 'କମ୍ କହିବା ଶିଖ', 'ଦେହରେ ନୁହେଁ, ମନରେ ହିଁ ପାପ', 'ମନକୁ ଜିଣିବା ଶିଖ', 'ଜୀବନର ସାରତତ୍ତ୍ୱ' ଆଦି କାହାଣୀଗୁଡ଼ିକ ବେଶ୍ ଶିକ୍ଷଣୀୟ ଓ ପ୍ରେରଣାପ୍ରଦ ହୋଇଛି । ଜୀବନ ପ୍ରତି ଅତିଷ୍ଠ ହୋଇ ଜଣେ କିଭଳି ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଛି, ସାଂସାରିକ ମୋହମାୟା କିଭଳି ଦୁଃଖର କାରଣ ପାଲଟିଯାଏ, ତାହାକୁ କାହାଣୀ ମାଧ୍ୟମରେ ଗୌତମ ବୁଦ୍ଧ ଚମତ୍କାର ଭାବେ ବୁଝାଇଛନ୍ତି । ଗୌତମ ବୁଦ୍ଧଙ୍କଠାରୁ ଦୁଇଟି କାହାଣୀ ଶୁଣିଲା ପରେ 'ଦୁଃଖ କ'ଣ? ଏହା ଆସେ କିପରି' ସେ ତାହା ହୃଦୟଙ୍ଗମ କରିଛି । ସେହିପରି ଅନେକ ଲୋକ ଜୀବନର ମୂଲ୍ୟ ବୁଝି ପାରିନଥାନ୍ତି । ସେଭଳି ଜୀବନକୁ ନେଇ ଅସନ୍ତୁଷ୍ଟ ଜଣେ ବ୍ୟକ୍ତି ବୁଦ୍ଧଙ୍କ ପାଖକୁ ଆସନ୍ତି । ଆଉ 'ଜୀବନର ମୂଲ୍ୟ' ସଂପର୍କରେ ତାଙ୍କୁ ପଚାରନ୍ତି । ବୁଦ୍ଧଙ୍କ କଥା ଶୁଣିଲା ପରେ ଜୀବନର ମୂଲ୍ୟ କ'ଣ ସେ ବୁଝିପାରନ୍ତି । ବୁଦ୍ଧଙ୍କ ଜୀବନ ଦର୍ଶନ ବିଷୟରେ ଜାଣିବା ପାଇଁ ଏହା ଏକ ଉପାଦେୟ ପୁସ୍ତକ । ■

# ଇତିହାସ ଜଳିଯିବ



ବାସୁଦେବ ସୁନାନୀ

ମାଣ୍ଡିଆ
ମାଟି
ଜଙ୍ଗଲ

ଏ ସବୁକୁ
ଗୋଟେ ଗୋଟେ ଶବ୍ଦ କହି
ତମ ପ୍ରଗତିର ରାସ୍ତାରୁ
ହଟେଇ ଦେଲେ
ସୁପ୍ତ ଆଗ୍ନେୟଗିରି
ଫାଟି ପଡ଼ିବ

ଜଙ୍ଗଲକୁ ଜଣା
ନିଆଁ ଜାଳିବା
ମାଟିକୁ ଜଣା
ଲାଭା ଧରିବା
ମାଣ୍ଡିଆକୁ ଜଣା
ପୋଡ଼ା ମାଟିରୁ ଗଜୁରିବା

ସଭ୍ୟ ମଣିଷ !


ଏମାନଙ୍କୁ
ସୁଦ୍ଧୁ ଶବ୍ଦକହି
ସହଜ ବୁଝିବାର
ଛଳନା ଛାଡ଼ି ଦିଅ
ନହୁବା
ଇତିହାସ ଜଳିଯିବ । ■

ମୁଦିତା
୨୫୪୨/୩୭୭୩
ଲେନ୍-୭(କ), ଏମ୍ସ ନଗର
ଭୁବନେଶ୍ୱର-୭୫୧୦୧୯

# କଳାକାନ୍ଦ



ଅୟସ୍କାନ୍ତ



ଭାତ ଭିତରର ଭାରତ ଆଉ ଡାଲି ଭିତର ଆସନ୍ତାକାଲି ଭିତରେ
ଦଳିତ ମଥିତ ମୋ' ଶରଧାବାଲି
ଦର ଆଉଜା ହୃଦୟର ଦ୍ୱାରରେ ଆଉ
କେହି ଖଟଖଟ୍ କରନ୍ତିନି
ମୁହଁ ଏବେ ମୁଖା
କେହି ଦିଏ କାନ୍ଦୁରା ହସ
କେହି ହସମିଶା କାନ୍ଦ
କୋଇଲା ଭଳି ବୁଝାପଡ଼େନା
କଳାକାନ୍ଦ

ସବୁ ବେପାରୀ
କାହାକୁ ପରତେ ଯିବ
ଏବେ ଏମିତି ଦିନ ଆସିଛି
ଇଚ୍ଛା ହୁଏ
ଖୋଲା ପଡ଼ିଆକୁ ଯାଇ
ବଡ଼ପାଟିରେ କାନ୍ଦନ୍ତି
କେହି ପୋଛିବାକୁ ଅପେକ୍ଷା କରନ୍ତିନି
ନିଜ ପାପୁଲିକୁ ବି ନୁହେଁ

ଶାଳଭଞ୍ଜିକାର ସ୍ୱପ୍ନ
ସେ ପାଇବ ଉତ୍ତମ ଚରିତ୍ରପଞ୍ଜିକା
ଦିନଥିଲା ତା' ଜୀବନ ଏକ ପତ୍ରିକା ନଥିଲା ଥିଲା ଏକ ଆନ୍ଦୋଳନ
ଏବେ କିନ୍ତୁ ସେ ସମ୍ପୂର୍ଣ୍ଣ ପାରିବାରିକ ପତ୍ରିକା

ଜୀବନ ଗୋଟେ କେବେ ସରୁନଥିବା ଅପେରା
ଅବଶ୍ୟ ବେଳେବେଳେ କମା
ବିସ୍ମୟସୂଚକ ଚିହ୍ନ, ପ୍ରଶ୍ନ ବାଚକ ଚିହ୍ନମାନଙ୍କୁ ସାମନା କରିବାକୁ ହୁଏ
ଜୀବନ ଅସରା
ମୃତ୍ୟୁ ଏକ ବିଶ୍ରାମ ମାତ୍ର

ସବୁ ବୁଝିବି ମୁଁ ଜଞ୍ଜାଳି ମଣିଷ
ଦୁଃଖରେ ଗୋଳିଗାଳି ହୁଏ

ଭାତ ଭିତରର ଭାରତ ଓ
ଡାଲି ଭିତର ଆସନ୍ତାକାଲିର ତାଡ଼ନା
ସବୁ ଚେତନାକୁ ଖାଇଯାଏ
ଜିଏଁ ସିନା ପସ୍ତାଏ ■

ଗ୍ରାମ୍ୟ ନିର୍ମାଣ ଉପବିଭାଗ
ରାଜକନିକା, କେନ୍ଦ୍ରାପଡ଼ା
ମୋ: ୮୭୬୩୩୯୩୧୧୬

# ପଲ୍ଲୀ ଚିତ୍ର ଓ ଚରିତ୍ରର ବିନ୍ଧାଣି ଗୋଦାବରୀଶ



ଭିକାରୀ ଚରଣ ପ୍ରଧାନ

ରଚନାର ମୌଳିକତା ଦୃଷ୍ଟିରୁ ଓଡ଼ିଆ ସାହିତ୍ୟର କବି, ଗାଳ୍ପିକ, ପ୍ରାବନ୍ଧିକ ତଥା ବ୍ୟଙ୍ଗ ସାହିତ୍ୟିକ ଗୋଦାବରୀଶ ମହାପାତ୍ରଙ୍କୁ ବିଶ୍ୱ ବିଖ୍ୟାତ ଲେଖକ ଟଲଷ୍ଟୟଙ୍କ ସହିତ ତୁଳନା କରାଯାଏ। ମାତ୍ର ବାସ୍ତବିକ ପ୍ରତିଭାର ଅଭିଶପ୍ତ ଭୂମି ଓଡ଼ିଶାରେ ଜନ୍ମଗ୍ରହଣ କରିଥିବାରୁ ତାଙ୍କର ପ୍ରତିଭା ବିଶ୍ୱ ବିଶ୍ରୁତ ହୋଇପାରିଲା ନାହିଁ। ଜୀବନର ନିଷ୍ଠୁର ବାସ୍ତବତାକୁ ସ୍ୱଭାବ ସୁଲଭ ବ୍ୟଙ୍ଗ ଓ ହାସ୍ୟରସର ଆଙ୍ଗିକ କୌଶଳ ମାଧ୍ୟମରେ ଉପସ୍ଥାପିତ କରି ସେ ଅଷ୍ଟାଦଶ ଶତାବ୍ଦୀରେ ଇଂରେଜୀ ସାହିତ୍ୟରେ ସ୍ଥାନ ପାଇଥିବା ସୁଇଫଟ୍, ପୋପ୍ ଏବଂ ଡ୍ରାଇଡନ୍‌ଙ୍କ ପ୍ରଚଣ୍ଡ ପ୍ରତିଭାର ସମକକ୍ଷତା ହାସଲ କରିପାରିଛନ୍ତି। ଏହା ମୁକ୍ତକଣ୍ଠରେ ସ୍ୱୀକାର କରାଯାଇପାରେ।

୧୮୯୮ ମସିହାରେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଣପୁରର କୁମାରାଙ୍ଗ ଶାସନରେ କବି ଗୋଦାବରୀଶ ମହାପାତ୍ରଙ୍କ ଆବିର୍ଭାବ ହୁଏ। ବାଣପୁରର ନୈସର୍ଗିକ ପଲ୍ଲୀ ପ୍ରକୃତି ଓ ପଲ୍ଲୀ ଚରିତ୍ରର ଗଭୀର ଅଧ୍ୟୟନ କରି ତାହାର ଜୀବନ୍ତ ଆଲେଖ୍ୟକୁ ପରିପ୍ରକାଶ କରିଛନ୍ତି କବି ତାଙ୍କର ସ୍ୱଭାବ - ସୁଲଭ ନିଷ୍ଠୁର ଅଥଚ ସତ୍ୟର ସ୍ୱାକ୍ଷର ବହନ କରୁଥିବା କବିତା ମାଧ୍ୟମରେ।

ତତ୍କାଳୀନ ସମାଜରେ ପରିଦୃଷ୍ଟ ପଲ୍ଲୀର ଲୋକ ଚରିତ୍ରାବଳୀ, ଯେଉଁଗୁଡ଼ିକ କବିଙ୍କ ଲେଖନୀରେ ପରିସ୍ଫୁଟ ହୋଇ ଉଠିଥିଲା। କବିଙ୍କ ରଚନା ପାଠ କଲେ ଅଦ୍ୟାପି ସେହି ଚରିତ୍ରଗୁଡ଼ିକର ସମାବେଶ ପଲ୍ଲୀ ପରିସରରେ ଆସର ଜମାଇଥିବାର ପ୍ରତୀୟମାନ ହୁଏ। ଆଜିର ବସ୍ତୁବାଦୀ ସଭ୍ୟତାର କୁପ୍ରଭାବରେ ଶାନ୍ତ ସରଳ ପଲ୍ଲୀ ଜୀବନ ଧ୍ୱସ୍ତ-ବିଧ୍ୱସ୍ତ। ପାରସ୍ପରିକ ହିଂସା, ଦ୍ୱେଷ, ପରଶ୍ରୀକାତରତାର ତୁଙ୍ଗ ପ୍ରାଚୀର ଏବେ ବି ପ୍ରତିବେଶୀ ଜୀବନକୁ ଅତିଷ୍ଠ କରେ।

ପଲ୍ଲୀ ଜୀବନର ପାରସ୍ପରିକ ସ୍ନେହ ସଦ୍‌ଭାବ ଆଜି ନାହିଁ। ସାମାଜିକ ବୈଷମ୍ୟତା ପଲ୍ଲୀଜୀବନରେ ଏବେ ବି ପରିଦୃଷ୍ଟ। ଥିଲାବାଲା ଓ ନଥିଲାବାଲାଙ୍କ ମାହୋଲ ମଧ୍ୟରେ ଏବେ ବି ଅର୍ଥ ଗୃଧ୍ର ମହାଜନ 'ନାରଣ ପାତ୍ର' ଓ ଋଣଚିନ୍ତାଗ୍ରସ୍ତ 'ଚିନ୍ତା ପଧାନ' ବଞ୍ଚି ରହିଛନ୍ତି। କବିଙ୍କ ଲେଖନୀରେ ହଳିଆ ରଘୁ ରଥ ଏକ ଅନାସକ୍ତ, ଦରିଦ୍ର, ଦଳିତ ଓ ଜନତାର ପ୍ରତୀକ। ତା'ର ଆକାଂକ୍ଷା, ନିଃସଙ୍ଗତା ଏବଂ ପଶୁବତ୍ ଜୀବନଯାତ୍ରା, ଯାହା କବିଙ୍କ ଲେଖନୀରେ ପ୍ରକାଶ ପାଇଥିଲା: -

ଅଣାଏ ପଇସା ଗଣିପାରେ ନାହିଁ
ଜାଣିପାରେ ନାହିଁ ବେଳ
ମାଟି ତାଡୁ ଥାଏ ଗହୀର ବିଲରେ
ରକତକୁ କରି ଝାଳ।

X X X X

ମୁଠାଏ ଭାତରେ ପେଟ ପୂରେ ତା'ର
କରେ ଦିନ ରାତି କାମ
ଦିଅଁ ଦେଉଳର ଧାର ସେ ଧରେନି
ନାହିଁ ଭୋଜି ଭାତେ ମନ।



ଏବେ ବି ଶ୍ରମିକର ଝାଳବୁହା ଶ୍ରମ କୋଟିପତି ଦ୍ୱାରା ଲୁଣ୍ଠିତ। ଅର୍ଥସର୍ବସ୍ୱ ମଣିଷ ପ୍ରତି କବିଙ୍କର ଘୋର ଅସୂୟାଭାବ ଓ ସର୍ବହରା ପ୍ରତି ଗଭୀର ଆନ୍ତରିକତା ପ୍ରକଟିତ। ଧୂର୍ତ୍ତ ଅର୍ଥଗୃଧ୍ର ମଣିଷକୁ ଗଉଡ଼ ଓ ସର୍ବହରା ନିଃସ୍ୱ ଶ୍ରମିକକୁ 'ନିରୀହ ଗାଈ' ସହିତ କବିଙ୍କ ରୂପକଳ୍ପ ବେଶ୍ ହୃଦୟଗ୍ରାହୀ।

ଯୁଗ ଯୁଗ ଧରି ଗାଈ ତୁମେ ପରା ମଣିଷକୁ ଦେଲ ଦୁଗ୍ଧ
ତୁମ ଦୁଧ ଖାଇ ମଣିଷ କହଇ 'ଗଣୁଛି ଅସଲ ସୁଧ'।
ତୁମର ଆଗରେ ତୁମରି ବାଛୁରୀ ଖୁଣ୍ଟିରେ ଦେଇ ବାନ୍ଧି
ଏଇ ଯେ ମଣିଷ ତୁମଠାରୁ ନିଏ ଦୁଧ ଛାଣି ଗୋଡ଼ ଛନ୍ଦି। (ଗାଈ ଓ ଗରିବ)

ସେହି କବିତାର ନିର୍ଯ୍ୟାସରେ କବି ଲେଖିଛନ୍ତି :-

ଗାଈ କ୍ଷୀର ଦିଏ ଗରିବ ନଖାଏ
ଖାଇଲା ହର୍ମ୍ମ୍ୟବାଲା
ଗାଈ ସନ୍ତାନ ନପୁଂସକରେ
ଚାଷ ଉଦ୍ଧାର କଲା।
ଗରିବ ଆସିଲା ଲୁହ ବରଷିଲା
ମୁକ୍ତି ତାହାର ନାହିଁ
'ଗାଈ' ଓ 'ଗରିବ' ଦୁଇଟି ଜନ୍ତୁ
ମନେ ରଖ ତୁମେ ଭାଇ।

'ଜୀବନ ସଉଦା' କବିତାରେ ଗାଆଁ ହାଟରେ ଚାଲିଥିବା ତେଲଲୁଣର ସଉଦା ମଧ୍ୟରେ ସୁରା ଓ ସୁନ୍ଦରୀ ସଉଦା ପ୍ରତି କବି ଯେଉଁ କଟାକ୍ଷ କରିଛନ୍ତି, ତାହା ଏବେ ବି ସମାଜ ପାଇଁ ପ୍ରାସଙ୍ଗିକ। କବି ଲେଖନୀରେ:-

ଗୋରୁ ବିକିସାରି ପାଣ ଗଲେ ଚାଲି
ଦୁଧ ବିକିସାରି ବେହେରା
ଚୋରା ମଦ ବିକି ବେପାରୀ ଚାଲିଲା
ବହି ଭଲ ଲୋକ ଚେହେରା।

X X X X

ଖସି ପଡ଼ିଥିବା ପଣତ କାନିକି
ଜାକି ଜୁକି ତାର ଛାତିରେ
ନିଜ ଛବି ଅବା ନିଜେ ସେ ଦେଖିଲା
ସେ ଦିନ ଗଭୀର ରାତିରେ
ଆଉ କେ ନଥିଲେ କତିରେ
କହିଲା ସଉଦା କରି ଆସିଥିଲି ଜାଳି ମୋ
ଜୀବନ ବତିରେ।

ସ୍ୱାଧୀନୋତ୍ତର କାଳରେ ଏଯାବତ୍ ପ୍ରାଥମିକ ଶିକ୍ଷା ଓ ଶିକ୍ଷକ ଅବହେଳିତ। ଗାଆଁ ଅବଧାନ କବିତାରେ ଅବଧାନ କରୁଣା ପଧାନଙ୍କ ପ୍ରତି କବିଙ୍କର ଦରଦୀ ମନୋଭାବ ପାଇବାରେ ଏବର ଶିକ୍ଷକ ସମାଜ ବଞ୍ଚିତ।

ଏହିଭଳି ପଲ୍ଲୀ ଚରିତ୍ର ଓ ଚିତ୍ର ଆଙ୍କିବାରେ କବି ଗୋଦାବରୀଶ ମହାପାତ୍ର ସିଦ୍ଧହସ୍ତ । ଅପ୍ରିୟ ସତ ଏବଂ ନିଛକତାର ସ୍ୱାକ୍ଷର ବହନ କରି ତାଙ୍କର ସୃଷ୍ଟି ହୋଇଛି କାଳଜୟୀ। ■

ମୋ: ୯୯୩୮୪୭୦୫୪୪

# ଓସେପା ପାଠାଗାର ପୁସ୍ତକ କ୍ରୟ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ ଦାବି

**କଟକ,୨୧।୧୨(ସମିସ):** ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ୨୦୨୪-୨୦୨୫ ଆର୍ଥିକ ବର୍ଷ ନିମନ୍ତେ ଗତ ନଭେମ୍ବର ୧୯ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିଲାଗି ଚଳିତ ମାସ ୧୩ ତାରିଖ ମଧ୍ୟରେ ପ୍ରକାଶକଙ୍କଠାରୁ ଆବେଦନପତ୍ର ଗ୍ରହଣ କରାଯାଇଛି। ଆସନ୍ତା ୨୧ ତାରିଖରେ ପ୍ରକାଶକଙ୍କ ଆବେଦନପତ୍ର ଖୋଲାଯିବ। ତେବେ ବିଗତ ବର୍ଷରେ ପାଠାଗାର ପୁସ୍ତକ କ୍ରୟ ପ୍ରକ୍ରିୟାରେ ନାନା ଅନିୟମିତା ନେଇ ଅଭିଯୋଗ ହୋଇଆସିଛି। ଏଥିରେ ଉଦବେଗ ପ୍ରକାଶ କରି ଚଳିତ ବର୍ଷ ଅନ୍ତତ ସ୍ୱଚ୍ଛତା ଅବଲମ୍ବନ ଲାଗି ଅଲ ଓଡିଶା ପବ୍ଲିସର୍ସ ଆଣ୍ଡ ବୁକ ଟ୍ରେଡର୍ସ ଆସୋସିଏସନ ପକ୍ଷରୁ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାସଙ୍କ ନିକଟରେ ଦାବି କରାଯାଇଛି। ଆସୋସିଏସନର ସମ୍ପାଦକ ଅଜିତ ମହାପାତ୍ର ଏଥିଲାଗି ୬ଟି ପ୍ରସ୍ତାବ ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ ଏ ନେଇ ପ୍ରକାଶିତ ବିଜ୍ଞପ୍ତିରେ କେତେକ ଗୋଳମାଳିଆ ସର୍ତ୍ତ ରଖାଯାଇଛି। ସେ ଏହାର ସ୍ପଷ୍ଟୀକରଣ ଲୋଡିଛନ୍ତି। ଅଯୋଗ୍ୟ ଆବେଦନକାରୀଙ୍କ ତାଲିକା ତୁରନ୍ତ ପ୍ରକାଶ, ଅତୀତରେ ନ୍ୟାୟାଳୟ ଦ୍ୱାରା ସ୍ଥିରିକୃତ ନିୟମାବଳୀ ଅନୁଯାୟୀ ଚୟନ ହେଉଥିବା ପୁସ୍ତକର ଲେଖକମାନେ ଚୟନ କମିଟିରେ ସାମିଲ ନ କରିବା, ପୁସ୍ତକ ଚୟନରେ ନିରପେକ୍ଷତା ଅବଲମ୍ବନ କରିବା, ଅତୀତରେ କେତେକ ପ୍ରକାଶକଙ୍କୁ ପୁସ୍ତକ କ୍ରୟାଦେଶ ସମ୍ପର୍କରେ ଉପଯୁକ୍ତ ଭାବେ ଜଣାଇ ଦିଆଯାଇ ନ ଥିଲା, ଫଳରେ ଯୋଗ୍ୟ ବିବେଚିତ ପ୍ରକାଶକ ପୁସ୍ତକ ଯୋଗାଣରୁ ବଞ୍ଚିତ ହୋଇଥିଲେ। ଏଣୁ ଏଭଳି ଗୁରୁତର ଅଭିଯୋଗକୁ ଗୁରୁତ୍ୱ ଦେଇ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନୂଆ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀମତୀ ଦାସଙ୍କ ନିକଟରେ ଶ୍ରୀ ମହାପାତ୍ର ଦାବି କରିଛନ୍ତି।

## ଧାନ ସଂଗ୍ରହ ବ୍ୟବସ୍ଥା ସମୀକ୍ଷାକଲେ ସମବାୟ ମନ୍ତ୍ରୀ

# ୧୫ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ

**କଟକ,୨୧।୧୨(ସମିସ)**



ସମଗ୍ର କଟକ ଜିଲ୍ଲାରେ ସୁରୁଖୁରୁରେ ତଥା ସ୍ୱଚ୍ଛତାର ସହ ଧାନ ସଂଗ୍ରହ ପ୍ରକ୍ରିୟା ନିମନ୍ତେ ଆଜି ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତକଳା ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଆଜି ସମୀକ୍ଷା କରିଛନ୍ତି। ପୂର୍ବାହ୍ନରେ ଜିଲ୍ଲାର ବାରଙ୍ଗ, କଣ୍ଟାପଡା ବ୍ଲକ ସ୍ଥିତ ପ୍ରମୁଖ ମଣ୍ଡି ଗୁଡିକର ପରିଦର୍ଶନ କରିଥିଲେ। ଅପରାହ୍ନରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ମନ୍ତ୍ରୀ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଶୃଙ୍ଖଳତାର ଧାନ ସଂଗ୍ରହ ନିମନ୍ତେ ଚାଷୀମାନଙ୍କର ସମସ୍ତ ସୁବିଧାକୁ ଗୁରୁତ୍ୱ ଦେଇ ଆଗାମୀ ଦିନମାନଙ୍କରେ ପର୍ଯ୍ୟବେକ୍ଷକ ତଥା ନିୟୋଜିତ ହୋଇଥିବା ନୋଡାଲ ଅଧିକାରୀମାନେ ମଣ୍ଡି ଗୁଡିକୁ ବାରମ୍ବାର ଗସ୍ତକରି ଆବଶ୍ୟକ ପଦକ୍ଷେପ ଗ୍ରହଣ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ମଣ୍ଡିଗୁଡ଼ିକର ଭିତ୍ତିଭୂମିକୁ ସୁଦୃଢ଼ କରାଯିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ ତଥା ଅସ୍ଥାୟୀ ବିଶ୍ରାମାଗାର ନିର୍ମାଣ କରିବା ପାଇଁ ମନ୍ତ୍ରୀ କହିଥିଲେ। ସମୀକ୍ଷା ବୈଠକରେ, ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇଥିଲେ। ଅସାଧୁ ବେପାର ରୋକାଯିବା ସମ୍ବନ୍ଧରେ ବୈଠକରେ ନେଇ ଜିଲ୍ଲାପାଳ ସୂଚନା ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଉମାକାନ୍ତ ରାଜ ସମୀକ୍ଷା ବୈଠକରେ ଯୋଗଦେଇ କହିଲେ ଯେ ଆସନ୍ତା ୨୪ତାରିଖ ସୁଦ୍ଧା ସମସ୍ତ ପ୍ରସ୍ତୁତି ତ୍ୱରାନିତ କରାଯିବ ବୋଲି କହିଥିଲେ। ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ବିଭୁ ପ୍ରସନ୍ନ ଆଚାର୍ଯ୍ୟ ଜିଲ୍ଲାର ଧାନ ସଂଗ୍ରହ ସମ୍ବନ୍ଧରେ ସୂଚନା ପ୍ରଦାନ କରିବା ସହ ୧୨ ଜଣ ମିଲରଙ୍କ ମାଧ୍ୟମରେ ୨୧୫ଟି ପ୍ରାଥମିକ କୃଷି ସମବାୟ ସମିତି, ୩ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ତଥା ୨୧ଟି ପ୍ରାଥମିକ କୃଷି ସମବାୟ ସମିତି ଉପକେନ୍ଦ୍ର ଦ୍ୱାରା ଧାନ ସଂଗ୍ରହ କରାଯିବା ନେଇ ସୂଚନା ପ୍ରଦାନ କରିଥିଲେ।

ଚଳିତ୨୦୨୪-୨୫ ବର୍ଷପାଇଁ୧୫ଲକ୍ଷ୧୦ହଜାର୪୪୧ କି.ଗ୍ରା ଧାନ ସଂଗ୍ରହ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଏବଂ ଆଜି ପର୍ଯ୍ୟନ୍ତ ୬୬,୫୦୫ ଜଣ ପଞ୍ଜୀକୃତ ଚାଷୀଙ୍କର ଯାଞ୍ଚ ପ୍ରକ୍ରିୟା ସମାପ୍ତ ହୋଇଛି। ବୈଠକରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ସୁବାସଚନ୍ଦ୍ର ରାୟ, ଅତିରିକ୍ତ ଜିଲ୍ଲାପାଳ ଡ. ଦିବ୍ୟଲୋଚନ ମହାନ୍ତ, ଆଠଗଡ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ବାଙ୍କୀ ଉପଜିଲ୍ଲାପାଳ ଦେବୀପ୍ରସାଦ ମହାନ୍ତି, ସଦର ଉପଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ଯୋଗ ଦେଇଥିଲେ।

# ଜନନେତା ପ୍ରଦ୍ୟୁମ୍ନ ବଳଙ୍କ ସ୍ମୃତି ଉତ୍ସବ



**କଟକ,୨୧।୧୨(ସମିସ):** ଜନନେତା ପ୍ରଦ୍ୟୁମ୍ନ ବଳ ପ୍ରତିକୂଳ ଅବସ୍ଥାରେ ଗତିକରି ମଧ୍ୟ ସମାଜର ବିକାଶ ଓ ଅଗ୍ରଗତି ପାଇଁ ଯେଉଁ ନିଷ୍ଠାପର ଉଦ୍ୟମ କରିଯାଇଛନ୍ତି ତାହାର ପଟାନ୍ତର ନାହିଁ। ସେ ଥିଲେ ସକାରାତ୍ମକ ଚିନ୍ତାର ବାର୍ତ୍ତାବହ। ସତ୍ୟନିଷ୍ଠ ଓ ନିର୍ଭୀକ ସମ୍ବାଦ ପରିବେଷଣ ଦ୍ୱାରା ସମାଜର ପରିବର୍ତ୍ତନ ପାଇଁ 'ପ୍ରଗତିବାଦୀ'କୁ ସେ ମାଧ୍ୟମକରି ଗଢ଼ିତୋଳିଥିଲେ ବୋଲି ପ୍ରଦ୍ୟୁମ୍ନ ବଳଙ୍କ ୨୫ତମ ସ୍ମୃତି ଉତ୍ସବରେ ଝାଡ଼ଖଣ୍ଡ ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ମୁଖ୍ୟ ବିଚାରପତି ଡକ୍ଟର ବିଦ୍ୟୁତ୍ ରଂଜନ ଷଡ଼ଙ୍ଗୀ କହିଛନ୍ତି।

ଶନିବାର ସଂଧ୍ୟାରେ ବିଶିଷ୍ଟ ଜନନେତା ତଥା ପୂର୍ବତନ ସାଂସଦ ପ୍ରଦ୍ୟୁମ୍ନ ବଳଙ୍କ ୨୫ତମ ସ୍ମୃତି ଉତ୍ସବ ଜନନେତା ପ୍ରଦ୍ୟୁମ୍ନ ବଳ ସ୍ମୃତି କମିଟି ପକ୍ଷରୁ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଝାଡ଼ଖଣ୍ଡ ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ମୁଖ୍ୟ ବିଚାରପତି ଡକ୍ଟର ବିଦ୍ୟୁତ୍ ରଂଜନ ଷଡ଼ଙ୍ଗୀ ଉଦ୍‌ଘାଟନ କରି କହିଲେ ଯେ, ନିର୍ଭୀକ ସାମ୍ବାଦିକ ପ୍ରଦ୍ୟୁମ୍ନ ବଳ ସମାଜର ପରିବର୍ତ୍ତନ ପାଇଁ ଆଜୀବନ ସଂଗ୍ରାମ କରିଥିଲେ। ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଯୋଗଦେଇ କହିଲେ ଯେ, ପ୍ରଦ୍ୟୁମ୍ନ ବଳ ଥିଲେ ସାଲିସ୍ ବିହୀନ ନେତା, ତାଙ୍କ ପ୍ରତିଷ୍ଠିତ 'ପ୍ରଗତିବାଦୀ' ହେଉଛି ଅନ୍ୟାୟ ବିରୁଦ୍ଧରେ ଏକ ଶାଣିତ ସ୍ୱର। ଉତ୍ସବରେ କିସ୍ ବିଶ୍ୱବିଦ୍ୟାଳୟର ଗୋପବନ୍ଧୁ ଦାସ ରିସର୍ଚ୍ଚ ଚେୟାର ପ୍ରଫେସର ଡକ୍ଟର ବିଜୟାନନ୍ଦ ସିଂହ ସଭାପତିତ୍ୱ କରି ପ୍ରଦ୍ୟୁମ୍ନ ବଳଙ୍କୁ ନୂତନ ଚେତନାର ବାର୍ତ୍ତାବହ ବୋଲି କହିଥିଲେ। ଏହି ଅବସରରେ ଯୁବ ସାମ୍ବାଦିକ ମନୋରଞ୍ଜନ ମହାନ୍ତିଙ୍କୁ ଚଳିତ ବର୍ଷର 'ପ୍ରଦ୍ୟୁମ୍ନ ବଳ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିଲା। ଉତ୍ସବରେ ଆଡ୍‌ଭୋକେଟ୍ ଦୀପକ ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସଂଗ୍ରାମ ସାମଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସୁକାନ୍ତ ପ୍ରସାଦ ନନ୍ଦ ମାନପତ୍ର ପାଠ କରିଥିଲେ ଓ ସ୍ମୃତି ସଂସଦର ସଂପାଦକ ସେକ୍ ମସୁଦ ଅଲ୍ଲି ଧନ୍ୟବାଦ ଅର୍ପଣ କରିଥିଲେ। 'ପ୍ରଗତିବାଦୀ'ର କାର୍ଯ୍ୟକାରୀ ସଂପାଦକ ବିରୂପାକ୍ଷ ତ୍ରିପାଠୀ ଉତ୍ସବରେ ଉପସ୍ଥିତ ଥିଲେ।

# ଅବସରର ୧୨ ବର୍ଷ ପରେ ମିଳିବ ପେନ୍‌ସନ୍ ଓ ବକେୟା ପ୍ରାପ୍ୟ

**କଟକ,୨୧।୧୨(ସମିସ):** ଜଣେ ଅବସରପ୍ରାପ୍ତ ରେଳବାଇ ଡାକ୍ତରଙ୍କୁ ଅବସରର ଦୀର୍ଘ ୧୨ବର୍ଷ ପରେ ପେନସନ ଓ ବକେୟା ଗ୍ରାଚୁଇଟି ମିଳିବ। ଫଳରେ ଦଶନ୍ଧିରୁ ଅଧିକ ସମୟ ଧରି ଚାଲିଥିବା ଅଦାଲତି ବିବାଦର ଅନ୍ତ ଘଟିଛି। ଆବେଦନକାରୀଙ୍କ ସପକ୍ଷରେ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲଙ୍କ ରାୟକୁ ବିରୋଧ କରି କେନ୍ଦ୍ର ସରକାରଙ୍କ ପକ୍ଷରୁ ଦାୟର ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଏହି ମାମଲାର ଶୁଣାଣି କରି ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଚିତ୍ତରଂଜନ ଦାଶ ଏପରି ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିପକ୍ଷ ସମ୍ପୃକ୍ତ ଅବସରପ୍ରାପ୍ତ ଡାକ୍ତର ତାଙ୍କର ପେନସନ ଓ ବକେୟା ପ୍ରାପ୍ୟ ପାଇବାକୁ ହକଦାର ବୋଲି ହାଇକୋର୍ଟ କହିବା ସହ ଟ୍ରିବ୍ୟୁନାଲଙ୍କ ଆଦେଶରେ ହସ୍ତକ୍ଷେପ କରିବାକୁ ମନା କରିଛନ୍ତି। ମାମଲାରୁ ପ୍ରକାଶ ଯେ ପ୍ରତିପକ୍ଷ ଡାକ୍ତର ଏସ.ଏନ. ବେହେରା ପୂର୍ବତଟ ରେଳବାଇ ଅଧୀନରେ ଡିଭିଜନାଲ ମେଡିକାଲ ଅଫିସର ଭାବେ କାର୍ଯ୍ୟ କରୁଥିଲେ। ତେବେ ଗତ ୨୦୦୮ ଫେବୃଆରୀ ୨୪ରେ ଜନୈକ ସଫେଇ କର୍ମଚାରୀଙ୍କ ପ୍ରେସକ୍ରିପସନ ପାଇଁ ୧ହଜାର ଟଙ୍କା ଲାଞ୍ଚ ଗ୍ରହଣ ଅଭିଯୋଗରେ ତାଙ୍କ ନାମରେ ସିବିଆଇରେ ଏକ ଅଭିଯୋଗ ହୋଇଥିଲା। ଅନ୍ୟପଟରେ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ସେ ସିବିଆଇ ଅଦାଲତରୁ ଦୋଷମୁକ୍ତ ହୋଇଥିଲେ ହେଁ ବିଭାଗୀୟ ତଦନ୍ତରେ ଦୋଷ ପ୍ରମାଣିତ ହୋଇଥିଲା। ଫଳରେ ରେଳମନ୍ତ୍ରଣାଳୟ ତାଙ୍କର ମାସିକ ପେନସନ ସମ୍ପୂର୍ଣ୍ଣ ବନ୍ଦ କରିଥିଲା। କ୍ୟାଟ ଗତ ୨୦୨୩ରେ ତାଙ୍କୁ ପେନସନ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହା ବିରୋଧରେ କେନ୍ଦ୍ର ସରକାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

> **କେନ୍ଦ୍ର ସରକାରଙ୍କ ଆବେଦନ ହାଇକୋର୍ଟରେ ଖାରଜ**

# ରାଜ୍ୟସ୍ତରୀୟ ଛାତ୍ରଛାତ୍ରୀ ସମ୍ମିଳନୀ ଓ ଶୋଭନୀୟ ସାଂସ୍କୃତିକ ମହୋତ୍ସବ



**କଟକ,୨୧।୧୨(ସମିସ):** ଏକ ସ୍ନେହ ଶାନ୍ତି ଭରା ଶୋଭନୀୟ ସମାଜ ଗଠନରେ ଛାତ୍ରଛାତ୍ରୀଙ୍କ ମନ ଓ ଜୀବନ ଗଠନ ବର୍ତ୍ତମାନର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଶୋଭନୀୟ ଆନ୍ଦୋଳନର ପ୍ରତିଷ୍ଠାତା କୁମାର ଭାଇଙ୍କ ଦ୍ୱାରା ପ୍ରତିଷ୍ଠିତ ଶୋଭନୀୟ ଶିକ୍ଷାଶ୍ରମରେ ମାନବିକତା ଓ ନୈତିକ ଶିକ୍ଷା ପ୍ରଦାନ କରାଯାଇଥାଏ। ଶୋଭନୀୟ ଆନ୍ଦୋଳନ ତରଫରୁ ଆଦର୍ଶ ଆନ୍ତର୍ଜାତିକ ଶିକ୍ଷା କେନ୍ଦ୍ର ବିଡାନାସୀ କଟକ ପରିସରରେ ରାଜ୍ୟସ୍ତରୀୟ ଛାତ୍ରଛାତ୍ରୀ ସମ୍ମିଳନୀ ଶୋଭନୀୟ ସାଂସ୍କୃତିକ ମହୋତ୍ସବର ଉଦଘାଟନ ମହୋତ୍ସବ ହୋଇଯାଇଛି। ଏଥିରେ ରୋଟାରୀ ଗଭର୍ଣ୍ଣର ଯଜ୍ଞାଶୀଷ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶୋଭନୀୟ ଆନ୍ଦୋଳନର ପ୍ରଚେଷ୍ଟା ସମାଜ ପରିବର୍ତ୍ତନ ପାଇଁ ଏକ ଅଭିନବ ପଦେକ୍ଷପ ବୋଲି ମତପୋଷଣ କରିଥିଲେ। ମୁଖ୍ୟବକ୍ତା ଭାବେ ସୁସାହିତ୍ୟିକ ପ୍ରସନ୍ନ ସ୍ୱାଇଁ, ରାଷ୍ଟ୍ର ଦୀପର ପୂର୍ବତନ ପରିଚାଳକ ଧ୍ରୁବ ବେହେରା, ଆଲୋକ ପ୍ରସାଦ ନନ୍ଦ ପୂର୍ବତନ ସମ୍ପାଦକ, ହାଇକୋର୍ଟ ବାର ଆସସିଏସନ ଓ ଗାଳ୍ପିକା ସୁଜାତା ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜରେ ଭଲ ମଣିଷ ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ।

ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଡ଼ ଅରୁନ୍ଧତୀ ଦେବୀ ଏହି ସାଂସ୍କୃତିକ ମହୋତ୍ସବକୁ ଉଦଘାଟନ କରିଥିବା ବେଳେ ସମ୍ମିଳନୀର ସମ୍ପାଦିକା ଅଧ୍ୟାପିକା ଜ୍ୟୋତିର୍ମୟୀ ଅତିଥି ପରିଚୟ ପ୍ରଦାନ କରିବା ସହ ଶୋଭାନୀୟ ଆନ୍ଦୋଳନର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ରେବାଦେବୀ ଶୋଭାନୀୟ ଶିକ୍ଷାଶ୍ରମର ପ୍ରଧାନ ଶିକ୍ଷୟିତ୍ରୀ ଡ. ବନଲତା ଦେବୀ ଧନ୍ୟବାଦ ଦେଇଥିଲେ। ଦିବସବ୍ୟାପୀ କାର୍ଯ୍ୟକ୍ରମରେ ସର୍ବଧର୍ମ ପ୍ରାର୍ଥନା, ଶପଥ ଗ୍ରହଣ ଉତ୍ସବ, ବକ୍ତୃତା, ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ, ଶ୍ଳୋକ, ଆବୃତ୍ତି, ଏକକ ଅଭିନୟ, କୌତୁକ ପୋଷାକ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହେଇଥିଲା। ଛାତ୍ରଛାତ୍ରୀଙ୍କ ପ୍ରମୁଖ ପ୍ରତିନିଧି ସୃଷ୍ଟିଶିଖା କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ଆକାଶବାଣୀ କଳାକାର ବିଶ୍ୱମିତ୍ରା ମିଶ୍ର, ଚିନ୍ମୟୀ ଆଚାର୍ଯ୍ୟ, ଡ. ହେମନ୍ତ ପରିଡ଼ା, ତନୁଜା ରାଉତ, ସୁକାନ୍ତି ମହାନ୍ତି, ଅଲିଭା ବାରିକ, ପ୍ରମିଳା ଦାସ ପ୍ରମୁଖ ବିଭିନ୍ନ ପ୍ରତିଯୋଗିତାର ବିଚାରକ ଭାବେ ଯୋଗଦେଇଥିଲେ।

# ମହିଳା କଲେଜରେ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ




**କଟକ,୨୧।୧୨(ସମିସ):** କଟକ ନୟାସଡ଼କସ୍ଥିତ ଇମର୍ତ୍ତୀ ଦେବୀ ଉଚ୍ଚ ମାଧ୍ୟମିକ ମହିଳା ବିଦ୍ୟାଳୟର ଅଧ୍ୟକ୍ଷା ଡ. ସାଗରିକା ମହାନ୍ତିଙ୍କ ପୌରହିତ୍ୟରେ ସପ୍ତାହ ବ୍ୟାପୀ 'ଫିଟ୍ ଇଣ୍ଡିଆ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡ଼ା. ରବିରଞ୍ଜନ ସାହୁ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ସର୍ବପ୍ରଥମେ ମୁଖ୍ୟଅତିଥି, ଅଧ୍ୟକ୍ଷା, ସମସ୍ତ ଅଧ୍ୟାପିକା, ଅଧ୍ୟାପକ ତଥା ଛାତ୍ରୀମାନେ ଫିଟ୍ ଇଣ୍ଡିଆର ଶପଥ ପାଠ କରିଥିଲେ। ବକ୍ତୃତା, ସାଧାରଣ କ୍ୱିଜ, ପ୍ରବନ୍ଧ, ପୋଷ୍ଟର ତିଆରି, ଟଗ୍-ଅଫ୍-ୱାର, ଦୌଡ଼ ଡିଆଁ, ସାଇକଲ ରେସ୍, ଚେସ୍, ଟେବୁଲ ଟେନିସ୍, ସାପ ଓ ସିଡ଼ି ଖେଳ, ଇନ୍ ଆଣ୍ଡ ଆଉଟ୍ ଖେଳ, ଚେନ୍ ରିଲେ ଇତ୍ୟାଦି ପ୍ରତିଯୋଗିତା ତଥା ଯୋଗ ଓ ଧ୍ୟାନର ଆୟୋଜନ କରାଯାଇଅଛି। ଏହି କାର୍ଯ୍ୟକ୍ରମକୁ ଡ. ପ୍ରମୋଦିନୀ ସାହୁ ଆୟୋଜନ ତଥା ସଞ୍ଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଦେବୀ ପ୍ରସାଦ ପାଢ଼ୀ, ପ୍ରଭୁଦତ୍ତ ଦାଶ, ଶାରୀରିକ ଶିକ୍ଷା ବିଭାଗର ଅଧ୍ୟାପିକା ମଞ୍ଜୁସ୍ମିତା ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ମଞ୍ଜୁସ୍ମିତା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ମାସିକ ସାହିତ୍ୟ ଆଲୋଚନା ଓ କବିତା ପାଠୋତ୍ସବ

**କଟକ,୨୧।୧୨(ସମିସ):** ସାରସ୍ୱତ ଅନୁଷ୍ଠାନ ଶ୍ରୀଦୁର୍ଗା ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟ ଆଲୋଚନା, କବିତା ପାଠୋତ୍ସବ ଓ ପୁସ୍ତକ ପାଠକାର୍ପଣ ଅନୁଷ୍ଠିତ ହୋଇଯାଇଛି। ଖପୁରିଆ ସ୍ଥିତ ସିଦ୍ଧିଦୁର୍ଗା ମଣ୍ଡପରେ ଅନୁଷ୍ଠିତ ଉତ୍ସବରେ ସଂସଦର ପ୍ରତିଷ୍ଠାତା ସଭାପତି ଡଃ ପଣ୍ଡିତ ଚୈତନ୍ୟ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଆଦର୍ଶ ପ୍ରତିଭା ବିକାଶ ପରିଷଦର ସଭାପତି ଡଃ ପଣ୍ଡିତ ଅଭୟ କୁମାର ଦାଶ, ମୁଖ୍ୟବକ୍ତା ଭାବରେ ଦାର୍ଶନିକ ପଣ୍ଡିତ ନୀଳକଣ୍ଠ ରାଉତ, ବରେଣ୍ୟ ଅତିଥି ଭାବେ କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି, ସମ୍ମାନୀତ ଅତିଥିଭାବେ ବିଶିଷ୍ଟ ଚିତ୍ରଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଡଃ ପଣ୍ଡିତ ଚୈତନ୍ୟ କୁମାର ସାହୁଙ୍କ ଗୀତା ଆତ୍ମତତ୍ୱ ଦର୍ଶନ ପୁସ୍ତକକୁ ମୁଖ୍ୟଅତିଥି ପାଠକାର୍ପଣ କରିଥିଲେ। ଡ. ବସନ୍ତ କୁମାରୀ ନନ୍ଦ ଓ ସନ୍ଧ୍ୟା ଶତପଥିଙ୍କ ସଂଯୋଜନାରେ କବି ଅରୁଣ କୁମାର ଅଗ୍ରୱାଲ, ନମିତା ମହାନ୍ତି, ଚିନ୍ମୟୀ ଆଚାର୍ଯ୍ୟ, ବନଲତା ମହାପାତ୍ର, ନଜରୁଲ ଇସଲାମ, ରାଜକିଶୋର ସ୍ୱାଇଁ, ରଘୁନାଥ ତ୍ରିପାଠୀ, ସଚ୍ଚିଦାନନ୍ଦ କର, ମୈତ୍ରୀଭୂଷଣ ଖୁଣ୍ଟିଆ, ଉତ୍ତମ ଚରଣ ପ୍ରଧାନ, ସମିର ମହାନ୍ତି, ଅଭୟ ପାତ୍ର, ତପନ ବିହାରୀ ରାଉତରାୟ, ବିଜୟ ସାହୁ, ସ୍ନେହଲତା ଦ୍ୱିବେଦୀ, ସାଇ ନାରାୟଣ ସାହୁ, ସୁମନ ସାହୁ, ଜଗତନାଥ ନାଥଶର୍ମା, ପ୍ରତାପ ନାୟକ ପ୍ରଭୃତି ସ୍ୱରଚିତ କବିତା ପାଠ କରିଥିଲେ। ସତ୍ୟଶୈଳ ମହାନ୍ତି ମଞ୍ଚ ଆମନ୍ତ୍ରଣ କରିଥିଲେ। ସଂଗଠନ ସଂପାଦକ ଅଶ୍ୱିନୀ କୁମାର ସେଠୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଉପସଭାପତି କୈଳାସ ଚନ୍ଦ୍ର ଜେନା ସ୍ୱାଗତ ଭାଷଣ ଏବଂ ସାଧାରଣ ସଂପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଗଠନ ସଂପାଦକ ସୁରେନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



## ଏଆଇଏଫ୍‌ଟିପିର ପୂର୍ବାଞ୍ଚଳ ଜୋନ୍ ସମ୍ମିଳନୀ

# ଉଭୟ କରଦାତା ଓ ଗ୍ରହିତାଙ୍କ ଦାୟିତ୍ୱବୋଧ ରହିବା ଉଚିତ

**କଟକ,୨୧।୧୨(ସମିସ)**



ଅଲ୍ ଇଣ୍ଡିଆ ଫେଡେରେସନ୍ ଅଫ୍ ଟ୍ୟାକ୍ସ ପ୍ରାକ୍ଟିସନର୍ସ (ଏଆଇଏଫଟିପି) ପକ୍ଷରୁ ଦିନିକିଆ ଜୋନାଲ ଟାକ୍ସ ସମ୍ମିଳନୀ ଶନିବାର ଏନଆରଆରଆଇସ୍ଥିତ ଏମକେସିଜି ଅଡିଟୋରିଅମଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ "ଓଡ଼ିଶା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ୍ ଏସ୍ ମୁରଲୀଧର ଯୋଗଦେଇ କହିଥିଲେ ଯେ ଉଭୟ କରଦାତା ଓ କର ଗ୍ରହୀତାଙ୍କର ଦାୟିତ୍ୱ ବୋଧ ରହିଛି। କରଦାତାଙ୍କର କର ଦେବା ଯେମିତି ସାମାଜିକ ଓ ନୈତିକ ଦାୟିତ୍ୱ ସେହିପରି କର ଗ୍ରହୀତା ମଧ୍ୟ କରଦତାଙ୍କ ନିମନ୍ତେ ସମସ୍ତ ସୁବ୍ୟବସ୍ଥା କରିବା ଏବଂ ସୁଯୋଗ ଦେବା ବିଧେୟ ଅଟେ ବୋଲି କହିଛନ୍ତି ଜଷ୍ଟିସ ମୁରଲୀଧର। ଏହି ସମ୍ମିଳନୀରେ ସମ୍ମାନିତ ଅତିଥି ଭାବେ ଝାଡଖଣ୍ଡ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ଉଦବୋଧନ ଦେଇ ବିଭିନ୍ନ କର ବ୍ୟବସ୍ଥା ଓ ଏ ସଂକ୍ରାନ୍ତ ଆଇନ ଉପରେ ଆଲୋକପାତ କରିଥିଲେ। ଉଦଯାପନୀ ଅଧିବେଶନରେ ହାଇକୋର୍ଟ ବିଚାରପତି ଜଷ୍ଟିସ ଏମ.ଏସ.ରମଣ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏନଆରଆରଆଇ ନିର୍ଦ୍ଦେଶକ ଡ.ଅମରେଶ କୁମାର ନାୟକ ଯୋଗ ଦେଇଥିଲେ। ଦେଶର ବିଭିନ୍ନ ସ୍ଥାନରୁ ୪୫୦ରୁ ଅଧିକ ଆଇନଜୀବୀ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏବଂ ଟ୍ୟାକ୍ସ ପ୍ରାକ୍ଟିସିନର ମାନେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଅଧିବେଶନରେ ବିଶିଷ୍ଟ ବକ୍ତାମାନଙ୍କ ନେତୃତ୍ୱରେ ଜିଏସଟି ଏବଂ ଆୟକର ଉପରେ ଆଲୋଚନା ହୋଇଥିଲା।

ସମ୍ମିଳନୀକୁ ପୂର୍ବାଞ୍ଚଳ ଅଧ୍ୟକ୍ଷ ବରିଷ୍ଠ ଆଇନଜୀବୀ ବିବେକାନନ୍ଦ ମହାନ୍ତି, ସମ୍ମିଳନୀ ଅଧ୍ୟକ୍ଷ ଅନୁପ ମହାନ୍ତି, ଜୋନାଲ ସମ୍ପାଦକ ଅରୁଣ ଦାଶ, କଟକ ଟାକ୍ସ ବାର ଆସୋସିଏସନ ସଭାପତି ପ୍ରଶାନ୍ତ ମିଶ୍ର, ସମ୍ପାଦକ ସୌମ୍ୟଶିବ ମହାନ୍ତି, କୌସ୍ତୁଭ ଚୌଧୁରୀ, ସତ୍ୟବ୍ରତ ତ୍ରିପାଠୀ,ନଟବର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

# ରେଭେନ୍ସା କଲିଜିଏଟ୍ ୭୪ ବ୍ୟାଚ୍‌ର ସୁବର୍ଣ୍ଣ ଜୟନ୍ତୀ



**କଟକ,୨୧।୧୨(ସମିସ):** ରେଭେନ୍ସା କଲିଜିଏଟ୍ ସ୍କୁଲର ୧୯୭୪ ବ୍ୟାଚ୍‌ର ସୁବର୍ଣ୍ଣ ଜୟନ୍ତୀ ସମାରୋହ ସ୍କୁଲର ନେତାଜୀ ଅଡିଟୋରିୟମରେ ପାଳିତ ହୋଇଯାଇଛି। ମଣିପୁର ହାଇକୋର୍ଟର ପ୍ରାକ୍ତନ ମୁଖ୍ୟ ବିଚାରପତି ଲକ୍ଷ୍ମୀକାନ୍ତ ମହାପାତ୍ର ଉଦଘାଟକ ତଥା ମୁଖ୍ୟଅତିଥି, ବରିଷ୍ଠ ସାମ୍ବାଦିକ ଡ. ସତ୍ୟ ରାୟ ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ ବିଶିଷ୍ଟ ଶିକ୍ଷାବିତ ସତ୍ୟକାମ ମିଶ୍ର ଓ ସରୋଜ ସିଂ ଏବଂ ସ୍ୱତନ୍ତ୍ର ଅତିଥିଭାବେ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସୁଶ୍ରୀ ପ୍ରଗତି ପଣ୍ଡା ଯୋଗଦେଇ ସ୍କୁଲର ଗୌରବମୟ ଇତିହାସ ସମ୍ବନ୍ଧରେ ଆଲୋଚନା କରିଥିଲେ। ଗୋକୁଳାନନ୍ଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସୁଭାଷ ଚନ୍ଦ୍ର ବୋଷ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କଲା ପରେ ସିଦ୍ଧାର୍ଥ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଦିବଙ୍ଗତ ବନ୍ଧୁ ଓ ଶିକ୍ଷକଙ୍କ ପାଇଁ ୧ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ସ୍କୁଲର ପ୍ରାକ୍ତନ ଶିକ୍ଷକ ପ୍ରେମାନନ୍ଦ ତ୍ରିପାଠୀ ଓ ବିଦ୍ୟାଧର ପରିଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିକ୍ରମ କେଶରୀ ମିଶ୍ର ଓ ସୁଶାନ୍ତ ମହାପାତ୍ର ମାନପତ୍ର ପାଠ କରିଥିଲେ। ଅତିଥିଙ୍କ ଦ୍ୱାରା 'ଅନ୍ତରଙ୍ଗ' ନାମକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଲକି ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରଣବ ଦାସ, ପ୍ରଦ୍ୟୁମ୍ନ ମିଶ୍ର, ଦିଲ୍ଲୀପ ସାହୁ, ବିକ୍ରମ କେଶରୀ ମିଶ୍ର, ଅନୁପ ମହାନ୍ତି, ଗୌରୀ ଦାସଗୁପ୍ତ, ସଂଘମିତ୍ରା ମିତ୍ର, ମଞ୍ଜୁଶ୍ରୀ ମିଶ୍ର ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।





ଭୁବନେଶ୍ୱରରେ ଆୟୋଜିତ ଷଷ୍ଠ ଡିଏଭି ୟୁନାଇଟେଡ୍ ଫେଷ୍ଟିଭାଲ୍‌ରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆକର୍ଷଣର କେନ୍ଦ୍ରବିନ୍ଦୁ

### ଜାନୁଆରୀ ପ୍ରଥମ ସପ୍ତାହରୁ ଇ-ନିରାମୟ ଯୋଜନା

# ଏସ୍‌ସିବିରେ ମିଳିବ ଲମ୍ବା ଲାଇନ୍‌ରୁ ମୁକ୍ତି

କଟକ, ୨୧।୧୨(ସମିସ)

ନିରାମୟ କେନ୍ଦ୍ରରେ ଔଷଧ ଲାଗି ଘଣ୍ଟା ଘଣ୍ଟା ଧରି ଲମ୍ବା ଲାଇନରେ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ରୋଗୀମାନେ ହାତ ପାଆନ୍ତରେ ସୁବିଧାରେ ଔଷଧ ପାଇ ପାରିବେ। ନୂଆବର୍ଷରେ ନୂତନ ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ସୂଚନା ମିଳିଛି। ଏଥିଲାଗି ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ(ଏସସିବି) କର୍ତ୍ତୃପକ୍ଷ ପ୍ରତ୍ୟେକ କ୍ଲିନିକାଲ ବିଭାଗକୁ ଚିଠି କରିଛନ୍ତି। ପ୍ରତ୍ୟେକ ବିଭାଗରେ ଏସଓପି ମାଧ୍ୟମରେ ଇ-ନିରାମୟ ଯୋଜନା କାର୍ଯ୍ୟକାରୀ କରାଯିବ। ଏହା ଆସନ୍ତା ଜାନୁଆରୀ ମାସ ପ୍ରଥମ ସପ୍ତାହରୁ କାର୍ଯ୍ୟ କରିବ। ଏନେଇ ଏସସିବି ଅଧୀକ୍ଷକ ପ୍ରଫେସର ଡା. ଲୁସି ଦାସ ପ୍ରତ୍ୟେକ ବିଭାଗୀୟ ମୁଖ୍ୟଙ୍କ ନିକଟକୁ ଚିଠି କରିଛନ୍ତି।

ପ୍ରତ୍ୟେକ ବିଭାଗରେ ନିଜସ୍ୱ ନିରାମୟ କେନ୍ଦ୍ର ଖୋଲାଯିବ। ଏହି କେନ୍ଦ୍ରକୁ ଅନଲାଇନରେ ସଂଯୋଗ କରାଯିବ। ଆବଶ୍ୟକ ମୁତାବକ ଔଷଧଗୁଡିକ ପ୍ରତ୍ୟେକ ବିଭାଗୀୟ ମୁଖ୍ୟ ସହ ଯୋଗଯୋଗ କରାଯାଇ ଔଷଧଗୁଡିକ ମହଜୁଦ ରଖାଯିବ। ସମସ୍ତ ଔଷଧର ବିବରଣୀ ଅନଲାଇନରେ ଦର୍ଶାଯିବ। କେନ୍ଦ୍ରକୁ ଖୋଲିବା ଲାଗି ଆବଶ୍ୟକ ସ୍ଥାନ, ଅସବାବପତ୍ର, କର୍ମଚାରୀ, ଅବଶ୍ୟକ ସରଞ୍ଜାମ ସମ୍ପର୍କରେ ବିଭାଗୀୟ ମୁଖ୍ୟଙ୍କ ସହ ଯୋଗଯୋଗ କରିପାରିବେ। ଏହି କେନ୍ଦ୍ର ପ୍ରତ୍ୟେକ ଦିନ ଖୋଲା ରହିବ। ଏହା ସକାଳ ୯ଟାରୁ କାର୍ଯ୍ୟକ୍ଷମ ହୋଇ ଅପରାହ୍ନ ୫ଟାରେ ବନ୍ଦ ହେବ। ଆବଶ୍ୟକ ଔଷଧ ଲିଷ୍ଟ ନର୍ସିଂ ଅଫିସର ମାନେ ପର୍ଯ୍ୟାୟକ୍ରମେ ପ୍ରସ୍ତୁତ କରିବେ। ପ୍ରତ୍ୟେକ ଦିନ ବିଭାଗୀୟ ମୁଖ୍ୟଙ୍କ ଦସ୍ତଖତ ନିଆଯିବା ପରେ ଯାଇ ନିରାମୟର ସବ ଷ୍ଟୋରରୁ ଔଷଧ ଅଣାଯିବ। ଆନ୍ତଃ ବିଭାଗରରୁ ଡିସଚାର୍ଜ ହେଉଥିବା ପ୍ରତ୍ୟେକ ରୋଗୀ ଏହ କେନ୍ଦ୍ରରୁ ଔଷଧ ନେଇପାରିବେ। ସେହିଭଳି ବିଭିନ୍ନ ବହିର୍ବିଭାଗରେ ଔଷଧ ପାଇବା ଲାଗି ଇ-ନିରାମୟ ଯୋଜନା ପ୍ରସ୍ତୁତ ହୋଇଛି। ପୁରୁଣା ବହିର୍ବିଭାଗ ବିଲ୍ଡିଂର ନିରାମୟ-୧ରେ ଭେଷଜ, ଇଏନଟି, କ୍ଲିନିକାଲ ହେମାଟୋଲୋଜି, ର୍ୟୁମାଟୋଲୋଜି, ଏଆରଭି କ୍ଲିନିକ, ଇମ୍ୟୁନିଜେସନ ବିଭାଗର ଔଷଧ ମିଳିବ। ସ୍ତ୍ରୀ ଓ ପ୍ରସୂତି ବିଭାଗର ନିରାମୟ-୨ରେ କେବଳ ସ୍ତ୍ରୀ ଓ ପ୍ରସୂତି ବିଭାଗର ଔଷଧ ରହିବ। ଆରଡିସି ନିକଟସ୍ଥ ନିରାମୟ-୩ରେ ଟ୍ରମା, ନନଟ୍ରମା, ସର୍ଜରୀ, ଅର୍ଥପେଡ଼ିକ୍ସ, ପେଡ଼ିଆଟ୍ରିକ, ଆରଏସଆଇସିର ଔଷଧ ରହିବ। ଚକ୍ଷୁ ବିଭାଗ ବିଲ୍ଡିଂ ନିକଟସ୍ଥ ନିରାମୟ-୪ରେ ଚକ୍ଷୁ, ୟୁରୋଲୋଜି, ନେପ୍ରୋଲୋଜି, ହେପାଟୋଲୋଜି, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି, ଗ୍ୟାଷ୍ଟ୍ରୋସର୍ଜରୀ, ନ୍ୟୁରୋସର୍ଜରୀ, ପ୍ଲାଷ୍ଟିକ ସର୍ଜରୀ, ଏଣ୍ଡୋକ୍ରାଇନୋଲୋଜି, ଏଣ୍ଡୋକ୍ରାଇନ ସର୍ଜରୀ, ଲିଭର ଟ୍ରାନ୍ସପ୍ଲାଣ୍ଟ ବହିର୍ବିଭାଗର ଔଷଧ ମହଜୁଦ ରହିବ। ରାଣୀହାଟ ଗେଟ ପାଖ ନିରାମୟ-୫ରେ ଚର୍ମ, ନ୍ୟୁରୋଲୋଜି, ପଲ୍ୟୁମନାରୀ ମେଡିସିନ ଓ ରେସପ୍ୟାଟୋରୀ ମେଡିସିନ ଔଷଧ ରଖାଯିବ। ହୃଦରୋଗ ବିଭାଗର ନିରାମୟ-୬ରେ କାର୍ଡିଓଲୋଜି ଏବଂ ସିଟିଭିଏସର ଔଷଧ ରହିବ ବୋଲି ଯୋଜନା କରାଯାଇଛି। ଅନ୍ୟପକ୍ଷରେ ଡାକ୍ତର ମାନେ ଜେନେରିକ ଔଷଧର ଲେଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ବିଜେଡିର ପ୍ରତିଷ୍ଠା ଉତ୍ସବ ପ୍ରସ୍ତୁତି



**ଟାଙ୍ଗୀ, ୨୧।୧୨(ସମିସ):** ଆସନ୍ତା ଡିସେମ୍ବର ୨୬ ତାରିଖରେ ବିଜୁ ଜନତା ଦଳର ୨୮ତମ ପ୍ରତିଷ୍ଠା ଉତ୍ସବ ରାଜ୍ୟବ୍ୟାପୀ ପାଳିତ ହେବ। ଏହି ଉପଲକ୍ଷେ ସାଲେପୁର ନିର୍ବାଚନ ମଣ୍ଡଳୀ ଟାଙ୍ଗୀ ଅଞ୍ଚଳ ବିଜେଡି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। କୋଟସାହି ପଞ୍ଚାୟତ ଟାଙ୍ଗୀସ୍ଥିତ ଶ୍ରୀ ଶ୍ରୀ କୋଟେଶ୍ୱର କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ବୈଠକରେ ବିଧାୟକ ପ୍ରଶାନ୍ତ ବେହେରା ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର, ବିଜେଡି ସଂଗଠକ ତଥା ପ୍ରାକ୍ତନ ସରପଞ୍ଚ ସୁବୋଧ କୁମାର ସାମଲ, ଆମ୍ରି ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ସଂଗଠକ ଅମରେଶ୍ୱର ଭୂୟାଁ, ବସନ୍ତ ସାହୁ, ଶାରଦା ପ୍ରସନ୍ନ ମହାନ୍ତି, ପରମଜିତ ମହାନ୍ତି, ଉମେଶ ସ୍ୱାଇଁ, ସାଗର କର ଓ ମାନସ ସ୍ୱାଇଁଙ୍କ ସମେତ ୧୩ଟି ପଞ୍ଚାୟତର ଆଗଧାଡ଼ିର କର୍ମୀ ଯୋଗ ଦେଇଥିଲେ। ସାଙ୍ଗଠନିକ ଏକତା ସହ ନୂତନ ସଭ୍ୟ ସଂଗ୍ରହ ଅଭିଯାନକୁ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ସାଧାରଣ ଜନତାଙ୍କ ଦୈନନ୍ଦିନ ସମସ୍ୟା ସହ ଯୋଡ଼ିହେଲେ ସଂଗଠନ ମଜଭୁତ ହେବ ବୋଲି ମତପ୍ରକାଶ ପାଇଥିଲା। ବ୍ଲକ ବିଜେଡ଼ି ସଭାପତି ଧିରେନ୍ଦ୍ର କୁମାର ଜେଠୀ ମଞ୍ଚ ପରିଚାଳନା କରିଥିବାବେଳେ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଆଶିଷ ରଞ୍ଜନ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

## ସମବାୟ ମନ୍ତ୍ରୀଙ୍କ କଣ୍ଟାପଡ଼ା ଧାନମଣ୍ଡି ଗସ୍ତ

**କଣ୍ଟାପଡ଼ା, ୨୧।୧୨(ସମିସ):** କଟକ ଜିଲ୍ଲା ନିଆଳୀ ନିର୍ବାଚନମଣ୍ଡଳୀର ବିଭିନ୍ନ ସେବା ସମବାୟ ସମିତି କାର୍ଯ୍ୟାଳୟ ଓ ଧାନମଣ୍ଡି ପରିଦର୍ଶନ କରି ଫେରିଯାଇଛନ୍ତି ସମବାୟ, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ। ଶନିବାର ଦିନ ଶ୍ରୀ ବଳସାମନ୍ତ କଣ୍ଟାପଡ଼ା ବ୍ଲକର ବ୍ରାହ୍ମଣସାଇଲୋ ସମବାୟ ସମିତି କାର୍ଯ୍ୟାଳୟ ଓ କଣ୍ଟାପଡ଼ା ସମବାୟ ସମିତି କାର୍ଯ୍ୟାଳୟ ପରିଦର୍ଶନ କରି ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଚଳିତବର୍ଷ ସରକାର ଧାନ କୁଇଣ୍ଟାଲ ପ୍ରତି ୩୧ଶହ ଟଙ୍କା ଦେବାକୁ ଥିବାବେଳେ କିପରି ବ୍ୟବସାୟୀ ଏଥିରେ ହସ୍ତକ୍ଷେପ କରିବେ ନାହିଁ ଏବଂ ଚାଷୀମାନେ ସିଧାସଳଖ ଧାନ ଦେଇ ଏହାର ସୁବିଧା ପାଇପାରିବେ ସେ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏପରିକି ମଣ୍ଡିକୁ ଧାନ ନେଇ ଆସୁଥିବା ଚାଷୀମାନଙ୍କର ଖାଦ୍ୟ ପାନୀୟ ଓ ବିଶ୍ରାମର ସମସ୍ତ ବ୍ୟବସ୍ଥା କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ବିଭାଗୀୟ ଅଧିକାରୀଙ୍କ ସହିତ କଣ୍ଟାପଡ଼ା ବ୍ଲକ ବିଡିଓ ସ୍ୱପ୍ନିତା ନାୟକ, ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟଙ୍କ ସହିତ ସମବାୟ କାର୍ଯ୍ୟାଳୟର ସଭାପତି, ସମ୍ପାଦକ, ବ୍ଲକ ଯୋଗାଣ ଅଧିକାରୀ ଓ ମାର୍କେଟିଂ ଇନିସପେକ୍ଟର ପ୍ରମୁଖ ଯୋଗ ଦେଇଥିଲେ। ବର୍ଷାରେ ଓଦା ହୋଇଥିବା ଧାନର ଏଫଏକ୍ୟୁ ମାନ ଖରାପ ହୋଇଥିଲେ ତାକୁ ଅଧିକାରୀଙ୍କ ଦ୍ୱାରା ଅନୁଧ୍ୟାନ କରି କ୍ଷତିପୂରଣ ଦିଆଯିବ ଏବଂ ପ୍ରତି ସମବାୟ ସମିତିକୁ ପର୍ଯ୍ୟାପ୍ତ ପରିମାଣର ପଲିଥିନ ଓ ଆନୁଷଙ୍ଗିକ ସରଞ୍ଜାମ ଯୋଗାଇ ଦିଆଯାଇଥିବା ଗଣମାଧ୍ୟମକୁ ମନ୍ତ୍ରୀ ସୂଚନା ଦେଇଥିଲେ।

## ଭଟ୍ଟାରିକା ବିଦ୍ୟାପୀଠର ହୀରକ ଜୟନ୍ତୀ କ୍ରୀଡ଼ା ଉତ୍ସବ



**ବଡମ୍ବା, ୨୧।୧୨(ସମିସ):** ବଡମ୍ବା ବ୍ଲକ ଅନ୍ତର୍ଗତ ଶଶାଙ୍ଗସ୍ଥିତ ଭଟ୍ଟାରିକା ବିଦ୍ୟାପୀଠର ହୀରକ ଜୟନ୍ତୀ ଉପଲକ୍ଷେ ଶୁକ୍ରବାର ପୂର୍ବାହ୍ନରେ ବଙ୍ଗଳା ପଡ଼ିଆରେ ହୀରକ ଜୟନ୍ତୀ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାପୀଠର ପୁରାତନ ଛାତ୍ର ସଂସଦର ସଭାପତି ଡ. ବିନୋଦ ବିହାରୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡା ଧ୍ୱଜା ଉତ୍ତୋଳନ କରିବା ସହ ଆଗାମୀ ଦିନରେ ପାଳନ ହେବାକୁ ଥିବା ହୀରକ ଜୟନ୍ତୀକୁ ମହାସମାରୋହରେ ପାଳନ କରିବା ନେଇ ଆଲୋଚନା କରିଥିଲେ। ଆଜିର କାର୍ଯ୍ୟକ୍ରମରେ କରଡିବନ୍ଧ, ଶଶାଙ୍ଗ, ଗମେଇ ଗ୍ରାମର ୬ଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଜୁବିଲି କମିଟିର ଅଧ୍ୟକ୍ଷ ଅଜୟ ରାଉତଙ୍କ ସମେତ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକମାନେ ଖେଳ ପରିଚାଳନା କରିଥିଲେ। ପ୍ରାଣବନ୍ଧୁ ବେହେରା, ରମେଶଚନ୍ଦ୍ର ରଣା, ଲକ୍ଷ୍ମୀଧର ଗୋଛି, ହୃଷିକେଶ ରାଉତ, ରମେଶ ଚନ୍ଦ୍ର ରାଉତ, ମାନଗୋବିନ୍ଦ ଦଳେଇ, ଦେବରାଜ ବେହେରା, ଅନ୍ତର୍ଯ୍ୟାମୀ ପୁହାଣ, ଗୋଲଖ ବାରିକ ସହଯୋଗ କରିଥିଲେ।

# ପିପି କଲେଜରେ ବାର୍ଷିକ ଉତ୍ସବ



**ନିଶ୍ଚିନ୍ତକୋଇଲି, ୨୧।୧୨(ସମିସ):** ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟର ୪୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଡ. ଅଲେଖଚନ୍ଦ୍ର ସାମଲଙ୍କ ସଂଯୋଜନା ଏବଂ କଲେଜ ଅଧ୍ୟକ୍ଷ ପ୍ରଫେସର ଡ. ସୁଚିତ୍ର ସାହୁଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ ନୂତନ ଜାତୀୟ ଶିକ୍ଷାନୀତିରେ ଗୁଣାତ୍ମକ ଶିକ୍ଷା ଓ ଗୁରୁ ଶିଷ୍ୟ ପରମ୍ପରା ଆଧାରିତ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଖୁବ୍‌ଶୀଘ୍ର କଲେଜର ବିକାଶ ପାଇଁ ଏକ ମୁଖ୍ୟ ଫାଟକ ଓ ଏହାର ସଂଲଗ୍ନ ରାସ୍ତା, ଜାତୀୟସ୍ତରର ପାଠାଗାର, ବାଳକ ଓ ବାଳିକାଙ୍କ ପାଇଁ କମନ ରୁମ୍, ସାଇକଲ ଷ୍ଟାଣ୍ଡ ଓ ଉନ୍ନତମାନର କ୍ୟାଣ୍ଟିନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ କଲେଜ ପରିସରରେ ନୂତନ ଭାବେ ପ୍ରତିଷ୍ଠା ହୋଇଥିବା ଗଜାନନଙ୍କ ପ୍ରତିମୂର୍ତ୍ତି ଓ ୨୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଦୁଇଟି ସ୍ମାର୍ଟ ଶ୍ରେଣୀଗୃହକୁ ଉଦ୍‌ଘାଟନ କରିଛନ୍ତି। ଏଥିରେ ମୁଖ୍ୟବକ୍ତା ଭାବେ ଚଳଚିତ୍ର ଅଭିନେତା ସୁପରଷ୍ଟାର ଅରିନ୍ଦମ ରାୟ ଯୋଗଦେଇଥିଲେ। ସାଂସ୍କୃତିକ ପରିଷଦର ଉପଦେଷ୍ଟା ପ୍ରାଧ୍ୟାପିକା ଡ.ତରୁଲତା ଦେବୀ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। କଲେଜ ପରିଚାଳନା କମିଟିର ସଭାପତି ପ୍ରଫେସର ପଲ୍ଲବ ଚକ୍ରବର୍ତ୍ତୀ, ପ୍ରାକ୍ତନ କଲେଜ ଅଧ୍ୟକ୍ଷ ନିରଞ୍ଜନ ଶତପଥୀ, ପ୍ରଶାସନିକ ଅଧିକାରୀ ଉପେନ୍ଦ୍ର ପଣ୍ଡା, ବିଡିଓ ଦ୍ୱିବେନ୍ଦୁ ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ମହାବିଦ୍ୟାଳୟର ମୁଖପତ୍ର ବନପ୍ରିୟକୁ ଲୋକାର୍ପଣ କରାଯାଇଥିଲା। ଆଶୁତୋଷ ନାରାୟଣ ପଣ୍ଡା, ଭବାନୀଶଙ୍କର ସାହୁଙ୍କୁ ଚଳିତ ବର୍ଷର କଲେଜ ଲିଟେରାରୀ ଚାମ୍ପିଅନ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଡ. ପଦ୍ମଲୋଚନ ରାଉତ, ପ୍ରସନ୍ନ ଦାସ, ବିଶ୍ୱଜିତ୍ ବେହେରା, ଅମ୍ରିତ ସ୍ୱାଇଁ, ଶିଶିର ସାହୁ, ରାଜେଶ ପଣ୍ଡା, ପୁଷ୍ପଲତା ବେହେରା, ପଦ୍ମପ୍ରଭା ସ୍ୱାଇଁ, ଯୁଗାନ୍ତର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ଡ. ଦେବଯାନୀ ସିହ୍ନା ଧନ୍ୟବାଦ ଦେଇଥିଲେ।

## କ୍ଲଷ୍ଟରସ୍ତରୀୟ ସମୀକ୍ଷା ବୈଠକ



**ଟାଙ୍ଗୀ, ୨୧।୧୨(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ବ୍ରହ୍ମପୁର ପଞ୍ଚାୟତ କାଞ୍ଜିଆ ଗ୍ରାମସ୍ଥ ପ୍ରାଥମିକ ବିଦ୍ୟାଳୟ ପରିସରରେ କାନପୁର କ୍ଲଷ୍ଟରସ୍ତରୀୟ ଶିକ୍ଷକମାନଙ୍କ ସମୀକ୍ଷା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶୁକଦେବ ସିଂଙ୍କୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ କାନପୁର କ୍ଲଷ୍ଟର ସିଆରସିସି ବିଷ୍ଣୁ ପ୍ରସାଦ ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କ ମୌଳିକ ଶିକ୍ଷା ଉପରେ ଆଲୋକପାତ କରିବା ସହ ମାସିକ ଶିକ୍ଷା ଉପରେ ସମୀକ୍ଷା କରିଥିଲେ। ପରିଚାଳନା କମିଟିର ସଭାପତି ବବିନ ରାଉତ, ପୂର୍ବତନ ସଭାପତି ଧିରେନ୍ଦ୍ର ରାଉତ ପ୍ରମୁଖ ସହଯୋଗ କରିଥିବାବେଳେ ସହକାରୀ ଶିକ୍ଷୟିତ୍ରୀ ତପସ୍ୱିନୀ ବେଉରା ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ କାନପୁର କ୍ଲଷ୍ଟରର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ।

## ଲେଡିଜ୍ କ୍ଲବ୍ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ବଡମ୍ବା,୨୧।୧୨(ସମିସ):** ବଡମ୍ବାସ୍ଥିତମୋହନସୁବୁଦ୍ଧିମହାବିଦ୍ୟାଳୟରଲେଡିଜ୍‌କ୍ଲବପକ୍ଷରୁମହାବିଦ୍ୟାଳୟ ପରିସରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ମହାବିଦ୍ୟାଳୟର ଗଣିତ ବିଭାଗ ମୁଖ୍ୟ ଡ. ତନୟା ପଟ୍ଟନାୟକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପୂର୍ବତନ ଅଧ୍ୟାପିକ ପ୍ରଭାତୀ ଦେବୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ପୂର୍ବତନ ଅଧ୍ୟକ୍ଷା ଡ. ସୁଚିସ୍ମିତା ମହାନ୍ତି ଯୋଗଦେଇଥିଲେ। କ୍ଲବ ପକ୍ଷରୁ ଏକ କବିତା ଆସରର ଆୟୋଜନ କରାଯାଇଥିଲା। ଏଥିରେ ସରିତା ସାହୁ, ଡ. ସୁବାସିନୀ ସାହୁ, ସୁଚିସ୍ମିତା ମହାନ୍ତି, ସୁଶ୍ରୀ ସଙ୍ଗୀତା ମହାପାତ୍ର, ଗୀତାଞ୍ଜଳି ନାୟକ, ପ୍ରଭାତୀ ଦେବୀ, ଗୀତା ସୁବୁଦ୍ଧି ପ୍ରମୁଖ ଅଧ୍ୟାପିକା କବିତା ଆବୃତ୍ତି କରିଥିଲେ। ଓଡିଆ ବିଭାଗ ମୁଖ୍ୟ ସରିତା ସାହଙ୍କ ସଂଯୋଜନାରେ ଆୟୋଜତି ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକ ସୁମିତ୍ରା ସାହୁ ଧନ୍ୟବାଦ ଦେଇଥିଲେ।

# ସାଲେପୁର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ସାଲେପୁର, ୨୧।୧୨(ସମିସ)

ଲଘୁଚାପଜନିତ ଲଗାଣ ବର୍ଷାରେ ମଧ୍ୟ ଲୋକମାନେ ଭିଜି ଭିଜି ସାଲେପୁର ପଞ୍ଚାୟତ ସମିତି ପକ୍ଷରୁ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହେଉଥିବା ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ୨୦୨୪ରେ ସାଲେପୁର ବ୍ଲକର ବିଭିନ୍ନ ପଞ୍ଚାୟତରୁ ୭ଶହରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ନିଜର ନାମ ପଞ୍ଜିକରଣ କରିଥିବା ଜଣାଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ସାଲେପୁର ପଞ୍ଚାୟତ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସାମର୍ଥ୍ୟ ଅଭିଯାନ ଶିବିରକୁ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ଯେପରି ଏହି ଅଞ୍ଚଳର ଯୋଗ୍ୟ ଦିବ୍ୟାଙ୍ଗମାନେ ଶିବିର ମାଧ୍ୟମରେ ଉପକୃତ ହେବାକୁ ଥିବା ସମସ୍ତ ସରକାରୀ ଯୋଜନାରୁ ବାଦ୍ ନ ପଡନ୍ତି, ସେ ଦିଗରେ ଗୁରୁତ୍ୱଦେବାକୁ ବିଭାଗୀୟ ଡାକ୍ତର ଓ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସାଲେପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଖଗେଶ୍ୱର ପାତ୍ରଙ୍କ ତତ୍ତ୍ୱାବଧାନରେ ଏହି ଶିବିରରେ ଲଘୁଚାପଜନିତ ଲଗାଣ ବର୍ଷା ସତ୍ତ୍ୱେ ଅସ୍ଥିଶଲ୍ୟ ବିଭାଗରେ ୨୪୪ ଜଣ, ସ୍ନାୟୁ ବିଭାଗରେ ୮୫ ଜଣ, ମାନସିକ ଭିନ୍ନକ୍ଷମ, କର୍ଣ୍ଣ, ନାକ ଓ ଗଳାବିଭାଗର ୮୭ଜଣ, ଦୃଷ୍ଟିବାଧିତ ଭିନ୍ନକ୍ଷମ ୯୫ ଜଣଙ୍କ ସମେତ ମୋଟ ୭୦୩ ଜଣ ଦିବ୍ୟାଙ୍ଗ ନିଜର ନାମ ପଞ୍ଜିକରଣ କରିଥିବାବେଳେ ଶିବିରରେ ୫୦୭ ଜଣଙ୍କର ଯୋଗ୍ୟ ଭିନ୍ନକ୍ଷମ ଭାବେ ଚିହ୍ନଟ କରାଯାଇଥିବାବେଳେ ଅନ୍ୟମାନଙ୍କୁ ଏସ୍‌ସିବି ମେଡ଼ିକାଲକୁ ପରୀକ୍ଷା ନିମନ୍ତେ ପଠାଯାଇଥିବା ଜଣାଯାଇଛି। ସେହିପରି କେତେକ ଦିବ୍ୟାଙ୍ଗଙ୍କୁ ବସ ପାସ, ଶ୍ରବଣ ଯନ୍ତ୍ର, ଟ୍ରାଇସାଇକଲ, ହ୍ୱିଲ ଚେୟାର, ଆଶା ବାଡ଼ି ଆଦି ପ୍ରଦାନ ପାଇଁ ସେମାନଙ୍କ ନାମ ପଞ୍ଜିକରଣ କରାଯାଇଥିଲା। ଏହି ଦିବ୍ୟାଙ୍ଗଙ୍କୁ ପ୍ରଶାସନ ପକ୍ଷରୁ ଏହି ସବୁ ସୁବିଧା ଯୋଗାଇଦିଆଯିବ ବୋଲି ଜଣାଯାଇଛି। ସେହିପରି କେତେକ ଭିନ୍ନକ୍ଷମଙ୍କୁ ଲୋନ୍ ପ୍ରଦାନ ପାଇଁ ବ୍ୟାଙ୍କକୁ ମଧ୍ୟ ସୁପାରିସ କରାଯାଇଛି। ସେହିପରି



### ପ୍ରବଳ ବର୍ଷା ସତ୍ତ୍ୱେ ୭୦୩ ଜଣଙ୍କ ନାମ ପଞ୍ଜୀକରଣ

ଏହି ଭିନ୍ନକ୍ଷମ ଶିବିରରେ ଯେପରି କୌଣସି ଦିବ୍ୟାଙ୍ଗ ଭିନ୍ନକ୍ଷମ ବଞ୍ଚିତ ନ ହେବେ, ସେଥିପାଇଁ ପ୍ରଶାସନ ପକ୍ଷରୁ ୪ ଦିନ ଧରି ମାଇକ୍ ପ୍ରଚାର ଦ୍ୱାରା ସଚେତନ କରାଯାଇଥିଲା। ପ୍ରଶାସନ ପକ୍ଷରୁ ଏହି ଶିବିରରେ ଯୋଗଦେବାକୁ ଆସିଥିବା ଦିବ୍ୟାଙ୍ଗଙ୍କ ପାଇଁ ଖାଦ୍ୟ, ପାନୀୟ ବ୍ୟବସ୍ଥା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସାଲେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ଉପାଧ୍ୟକ୍ଷ ପ୍ରତିନିଧି ବିଶ୍ୱଜିତ୍ ବିଶ୍ୱାଳ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂର୍ଯ୍ୟକାନ୍ତ ରାଉତ, ଚକ୍ଷୁ ଡାକ୍ତର ସତ୍ୟନାରାୟଣ ମଲ୍ଲିକ, ଏମ୍‌ଆର ଡାକ୍ତର ଅମୃତ ସାହୁ, ଅସ୍ଥିଶଲ୍ୟ ବିଭାଗର ଡା. ଶଶି ସାହୁ, ସେକ୍ ସୋହେଲ, ସ୍ନାୟୁ ବିଭାଗର ଡା. ସୁଶାନ୍ତ କୁମାର ଖିଲାର, ଇଏନ୍‌ଟି ଡା.ସିଦ୍ଧାନ୍ତ ସିହ୍ନା, ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଅରୁଣ ପଟ୍ଟନାୟକ, ବିପିଏମ୍ ଗୀତାଞ୍ଜଳି ଲେଙ୍କା, ଡିଏସ୍‌ଏସ୍‌ଓ ଡା.ମନୋଜ ପଲେଇ, ବିଏସ୍‌ଓ ଡା.ସତ୍ୟନାରାୟଣ ସ୍ୱାଇଁ, ଡା.ବିଜୟ ପ୍ରଧାନ, ସରପଞ୍ଚ ସଞ୍ଜୟ ବେହୁରା, ଜ୍ଞାନରଞ୍ଜନ ପଟ୍ଟନାୟକ, ପବିତ୍ର ସାମଲଙ୍କ ସମେତ ବହୁ ଲୋକପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।



ସକାଳ THE SAKALA



## ପନିପରିବା ଫସଲ କ୍ଷତିଗ୍ରସ୍ତ



ସାଲେପୁର, ୨୧।୧୨(ସମିସ): ଅଦିନିଆ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ସାଲେପୁର ଅଞ୍ଚଳରେ ବ୍ୟାପକ ଫସଲ ହାନି ଘଟିଥିବାବେଳେ ଧାନଫସଲ ଅଧିକ ମାତ୍ରାରେ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ଏନେଇ ଚାଷୀମାନଙ୍କ ମଧ୍ୟରେ ଏକ ପ୍ରକାର ଭାଳେଣୀ ପଡ଼ିଯାଇଛି। ଗତକାଲିଠାରୁ ଦୁଇଦିନ ଧରି ଲାଗି ରହିଥିବା ଲଗାଣ ବର୍ଷା ଯୋଗୁଁ ବହୁ ପନିପରିବା ଫସଲ ପାଣିରେ ବୁଡ଼ିରହିଛି। ବିଶେଷ କରି ଚିତ୍ରୋତ୍ପଳା ନଦୀପଠା ବାଲିସାହି ଓ ବିରୂପା ନଦୀପଠାରେ ହରିପୁର ସମେତ ବିଭିନ୍ନ ସ୍ଥାନର ଖାଲୁଆ ଅଞ୍ଚଳରେ ହୋଇଥିବା ପନିପରିବା ଫସଲରେ ବର୍ଷାପାଣି ଜମି ରହି କାକୁଡ଼ି, କଲରା, କୋବି, ଲଙ୍କା, ଶାଗ, ବିଶେଷ କରି କୋବି ଫସଲରେ ଚାଷୀମାନେ ଅଧିକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଦେଖାଦେଇଛି। ସେହିପରି ବର୍ତ୍ତମାନ ଧାନ ଅମଳର ସମୟ ହୋଇଥିବାବେଳେ ବହୁ ଚାଷୀ ଧାନ କାଟି ବିଲରେ ପକାଇଥିବାବେଳେ ଏହି ବର୍ଷା ଯୋଗୁଁ ଖାଲୁଆ ଜମିରେ ଥିବା ଶହ ଶହ ଏକର କଟା ଧାନ ଉପରେ ପାଣି ଜମି ରହିଛି। ଫଳରେ ଧାନ ଗଜା ହେବାର ମଧ୍ୟ ଆଶଙ୍କା ଦେଖାଦେଇଛି। ସାଲେପୁର ବ୍ଲକର ରାମେଶ୍ୱର, ଛାଣିପୁର, ଭୀମଦାସପୁର, ମିର୍ଜାପୁର, ରାଇସୁଙ୍ଗୁଡ଼ା, ନଇଗୁଆଁ, ଶିଶୁଆ, ପିକୋଳ, ବାରିଗୋଳ, ବୋଦାମୁଣ୍ଡାଇ, ଚନ୍ଦ୍ରାଦେଇପୁର, ଲୁଣାହାର, ରୋଧପୁର, ବଟେଶ୍ୱର ସମେତ ବିଭିନ୍ନ ଅଞ୍ଚଳରେ ଅଧିକାଂଶ ବିଲରେ ଧାନ କଟାହୋଇ ବିଲରେ ପଡ଼ି ରହିଥିବାବେଳେ ବର୍ଷା ପାଣି ଉକ୍ତ ଧାନ ଉପରେ ଜମି ରହିଛି। ଫଳରେ ଧାନ ଫସଲକୁ ନେଇ ଚାଷୀମାନେ ଏକ ପ୍ରକାର ଚିନ୍ତାରେ ପଡ଼ିଛନ୍ତି। ସେହିପରି ସାଲେପୁରର ନଦୀପଠାମାନଙ୍କରେ କରାଯାଇଥିବା ପନିପରିବା ଚାଷ ଅଧିକ କ୍ଷତିଗସ୍ତ ହେବା ଆଶଙ୍କା ଦେଖାଦେଇଛି। ବିନ୍, ଜହ୍ନି, କଲରା, ବିଲାତି ଫସଲ କେତେକ ଚାଷୀ ଲଗାଇଥିବାବେଳେ ପାଣି ଜମିରହିବାରୁ ଗଛଗୁଡିକ ପାଣିରେ ବୁଡ଼ିରହିଛି। ଫଳରେ ଏହି ସବୁ ଫସଲ ନଷ୍ଟ ହେବାର ଆଶଙ୍କା ରହିଛି। ଅଦିନିଆ ବର୍ଷା ଯୋଗୁଁ ଚାଷୀମାନେ ଚିନ୍ତାରେ ପଡ଼ିଥିବାବେଳେ କେତେକ ଚାଷୀ ଏହି ବର୍ଷାରେ ଭିଜି ଧାନ ଫସଲ ନିଜ ବିଲରୁ ଉଠାଇ ଘରକୁ ଆଣୁଥିବାର ଦେଖିବାକୁ ମିଳିଛି।

**ବର୍ଷାପାଣିରେ ବୁଡ଼ି ରହିଛି ଧାନ ଫସଲ**

### କୋହଲା ପାଗ, ଲଗାଣ ବର୍ଷାରେ ଅସ୍ତବ୍ୟସ୍ତ ଜନଜୀବନ

# ଭାତ ହାଣ୍ଡି ଉଜାଡ଼ିଦେଲା ଅଦିନିଆ ବର୍ଷା





ନିଶ୍ଚିନ୍ତକୋଇଲି, ୨୧।୧୨(ସମିସ): କ୍ଷେତରେ ପାଚିଲା ଧାନ ଉଜୁଡ଼ି ଯାଉଥିବା ଦେଖି ଚାଷୀ ଆଖି ଲୁହରେ ଭିଜିଯାଉଛି। ଆଉ କେଇଟା ଦିନ ପରେ ଧାନ ଅମଳ କରି ଆଣି ବର୍ଷକର ଆହାର ଘରେ ସାଇତି ରଖିଥାନ୍ତେ ଚାଷୀ। ବଳକା ଧାନ ମଣ୍ଡିରେ ବିକ୍ରି କରି ଚାଷ ପାଇଁ କରିଥିବା ଋଣ ଶୁଝିଥାନ୍ତା। ହେଲେ ଦୁଇ ଦିନ ହେବ ଲାଗି ରହିଥିବା ଲଘୁଚାପଜନିତ ଲଗାଣ ବର୍ଷାରେ କ୍ଷେତରେ ବ୍ୟାପକ ଧାନଫସଲ ଉଜୁଡ଼ିବାକୁ ଲାଗିଲାଣି। ଏହି ଲଗାଣ ବର୍ଷା ପାଚିଲା ଧାନ କ୍ଷେତକୁ ଏଭଳି ପ୍ରଭାବିତ କରିଛି ଯାହା ଦ୍ୱାରା ଧାନ ଅମଳ ହେବା ପୂର୍ବରୁ ଏହା ଗଜା ହୋଇ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ଏଭଳି ସ୍ଥିତିରେ ଚାଷୀ ନିରୁପାୟ ହୋଇ କିପରି ଋଣ ସୁଝିବ ସେନେଇ ଚିନ୍ତାରେ ପଡ଼ିଛି। ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଚଳିତବର୍ଷ ୧୨ ହଜାର ୮୮୫ ହେକ୍ଟର ଜମିରେ ଖରିଫ ଧାନ ଚାଷ ହୋଇଥିଲା। ପାଗର ଅନୁକୂଳ ସ୍ଥିତି ଯୋଗୁଁ ଏ ବର୍ଷ ଧାନ ଫସଲ ଭଲ ହୋଇଥିବା ବେଳେ ଅଧିକ ଅମଳ ପାଇଁ ଚାଷୀ ଆଶା ବାନ୍ଧିଥିଲେ। ଏବେ କ୍ଷେତରେ ଧାନ ସମ୍ପୂର୍ଣ୍ଣ ପାଚିଥିବା ଯୋଗୁଁ ଚାଷୀ ଅମଳ ପାଇଁ ଅଗ୍ରସର ହେଉଥିଲା। ବହୁ ଚାଷୀ ସେମାନଙ୍କର ଧାନ ଫସଲ କ୍ଷେତରେ କାଟି ପକାଇଥିବା ବେଳେ କେତେକ ଚାଷୀ ଧାନ କାଟି ଆଣି ଅମଳ ପାଇଁ ଖଳାରେ ରଖିଛନ୍ତି। ଆଉ କେତେକ ଚାଷୀଙ୍କର ଧାନ କଟା ନ ଯାଇ କ୍ଷେତରେ ଛିଡ଼ା ହୋଇ ରହିଛି। ଏହି ସମୟରେ ଅଦିନିଆ ବର୍ଷା ଧାନ ଅମଳରେ ବାଧକ ସାଜିଛି। କେତେକ ଚାଷୀ ମେସିନ ଦ୍ୱାରା ଧାନ କାଟି ଅମଳ କରିଥିବା ବେଳେ ସେଗୁଡ଼ିକ ମଧ୍ୟ ବର୍ଷାରେ ଓଦା ହୋଇଛି। କଟାଯାଇଥିବା ବହୁ ଧାନକୁ ବିଲରେ ଗଦା କରି ଘୋଡ଼ାଇ ରଖିଥିବା ବେଳେ ସେ ଗୁଡ଼ିକ ମଧ୍ୟ ବର୍ଷାରେ ଭିଜି ଗଜା ହେବାକୁ ଲାଗିଲାଣି। ଖାଲୁଆ ଜମିରେ ଧାନ ଗଛ ଗୁଡ଼ିକ ଶୋଇଯାଇ ଭୂଇଁରେ ଲାଗିଯାଇ ବୁଡ଼ିଯାଇଥିବାରୁ ତାହା ବର୍ଷା ଜଳରେ ରହି ଗଜା ହେବାର ଦେଖାଦେଇଛି। ଏହି ବ୍ଲକ ଅଞ୍ଚଳରେ ଆସନ୍ତା ଜାନୁଆରୀ ୬ ତାରିଖରେ ମଣ୍ଡି ଖୋଲିବା ପାଇଁ ଦିନ ଧାର୍ଯ୍ୟ ହୋଇଥିବା ବେଳେ ଚାଷୀମାନେ ଧାନ ମଣ୍ଡିରେ ବିକ୍ରି କରିବା ପାଇଁ ଧାନ ଅମଳ କାର୍ଯ୍ୟରେ ଲାଗିଥିବା ବେଳେ ବର୍ଷା ଯୋଗୁଁ ସଠିକ୍ ଭାବେ ଅମଳ କରିପାରୁନାହାନ୍ତି। ବର୍ଷାରେ ଧାନ ଓଦା ହୋଇଯିବା ପରେ ଏହାର ମାନ ମଧ୍ୟ କମିଯିବ। ଯାହାଦ୍ୱାରା ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ସମସ୍ୟା ଉପୁଜିବାର ଆଶଙ୍କା ଦେଖାଦେଇଛି। ଦୁଇଦିନ ହେବ କୋହଲା ପାଗକୁ ଝିପିଝିପି ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ ମଧ୍ୟ କରି ପକାଇଛି। କୃଷି ବିଭାଗ ପକ୍ଷରୁ ବର୍ଷା ଯୋଗୁଁ କ୍ଷତି ହୋଇଥିବା ଧାନର ଆକଳନ କରାଯାଇ ଚାଷୀମାନଙ୍କୁ କ୍ଷତିପୂରଣ ଦେବା ପାଇଁ ଚାଷୀ ମହଲରେ ଦାବି ହୋଇଛି।

- ବ୍ୟାପକ ଧାନ ଫସଲ କ୍ଷତି
- ଋଣ ଶୁଝିବା ଚିନ୍ତାରେ ଚାଷୀ

## ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳରେ ଉଜୁଡ଼ିଲା ଫସଲ

ଟାଙ୍ଗୀ, ୨୧।୧୨(ସମିସ): ଟାଙ୍ଗୀ ଚୌଦ୍ୱାର ଅଞ୍ଚଳରେ ଅଦିନିଆ ବର୍ଷା ଲାଗିରହିଛି। ଲଘୁଚାପ ଲଗାଣ ବର୍ଷା ଗୁରୁବାର ଠାରୁ ଆରମ୍ଭ ହୋଇ ଶନିବାର ପର୍ଯ୍ୟନ୍ତ ଲାଗିରହିଛି। ପାଚିଲା ଧାନ ବିଲରେ ଆଣ୍ଠୁଏ ଆଣ୍ଠୁଏ ପାଣି ଠିଆ ହୋଇଛି। କ୍ଷେତରେ ଭାସୁଛି ପାଚିଲା ଧାନ। ଧାନ ପାଣ୍ଡି ଥାକ କରି ବିଲରେ ରଖିଛନ୍ତି ଚାଷୀମାନେ। ସବୁ ଧାନ ବର୍ଷାରେ ଭିଜି ଗଜା ହୋଇଯାଇଥିବା ଜଣାପଡ଼ିଛି। କଉଡିଆପଡ଼ାର ଚାଷୀ କେଶବ ପାତ୍ର କ୍ଷତିଗ୍ରସ୍ତ ହୋଇ ନିଜର ସମସ୍ତ କ୍ଷେତ ଜମି ଧାନ ନଷ୍ଟ ହୋଇଥିବାରୁ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଅନ୍ୟ ଚାଷୀମାନେ ମୁଣ୍ଡରେ ହାତଦେଇ ଦୁଃଖରେ



କାଳାତିପାତ କରୁଛନ୍ତି। ଏତେ କ୍ଷତି ହେଲା ପରେ ବି କୌଣସି ସରକାରୀ ଅଧିକାରୀମାନେ ଚାଷୀମାନଙ୍କ ନିକଟରେ ପହଞ୍ଚି ପାରିନାହାନ୍ତି। ଏଭଳି ପରିସ୍ଥିତିରେ ସରକାର ସାହାଯ୍ୟ ସହଯୋଗ ଯୋଗାଇଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଅଦିନିଆ ବର୍ଷା ଛଡ଼ାଇ ନେଲା ବର୍ଷକର ଆହାର





ମାହାଙ୍ଗା, ୨୧।୧୨(ସମିସ): ଲଗାଣ ବର୍ଷା ସତେ ଯେମିତି ଛଡାଇ ନେଇଛି ଚାଷୀଙ୍କ ମୁହଁରୁ ବର୍ଷକର ଧାନ ଫସଲ ସହ ପନିପରିବା ଚାଷ, କ୍ଷତିଗ୍ରସ୍ତ ହୋଇଛନ୍ତି ହଜାର ହଜାର ଚାଷୀ। ଚାଷଜମିରେ ପାଚିଲା ଧାନ ଅମଳକ୍ଷମ ହୋଇ ଯାଇଥିବା ବେଳେ ବର୍ଷକର ଆହାରଟିକୁ ଘରକୁ ଆଣିବାକୁ ଚାଷୀ ଧାନ ଖଳା ସଜାଡି ସଜବାଜ ହେଉଥିବା ସମୟରେ ସବୁକିଛି ଅଜାଡି ଦେଇଛି ଅଦିନିଆ ଲଘୁଚାପଜନିତ ଲଗାଣ ବର୍ଷା। ବିଲରେ ଓଦା ହୋଇପଡ଼ିଛି ପାଚିଲା ଧାନ। କେଉଁଠି କଟା ହୋଇ ବିଲରେ ନଷ୍ଟ ହେଉଛି ତ ଆଉ କେଉଁଠି ଖୋଲା ମେଲାରେ ଖଳାରେ ପଡ଼ିରହି ଓଦା ହେଉଛି ଏବଂ ଆଉ କେତେକ ସ୍ଥାନରେ କଟା ଅପେକ୍ଷାରେ ଛିଡା ହୋଇ ରହିଛି। ରାଜ୍ୟରେ ପାଣିପାଗର ପରିବର୍ତ୍ତନ ଏବଂ ଲଘୁଚାପ ଜନିତ ଲଗାଣ ବର୍ଷା ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି। ଧାନ ଆଉ ଘରକୁ ଆଣି ପାରିବେ କି ନାହିଁ ଚିନ୍ତାରେ ମାହାଙ୍ଗା ଅଞ୍ଚଳର ହଜାର ହଜାର ଚାଷୀ। କାରଣ ୨ ଦିନର ଲଗାଣ ବର୍ଷା ହେବାରୁ ଧାନ ବିଲ ଏବଂ ପନିପରିବା କ୍ଷେତ ମାନଙ୍କରେ ବର୍ଷା ପାଣି ଜମି ରହିଛି। ଫଳରେ କଟାହୋଇ ପଡ଼ିଥିବା ଧାନ ଗୁଡିକ ଗଜା ହୋଇପଡ଼ିବାର ସମ୍ଭାବନା ଥିବା ବେଳେ ଛିଡା ହୋଇ ରହିଥିବା ଧାନ ଗଛରୁ କେଣ୍ଡାଗୁଡିକ ଛିଡି ନଷ୍ଟ ହୋଇଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଫଳରେ ବର୍ଷକର ଭାତହାଣ୍ଡି ଉଜୁଡିପଡ଼ିବା ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଅଞ୍ଚଳର ବହୁ ଚାଷୀ। ପାଣି ଜମି ପୋଖରୀର ଭ୍ରମ ସୃଷ୍ଟି କରୁଥିବା ଧାନ ଫସଲ ଆଉ ଦେବ ନାହିଁ ସରକାରଙ୍କ ଏଫଏକ୍ୟୁ ଧାନର ମୂଲ୍ୟ। କ୍ୱିଣ୍ଟାଲ ପ୍ରତି ୩୧ଶହ ଟଙ୍କାକୁ ଆଶା କରି ବସିଥିବା ଚାଷୀର ମନରେ ଆଶଙ୍କା ସୃଷ୍ଟି କରିଛି।

ପ୍ରକାଶ ଯେ ଚଳିତ ଖରିଫ ଋତୁରେ ମାହାଙ୍ଗାରେ ୧୦ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଚାଷ ଜମିରୁ ଫସଲ ଅମଳ ହେବାର ସମୟ ହୋଇଥିବା ବେଳେ ଲଘୁଚାପ ଜନିତ ବର୍ଷାରେ ଏହି ଫସଲ ଗୁଡିକ ବିଲରେ ପଡ଼ି ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ବିଶେଷ କରି ଧାନ ଫସଲ ସାଙ୍ଗକୁ ପନିପରିବା ଫସଲ ମାହାଙ୍ଗାର ବହୁ ପଞ୍ଚାୟତରେ ଦେଖିବାକୁ ମିଳିଥାଏ। ଆଳୁ, ପୋଟଳ, କଖାରୁ, କାକୁଡି, ଫୁଲକୋବି, ବନ୍ଧାକୋବି, ଲଙ୍କା, ଭେଣ୍ଡି, ଶାଗ, ମୂଳା, ଝୁଡଙ୍ଗ, ବିନ, ବାଇଗଣ ଆଦି ଫସଲ ମଧ୍ୟ ନଷ୍ଟ ହେଉଥିବା ଦେଖିବାକୁ ମଳିଛି। ଏହି ବର୍ଷା ପ୍ରଭାବରେ ଆଳୁ, କୋବି, ମୂଳା, ଶାଗ ଆଦି ପନିପରିବା ଫସଲ ପଚି ନଷ୍ଟ ହେବାର ଆଶଙ୍କା ରହିଛି। ଯାହା ଫଳରେ ଚଳିତବର୍ଷ ଅମଳ ଆଶଙ୍କା କମ ରହିଛି। ଚାଷର ପାକଳ ଭଲ ଦେଖି ଚଳିତ ବର୍ଷ ଚାଷି ଋଣ କରି ଏକର ଏକର ଚାଷ ଜମିରେ ଫସଲ କରିଥିଲେ ଅଜାଡି ହୋଇପଡ଼ିଥିବା ବର୍ଷା କାରଣରୁ ଋଣ ସୁଝିବା ନେଇ ଭୟଭୀତ ଅବସ୍ଥାରେ ମାହାଙ୍ଗାର ଅନେକ ଚାଷୀ। କିଭଳି ଭାବେ ଆଗାମୀ ଦିନରେ ପରିବାର ପ୍ରତିପୋଷଣ କରିବେ ସେ ନେଇ ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି ଅନେକ ଚାଷୀ। ଚଳିତ ବର୍ଷର ଧାନ ଫସଲ ସବୁ ବର୍ଷଠାରୁ ବେଶ ଭଲ ହୋଇଥିବା ବେଳେ ଲଘୁଚାପ ବର୍ଷାର ଏଭଳି କୋପ ଫସଲ ଦେଖାଇ ମୁହଁରୁ ଛଡାଇ ନେଲା ଭଳି ହୋଇପଡ଼ିଛି। ସରକାର ଫସଲର କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବା ସହିତ ବର୍ଷାରେ ଭିଜି ରହିଥିବା ଧାନକୁ ସରକାର କିଣିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ଚାଷୀଙ୍କ ମହଲରୁ ଦାବି ହୋଇଛି।

**ଆଶଙ୍କାରେ ସରକାରଙ୍କ ବର୍ଦ୍ଧିତ ଧାର୍ଯ୍ୟ ଧାନର ମୂଲ୍ୟ**

**ହଜାର ହଜାର ହେକ୍ଟର ଚାଷ ଜମିରେ ନଷ୍ଟ ହେଉଛି ପାଚିଲା ଧାନ**

## ଅମଳ ଚିନ୍ତାରେ ଚାଷୀ



କନ୍ଦରପୁର, ୨୧।୧୨(ସମିସ): କଟକ ସଦର ଅଞ୍ଚଳରେ ଶୁକ୍ରବାରଠାରୁ ଶନିବାର ଅଧିକ ବର୍ଷା ହୋଇଥିବାରୁ ବିଲରେ ପାଚିଲା ଧାନ ପଡ଼ି ରହିଥିବାରୁ ଚାଷୀଙ୍କ ନିଦ ହଜିଯାଇଛି। ପାଚିଲା ଧାନ କିଆରୀରେ ପାଣି ଜମିଗଲାଣି, ଜମି ପୂର୍ବରୁ ଓଦଳିଆ ଥିବା ବେଳେ ଏହି ଦୁଇ ଦିନ ବର୍ଷା ଚାଷୀଙ୍କ ଚିନ୍ତା ବଢ଼ାଇଛି। ବର୍ଷା ଯୋଗୁଁ ବିଲରେ ପାଣି ଜମିଯାଇଛି, ସେଥିପାଇଁ ଧାନ ଅମଳ କିଛିଦିନ ବିଳମ୍ବ ହେବ, ଏଥିସହିତ ଅନେକ ଧାନ ନଷ୍ଟ ହୋଇଯିବ ବୋଲି ସଦର ଅଞ୍ଚଳ ବହୁ ଚାଷୀ କହିଛନ୍ତି। ଏପରିକି ବର୍ଷା କାରଣରୁ ପଡ଼ିଯାଇଥିବା ଧାନ ଗଜା ହେବାର ବହୁ ସମ୍ଭାବନା ରହିଛି। ଯଦି ଏଭଳି ବର୍ଷା ରବିବାର ପର୍ଯ୍ୟନ୍ତ ଲାଗି ରହେ ତା'ହେଲେ ଖାଲ ଜମିରେ ପଡ଼ି ଯାଇଥିବା ଧାନ ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ଢିପ ଜମି ଧାନ ମଧ୍ୟ ଅଧିକରୁ ଅଧିକ ନଷ୍ଟ ହୋଇଯିବାର ଆଶଙ୍କା ରହିଛି। ଏଥିସହିତ କୋବି ଚାଷ କରିଥିବା ଚାଷୀଙ୍କ ମୁଣ୍ଡରେ ଏବେ ଚଡ଼କ ପଡ଼ିଛି। ଏହି ଲଗାଣ ବର୍ଷା ଯୋଗୁଁ ଫୁଲ କୋବିରେ ପାଣି ପଶି ପୋକ ହୋଇ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଆସନ୍ତା ସମୟରେ ବିଭିନ୍ନ ପନିପରିବା ଓ ଶାଗଗୁଡ଼ିକ ବହୁତ ମହଙ୍ଗା ହୋଇପାରେ ବୋଲି ବସ୍ତପଡ଼ା, କୋରପଦା, ସୋମପୁର, କମରପଦା ଆଦି ଅଞ୍ଚଳର ଚାଷୀମାନେ ଚିନ୍ତା ପ୍ରକାଶ କରିଛନ୍ତି।

# ଆଠଗଡ଼ ଉପଖଣ୍ଡରେ କୃଷିକ୍ଷେତ୍ର ବେହାଲ୍



ଆଠଗଡ଼/ତିଗିରିଆ/ବଡମ୍ବା/ନରସିଂହପୁର, ୨୧।୧୨(ସମିସ): ଗତ ଦୁଇ ଦିନ ଧରି ଲଘୁଚାପ ଜନିତ ବର୍ଷା ସମଗ୍ର ଆଠଗଡ଼ ଉପଖଣ୍ଡର ଚାଷୀମାନଙ୍କ ପେଟକୁ ଗୋଇଠା ମାରିଛି। ପ୍ରଶାସନିକ ଅବହେଳାରୁ ବିଳମ୍ବରେ ଖୋଲିବାକୁ ଥିବା ଧାନମଣ୍ଡିକୁ ଅପେକ୍ଷା କରି ଉପଖଣ୍ଡର ଚାଷୀମାନେ ଆଜି ଦାଣ୍ଡର ଭିକାରୀ ହେବା ଅବସ୍ଥାରେ ଛିଡା ହୋଇଛନ୍ତି। ଉପଖଣ୍ଡ ଅଧୀନ ଆଠଗଡ଼, ତିଗିରିଆ, ବଡମ୍ବା, ନରସିଂହପୁର ବ୍ଲକରେ ଲଘୁଚାପ ଜନିତ ବର୍ଷା ପାଇଁ ଶହ ଶହ ହେକ୍ଟର ବିଲରେ ଥିବା ପାଚିଲା ଧାନଗଛ ସହ କଟାଧାନ ବିଲରେ ପଡ଼ି ବର୍ଷାମାଡରେ ଗଜା ହେବାର ସମ୍ଭାବନା କ୍ରମେ ସ୍ପଷ୍ଟ ହେଉଥିବା ବେଳେ ତିଗିରିଆ ବ୍ଲକରେ ଧାନ ସହ ବ୍ୟାପକ ପରିମାଣର ଫୁଲ ଓ ବନ୍ଧାକୋବୀ ନଷ୍ଟ ହୋଇଛି। ଚାଷପାଇଁ ଚାଷୀ କରିଥିବା ଋଣ ଏବେ ଚାଷୀମାନଙ୍କୁ ଋଣଯନ୍ତାରେ ପକାଇ କଲବଲ କରିବା ପରିସ୍ଥିତି ସୃଷ୍ଟି କରିଛି। ସୂଚନା ମୁତାବକ ଲଘୁଚାପ ଜନିତ ବର୍ଷା ପାଇଁ ଆଠଗଡ଼ ଉପଖଣ୍ଡ ଅଧୀନ ଆଠଗଡ଼, ତିଗିରିଆ, ବଡମ୍ବା ଓ ନରସିଂହପୁର ବ୍ଲକର କୃଷିକ୍ଷେତ୍ରରେ ତାଣ୍ଡବ ରଚିଛି। ଲଘୁଚାପ ଜନିତ ଲଗାଣ ବର୍ଷାରେ ସାରା ରାଜ୍ୟ ପ୍ରଭାବିତ ହୋଇଥିବା ବେଳେ ଏଥିରୁ ଆଠଗଡ଼ ଉପଖଣ୍ଡ ବାଦ୍ ପଡ଼ିନାହିଁ। ଅଦିନିଆ ବର୍ଷା ଦୀର୍ଘ ୨ ଦିନ ଧରି ଲାଗିରହିବା ଦ୍ୱାରା ସମଗ୍ର ଉପଖଣ୍ଡରେ ଉଭୟ ଧାନ ଓ ପନିପରିବା ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। କଟକ ଜିଲ୍ଲାରେ ଏଯାବତ୍ ଧାନମଣ୍ଡି ଖୋଲି ନ ଥିବାରୁ ଚାଷୀମାନେ ବିଳମ୍ବରେ ଧାନ କାଟିବା ନିଷ୍ପତ୍ତି ଚାଷୀଙ୍କୁ ମହଙ୍ଗା ପଡ଼ିଛି। ଯାହାକୁ ନେଇ ଚାଷୀକୂଳ ଏବେ ଚିନ୍ତାଗ୍ରସ୍ତ ଅବସ୍ଥାରେ କାଳାତିପାତ କରୁଛନ୍ତି।

ଦୁଇଦିନ ଧରି ଆଠଗଡ଼ ବ୍ଲକରେ ୧୫ ମିଲିମିଟର ବର୍ଷା ହୋଇଥିବା ରେକର୍ଡ ହୋଇଛି। ଲଘୁଚାପ ଜନିତ ବର୍ଷାରେ ଆଠଗଡ଼ ବ୍ଲକର ୨୯ଟି ଗ୍ରାମପଞ୍ଚାୟତ ସହ ନିର୍ବାଚନ ମଣ୍ଡଳୀ ଅଧୀନ ଟାଙ୍ଗି ଚୌଦ୍ୱାର ବ୍ଲକର ୫ଟି ପଞ୍ଚାୟତରେ ଲଘୁଚାପ ଜନିତ ବର୍ଷା ପାଇଁ ବ୍ୟାପକ ପାଚିଲା ଧାନ ଓ କଟା ହୋଇ ବିଲରେ ପଡ଼ିରହିଥିବା ଧାନ ନଷ୍ଟ ହୋଇଛି। ଅନୁରୂପ ଭାବେ ଏହି ବ୍ଲକ ଅନ୍ତର୍ଗତ ଜେନାପଦା, ସଠିଲୋ, ସମସରପୁର, ଇଚ୍ଛାପୁର ଓ ପତଣ୍ଡା ଅଞ୍ଚଳରେ ବ୍ୟାପକ ପରିମାଣର ବନ୍ଧାକୋବି ଓ ଫୁଲକୋବି ନଷ୍ଟ ହେବାର ସମ୍ଭାବନା ରହଛି। ଅମଳ ହେବାକୁ ଥିବା ବନ୍ଧା ଓ ଫୁଲ କୋବି ପାଇଁ ବର୍ଷା ପାଣି ଅତି ମାରାତ୍ମକ ହୋଇଥିବାରୁ ଦୁଇଦିନର ଲଗାଣ ବର୍ଷା ଓ କୋହଲା ପାଗ ଯୋଗୁଁ ଏହି ଅଞ୍ଚଳର କୋବି ଗୁଡିକରେ ପୋକ ହୋଇଯିବାର ସମ୍ଭାବନା ରହିଛି। ଅଞ୍ଚଳର ଚାଷୀମାନେ ଲକ୍ଷ ଲକ୍ଷ ଟଙ୍କାର ଋଣ ଆଣି କୋବି ଚାଷ କରିଥିଲେ କିନ୍ତୁ ଅମଳ ସମୟରେ ଲଗାଣ ବର୍ଷା ସେମାନଙ୍କ ସ୍ୱପ୍ନକୁ ସାକାର କରିବା ପରିବର୍ତ୍ତେ ଭାଙ୍ଗିରୁଜି ନଷ୍ଟ କରିଦେଇଛି। ସେହିପରି ତିଗିରିଆ ବ୍ଲକର ଅଚଳକୋଟ, ଭିରୁଡା, ପାଞ୍ଚଗାଁ, ସୋମପଡ଼ା, ତିଗିରିଆ ନିଜିଗଡ଼, ବିନ୍ଧାଣିମା, ପୁରୁଣା ତିଗିରିଆ, ବାଲିପୁଟ, ଜେମାଦେଇପୁର, ଭୋଗଡ଼ା, ଗଦାଧରପୁର, ହାଟମାଳ ଓ ବଡନାଉପୁଟ ଅଞ୍ଚଳରେ ଲଗାଣ ବର୍ଷାରେ ଅଞ୍ଚଳର ଧାନ ଫସଲ ବିଶେଷ ନଷ୍ଟ କରିଛି। ସେହିପରି ବ୍ଲକର ମାନପୁର, ହରିଠା, କଦନା, ଗୋବିନ୍ଦପୁର, କଣ୍ଢିପୁର, ପାଇକିଆଁରା, ବଡନାଉପୁଟ, ହାଟମାଳ ଆଦି ଅଞ୍ଚଳରେ ବ୍ୟାପକ କୋବି ଫସଲ ସହ ଅନ୍ୟାନ୍ୟ ପରିବା କ୍ଷେତ ନଷ୍ଟ ହୋଇଛି। ତିଗିରିଆ କୃଷି ବିଭାଗ ପକ୍ଷରୁ ତିଗିରିଆ ବ୍ଲକରେ ୧୩ମିଲିମିଟର ବର୍ଷା ହୋଇଥିବାର ରେକର୍ଡ ହୋଇଛି। ଚଳିତ ରବି ଋତୁରେ ତିଗିରିଆରେ ମୋଟ ୭୨୫୨ ହେକ୍ଟର ଚାଷଜମି ମଧ୍ୟରୁ ୪୧୩୦ ହେକ୍ଟର ଜମିରେ ଧାନ ଫସଲ ଲଗାଯାଇଥିଲା। ଚାଷ ହୋଇଥିବା ଜମିମଧ୍ୟରୁ ଶତକଡା ୭୫ ଭାଗ ଚାଷଜମିରୁ ଧାନ ଅମଳ ସରିଛି ଓ ବାକି ରହିଯାଇଥିବା ୨୫ ଶତକଡା ଜମି ମଧ୍ୟରୁ ପ୍ରାୟ ୨୦୦ ହେକ୍ଟର ପାଚିଲା ଧାନ କିଆରି ଓ କଟା ହୋଇ କ୍ଷେତରେ ଥିବା ଧାନ ଉପରେ ଲଗାଣବର୍ଷାର ଜଳ ମାଡରହିଛି। ଚଳିତ ବର୍ଷ ସ୍ୱାଭାବିକ ବର୍ଷା ତଥା ରେଙ୍ଗାଲୀ କେନାଲର ଜଳ ସୁବଣ୍ଟନ ଦ୍ୱାରା ତିଗିରିଆରେ ଧାନଚାଷ ସହ ଧାନ ଅମଳ ରେକର୍ଡ ସୃଷ୍ଟି କରିଛି। ବଡମ୍ବା ବ୍ଲକର କୃଷି ବିଭାଗ ପକ୍ଷରୁ ଗତ ଦୁଇଦିନରେ ୧୪ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଲଗାଣ ବର୍ଷା ଓ କୋହଲା ପାଗର ପୂର୍ବାନୁମାନ କରି ବ୍ଲକର ଦାଶରଥିପୁର, ମାଳତୀ, ରତାପାଟ, ଗୋପାଳପୁର, କୃଷ୍ଣପୁର, ଗୋପମଥୁରା, ମୁଗଗହିର, ଜାନୀସାହି, ଭଟ୍ଟାରିକା, ବନମାଳିପୁର, କରଡିବନ୍ଧ, କୋଲେଶ୍ୱର, ନିଜିଗଡ଼, ଗୋପମଥୁରା, ଗଡ଼ାପୋଖରୀ ସହ ବ୍ଲକ ଅଧୀନ ୩୮ ଟି ପଞ୍ଚାୟତର ଚାଷୀମାନେ ଅତି ତରବରରେ ଧାନକାଟି ବିଲରେ ଗଦାମାରି ସୁଖିଲା ପାଗକୁ ଅନାଇଥିଲେ। କିନ୍ତୁ ଲଗାଣ ବର୍ଷା ଓ କୋହଲା ପାଗଯୋଗୁଁ କୃଷିଭିତ୍ତିକ ଶ୍ରମିକ ସଙ୍କଟ ପାଇଁ ଧାନ ଅମଳ ହେବାରେ ବିଳମ୍ବ ହୋଇଥିଲା। ଯାଦ୍ୱାର ସମସ୍ତ ଅଞ୍ଚଳର ଧାନଚାଷ ପ୍ରଭାବିତ ହେବା ସହ ବ୍ଲକର ବିଶ୍ୱନାଥପୁର, ଗୋବର୍ଦ୍ଧନପୁର, କଣ୍ଠା, ଜାନିସାହି, ଖଳିଢିପ, ଗମେଇ, ଗୋପାଳପୁର ସହ ମାଳତୀ ପଞ୍ଚାୟତର କିଛି ଅଂଶରେ ବ୍ୟାପକ ପନିପରିବା ନଷ୍ଟ ହେବାର ସଂଶୟ ରହିଛି। ଅନୁରୂପ ଭାବେ ନରସିଂହପୁର ବ୍ଲକର ଜୟମଙ୍ଗଳ, ଘୋରାଡିଆ, କାକୁଡିଆ, ଜିଲିଣ୍ଡା, ଚକ୍ରଗଡ଼, ସୁବୁଲିଆ, ବାଲିଢିପ, ବାଲିସାହି ଅଞ୍ଚଳରେ ବ୍ୟାପକ ଧାନ ଫସଲ ସହ ଓଡଶିଙ୍ଗା, ସାନଗାଁ, ରେଗେଡ଼ା ଆଦି ଅଞ୍ଚଳର ବ୍ୟାପକ ପରିମାଣର କୋବି, ଟାମାଟୋ ଓ ପୋଟଳ ଫସଲ ନଷ୍ଟ ହୋଇଛି।

ସର୍ବୋପରି ଚଳିତ ବର୍ଷ କଟକ ଜିଲ୍ଲାରେ ଧାନମଣ୍ଡି ଖୋଲିବା ତାରିଖକୁ ନେଇ ଉପଖଣ୍ଡର ସମସ୍ତ ବ୍ଲକର ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରାୟତଃ ଆଠଗଡ଼ ଉପଖଣ୍ଡ ଅଧୀନ ଆଠଗଡ଼, ତିଗିରିଆ, ବଡମ୍ବା ଓ ନରସିଂହପୁର ବ୍ଲକରେ ନଭେମ୍ବର ମଧ୍ୟମ ସପ୍ତାହରୁ ଧାନ ଅମଳ ଆରମ୍ଭ ହୋଇଥାଏ ଓ ଚଳିତ ବର୍ଷ ମଧ୍ୟ ହୋଇଛି। କିନ୍ତୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଡିସେମ୍ବର ମାସ ୨୭ରୁ ନରସିଂହପୁର ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଧାନମଣ୍ଡି ଆରମ୍ଭ କରାଯିବା ନେଇ ଚୂଡାନ୍ତ ତାରିଖ ସ୍ଥିର ହୋଇଛି। ନଭେମ୍ବର ମଧ୍ୟମ ସପ୍ତାହରୁ ଡିସେମ୍ବର ପର୍ଯ୍ୟନ୍ତ କଟାଧାନକୁ ସଂରକ୍ଷିତ ରଖିବା ଏକ କଷ୍ଟକର ବ୍ୟାପାର ହୋଇଥିଲେ ହେଁ ଚାଷୀମାନେ କିଂକର୍ତ୍ତବ୍ୟମୁଢ ହୋଇ ଘରୋଇ ଧାନ ବ୍ୟବସାୟୀଙ୍କୁ ମାତ୍ରାଧିକ ଧାନ ବିକ୍ରି କରିଦେଇଥାନ୍ତି। କିନ୍ତୁ, ଚଳିତ ବର୍ଷ ଡିସେମ୍ବର ମାସ ୨୭ ତାରିଖ ଠାରୁ ମଣ୍ଡି ଦ୍ୱାରା ଧାନ ସଂଗ୍ରହ ଏକ ଭୁଲ ନିଷ୍ପତି ବୋଲି ପ୍ରତୀୟମାନ ହୋଇଛି। ଅପେକ୍ଷାକୃତ ଖାଲୁଆ ଜମିମାନଙ୍କରେ ଲଗାଯାଇଥିବା ବଡଧାନ ଅମଳକୁ ଲକ୍ଷ୍ୟ ରଖି ପ୍ରଶାସନ ପକ୍ଷରୁ ଏହି ନିଷ୍ପତି ଗ୍ରହଣ କରାଯାଇଥିଲେ ହେଁ ମଣ୍ଡି ଖୋଲିବା ଆହୁରି ଡେରି ଥିବାରୁ ବିଭିନ୍ନ ଅଞ୍ଚଳର ଚାଷୀମାନେ ବିଳମ୍ବରେ ଧାନ କାଟିବାକୁ ବାଧ ହୋଇଛନ୍ତି। କିନ୍ତୁ, ଲଘୁଚାପ ଜନିତ ଲଗାଣ ବର୍ଷା ନେଇ ଚାଷୀମାନେ ଅଜ୍ଞ ଥିବାରୁ ଚଳିତ ବର୍ଷ ଚାଷୀମାନଙ୍କର ପ୍ରଭୁତ କ୍ଷତିହେବାର ସମ୍ଭାବନା ରହିଛି। ତେବେ କୃଷି ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ କ୍ଷତିଗ୍ରସ୍ତ କ୍ଷେତକୁ ତଦନ୍ତକୁ ନିଆଯାଇ କୃଷକମାନଙ୍କୁ ଉପଯୁକ୍ତ ପରିମାଣର କ୍ଷତିପୂରଣ ଯୋଗାଇଦେବାକୁ ବିଭିନ୍ନ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି।

**ଆଣ୍ଠୁଏ ପାଣିରେ ବୁଡ଼ିରହିଛି ସୁନାର ଫସଲ**

**ମଣ୍ଡି ଖୋଲିବାରେ ବିଳମ୍ବ ପାଇଁ ବ୍ୟାପକ କଟାଧାନ ନଷ୍ଟ**

**ତିଗିରିଆରେ ଉଭୟ ଧାନ ସହ ବ୍ୟାପକ ପରିବା ନଷ୍ଟ**

ସକାଳ
THE SAKALA



www.sakalaepaper.com

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୧୦୫ ● ପାଉଣ୍ଡ ୧୦୬.୨୬
- ୟୁରୋ ୮୮.୬୮ ● ୟେନ୍ ୦.୫୪

### ସୁନା, ରୁପା ଦର




୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା: ୭୦,୮୫୦ (ଭୁବନେଶ୍ୱର)
- ରୁପା : ୯୧,୫୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୮,୦୪୧.୦୦
- ନିଫ୍ଟି ୨୩,୫୮୭.୫୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ନିରାଶ କଲା ଜିଏସ୍‌ଟି ପରିଷଦ

ଜୈସାଳମେର, ୨୧।୧୨ (ଏଜେନ୍ସି)

ଦ୍ରବ୍ୟ ଏବଂ ସେବା କର (ଜିଏସ୍‌ଟି) କାଉନସିଲ୍‌ର ୫୫ ତମ ବୈଠକ ରାଜସ୍ଥାନ ଜୈସାଲମେରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହା ଉପରେ ସାରା ଦେଶର ନଜର ରହିଥିଲା। ଲୋକେ ଅନେକ ଆଶା ରଖିଥିଲେ। ମାତ୍ର ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସବୁଠୁ ଅଧିକ ନିରାଶ କରିଛି। ସରକାର ସ୍ୱାସ୍ଥ୍ୟ ବୀମା, ଜୀବନ ବୀମା ଏବଂ ଟର୍ମ ଇନ୍‌ସ୍ୟୁରାନ୍ସ ଉପରେ ଜିଏସ୍‌ଟି ହାର ହ୍ରାସ କରିବେ ବୋଲି ଆଶା କରାଯାଉଥିଲା। କିନ୍ତୁ ଏଭଳି କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ ମନ୍ତ୍ରୀଗୋଷ୍ଠୀ (ଜିଓଏମ୍)ଙ୍କ ମଧ୍ୟରେ ଏହାକୁ ନେଇ ସହମତି ପ୍ରକାଶ ପାଇ ନାହିଁ। ଏହା ଉପରୁ ଟିକସ ହ୍ରାସ କରାଯିବ ନାହିଁ ବୋଲି ଅର୍ଥମନ୍ତ୍ରୀ ସୀତାରମଣ ସ୍ପଷ୍ଟ କରିଦେଇଛନ୍ତି। ରାଜ୍ୟଗୁଡିକର ବିରୋଧ ଯୋଗୁଁ ପରବର୍ତ୍ତୀ ବୈଠକ ପର୍ଯ୍ୟନ୍ତ ଏହାକୁ ସ୍ଥଗିତ ରଖାଯାଇଛି। ନିୟାମକ କର୍ତ୍ତୃପକ୍ଷଙ୍କ ରିପୋର୍ଟ ପରେ ଏ ନେଇ ନିଷ୍ପତ୍ତି ନିଆଯିବ ବୋଲି ନିର୍ମଳା କହିଛନ୍ତି। ସେହିପରି 'ଫୁଡ୍ ଡେଲିଭରି ଆପ୍' ଉପରେ କେତେ ଜିଏସ୍‌ଟି ଲାଗିବ ତାହାକୁ ନେଇ ନିଷ୍ପତ୍ତି ହୋଇପାରି ନାହିଁ। ଏହା ବ୍ୟତୀତ ପେଟ୍ରୋଲ-ଡିଜେଲ ଏବଂ ବିମାନ ଇନ୍ଧନକୁ ଜିଏସ୍‌ଟି ପରିସରରେ ସାମିଲ କରିବାକୁ ସବୁ ରାଜ୍ୟ ବିରୋଧ କରିଛନ୍ତି। ଏହାକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଚାହୁଁଛନ୍ତି।

- ଶସ୍ତା ହେବନି ସ୍ୱାସ୍ଥ୍ୟ ଓ ଟର୍ମ ବୀମା
- ଉସୁନା ଚାଉଳରୁ ଟିକସ ୫ ପ୍ରତିଶତକୁ ହ୍ରାସ
- ପପକର୍ଣ୍ଣ ଉପରେ ୫ରୁ ୧୮ % ଜିଏସ୍‌ଟି
- ପୁରୁଣା କାର୍ ଉପରେ ଜିଏସ୍‌ଟି ୧୮ %କୁ ବୃଦ୍ଧି
- କ୍ଷୁଦ୍ର କମ୍ପାନୀଙ୍କ ପାଇଁ ଆସିବ ନୂଆ ନିୟମ
- ଜିଏସ୍‌ଟିରେ ପେଟ୍ରୋଲ-ଡିଜେଲ ସାମିଲକୁ ରାଜ୍ୟଙ୍କ ବିରୋଧ

ଏହି ବୈଠକରେ ପପ୍‌କର୍ଣ୍ଣ ଉପରେ ଜିଏସ୍‌ଟିକୁ ୫ରୁ ୧୮ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସାଧାରଣ ଲୁଣ ଏବଂ ମସଲାରେ ପ୍ରସ୍ତୁତ ହୋଇ ବିନା ପ୍ୟାକେଟରେ ବିକ୍ରି ପପ୍‌କର୍ଣ୍ଣ ଉପରେ ୫ ପ୍ରତିଶତ ଜିଏସ୍‌ଟି ଲାଗିବ। ସେହିପରି ପ୍ୟାକେଜ ଏବଂ ବ୍ୟାଟ୍



ଥିବା ପପକର୍ଣ୍ଣରେ ୧୨% ଏବଂ ଚିନି ଭଳି ଶର୍କରା ଯୁକ୍ତ ପପକର୍ଣ୍ଣରେ ୧୮% ଜିଏସ୍‌ଟି ଲାଗିବ। ସେହିପରି ଇଭି ସମେତ ପୁରୁଣା କାର୍ ବିକ୍ରି ଉପରେ ଜିଏସ୍‌ଟିକୁ ୧୮ ପ୍ରତିଶତ ରଖାଯାଇଛି। ଅର୍ଥମନ୍ତ୍ରୀ କହିଛନ୍ତି ଯେ ନୂଆ ଇଭି କିଣିଲେ ୫% ଜିଏସ୍‌ଟି ଦେବାକୁ ପଡ଼ିଥାଏ। ଯଦି କୌଣସି ବ୍ୟକ୍ତି ପୁରୁଣା ଇଭି କିଣିବେ କିମ୍ବା ବିକ୍ରି କରିବେ ତେବେ ଜିଏସଟି ଦେବାକୁ ପଡ଼ିବନି। ମାତ୍ର ଯଦି କୌଣସି କମ୍ପାନୀ ଏହାକୁ କିଣି ବିକ୍ରି କରିବ ତେବେ ୧୮ ପ୍ରତିଶତ ଜିଏସ୍‌ଟି ଦେବାକୁ ହେବ। ଏଭଳି ସ୍ଥିତିରେ ପେଟ୍ରୋଲ-ଡିଜେଲ ଗାଡ଼ି ଭଳି ଜିଏସ୍‌ଟି ଲାଗିବ। ଏହି ବୈଠକରେ ୫୦ ପ୍ରତିଶତରୁ ଅଧିକ ଫ୍ଲାଇଆସ୍ ଥିବା ଇଟା (ବ୍ଲକ୍)ରେ ୫ ପ୍ରତିଶତ ଟିକସ ଲଗାଇବାକୁ ନିଷ୍ପତ୍ତି ନିଆଯାଇଛି।

୫୫ତମ ବୈଠକରେ ଉସୁନା ଚାଉଳ ଉପରେ ଟିକସକୁ ୧୮ ପ୍ରତିଶତରୁ ହ୍ରାସ କରି ୫ ପ୍ରତିଶତ କରିଦିଆଯାଇଛି। ଏହାର ଚାଷକୁ ମଧ୍ୟ ଜିଏସ୍‌ଟିରୁ ବାଦ୍ ଦିଆଯାଇଛି। ଜିନ୍ ଥେରାପି ପାଇଁ ଜିଏସ୍‌ଟି ଦେବାକୁ ପଡ଼ିବନି। ଚାଷୀଙ୍କୁ ଆଶ୍ୱସ୍ତି ଦେଇ ଗୋଲମରିଚ ଏବଂ କିସ୍‌ମିସ୍ ବିକ୍ରି ଉପରେ ଜିଏସ୍‌ଟିକୁ ଛାଡ଼ କରାଯାଇଛି। ସେହିପରି ୨୦୦୦ ଟଙ୍କାରୁ କମ୍ ପେମେଣ୍ଟ କରୁଥିବା ପେମେଣ୍ଟ ଏଗ୍ରିଗ୍ରେଟର୍ସଙ୍କୁ ଜିଏସ୍‌ଟି ମୁକ୍ତ ରଖାଯାଇଛି। ଋଣ ସର୍ତ୍ତ ପାଳନ ନ କଲେ ବ୍ୟାଙ୍କ ଏବଂ ଏନବିଏଫ୍‌ସିଙ୍କ ପକ୍ଷରୁ ଆଦାୟ କରାଯାଉଥିବା ଜୋରିମାନା ଉପରେ ମଧ୍ୟ କୌଣସି ଜିଏସ୍‌ଟି ଲାଗିବ ନାହିଁ। ଦୀର୍ଘ ଦୂରଗାମୀ କ୍ଷେପଣାସ୍ତ୍ର (ଏଲଆର-ଏସଏଏମ୍) ଏବଂ ଏହାର ସିଷ୍ଟମ ଉପରେ ଜିଏସ୍‌ଟି ରିଆତିକୁ ବୃଦ୍ଧି କରାଯାଇଛି। ଏହା ବ୍ୟତୀତ କ୍ଷୁଦ୍ର କମ୍ପାନୀଙ୍କୁ ଆଶ୍ୱସ୍ତି ଦେବାକୁ ଏବଂ ପଞ୍ଜିକରଣକୁ ସରଳ କରିବା ପାଇଁ ସରକାର ନୂଆ ନିୟମ ଆଣୁଛନ୍ତି। ଜିଏସ୍‌ଟି ପରିଷଦର ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅର୍ଥମନ୍ତ୍ରୀ ଅଧ୍ୟକ୍ଷତା କରିଥିଲେ। ତାଙ୍କ ସହଯୋଗୀ ତଥା ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀଙ୍କ ସମେତ ପ୍ରମୁଖ ନେତା ଏବଂ ଅଧିକାରୀ ସାମିଲ ହୋଇଥିଲେ। ଏହି ଅବସରରେ ଓଡ଼ିଶା, ଗୋଆ, ଜମ୍ମୁ-କଶ୍ମୀର, ହରିୟାଣା, ମେଘାଳୟ ମୁଖ୍ୟମନ୍ତ୍ରୀ, ଅରୁଣାଚଳ ପ୍ରଦେଶ, ବିହାର, ମଧ୍ୟପ୍ରଦେଶ, ତେଲଙ୍ଗାନା ଉପ-ମୁଖ୍ୟମନ୍ତ୍ରୀଙ୍କ ସମେତ ଅନେକ ରାଜ୍ୟ ଅର୍ଥମନ୍ତ୍ରୀ ସାମିଲ ହୋଇଥିଲେ।

## କାନାରା ବ୍ୟାଙ୍କ ପକ୍ଷରୁ ମେଗା ଏକ୍ସପୋର୍ଟ ଏବଂ କର୍ପୋରେଟ୍ ମିଟ୍




ଭୁବନେଶ୍ୱର, ୨୧।୧୨ (ସମିସ): କାନାରା ବ୍ୟାଙ୍କ ପକ୍ଷରୁ ଭୁବନେଶ୍ୱରସ୍ଥିତ ହୋଟେଲ ଲେମନଟ୍ରିଠାରେ ଏକ ମେଗା ଏକ୍ସପୋର୍ଟ ଏବଂ କର୍ପୋରେଟ୍ ମିଟ୍ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇ ରାଷ୍ଟ୍ରମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ସୁବିଧା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ କାନାରା ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦେବାଶିଷ ମୁଖାର୍ଜୀ, ନିର୍ଦ୍ଦେଶକ ଦିବାକର ପ୍ରସାଦ ହରିଚନ୍ଦନ ଏବଂ ମହାପ୍ରବନ୍ଧକ ତଥା ରାଜ୍ୟ ମୁଖ୍ୟ ଜଗଦୀଶ ଚନ୍ଦର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ଏସ୍‌ଏମ୍‌ଇ ବିଭାଗର ସରକାରୀ ସଚିବ ବିଭୂତି ଭୂଷଣ ଦାଶ, ଫେଡେରେସନ ଅଫ୍ ଇଣ୍ଡିଆନ୍ ଏକ୍ସପୋର୍ଟ ଅର୍ଗାନାଇଜେସନ୍ (ଫିଓ)ର ମୁଖ୍ୟ କମଳକାନ୍ତ ସାହୁ ଉପସ୍ଥିତ ଥିଲେ। ଇଫିକଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କଲ୍ୟାଣ ଚରଣ ମହାନ୍ତି, ଫାଲକନ୍ ଗ୍ରୁପ୍‌ର ଅଧ୍ୟକ୍ଷ ତାରା ରଞ୍ଜନ ପଟ୍ଟନାୟକ ଏବଂ ବ୍ୟାଙ୍କର ଗ୍ରାହକ ଏନ୍. କେ ଅଗ୍ରୱାଲ ମଧ୍ୟ ଉପସ୍ଥିତ ଥିଲେ।

## ସି. ଭି. ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ପଞ୍ଚମ ସମାବର୍ତ୍ତନ ଉତ୍ସବ



ଭୁବନେଶ୍ୱର, ୨୧।୧୨ (ସମିସ): ଭୁବନେଶ୍ୱରସ୍ଥିତ ସି.ଭି. ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ପଞ୍ଚମ ସମାବର୍ତ୍ତନ ମହୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟର ୨୪ ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ ସମେତ ୧୦୯୧ ଜଣଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ପଦ୍ମଶ୍ରୀ ତଥା ପଦ୍ମ ଭୂଷଣ ପୁରସ୍କାର ପ୍ରାପ୍ତ ପୂର୍ବତନ ମୁଖ୍ୟ ନିୟନ୍ତ୍ରକ, ଡିଆରଡିଓ ପ୍ରତିଷ୍ଠାତା ସିଇଓ ତଥା ବ୍ରହ୍ମୋସ୍ ଏରୋସ୍ପେସ୍ ର ଏମ.ଡି. ଡକ୍ଟର ଏ ସିଭାଥାନୁ ପିଲ୍ଲାଇ ଯୋଗଦେଇଥିଲେ। ସେ 'ବ୍ରହ୍ମୋସର ପିତା' ଭାବେ ପରିଚିତ। ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡକ୍ଟର ପିଲ୍ଲାଇଙ୍କୁ 'ଡକ୍ଟର ଅଫ୍ ସାଇନ୍ସ' ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ସେ ମେସିନ୍ ଲର୍ନିଂ, ଏନ୍‌ଏଲପି, କମ୍ପ୍ୟୁଟର ମିଶନ୍, ଜେନେରେଟିଭ୍ ଏଆଇ ଏବଂ ମଲିକୁଲାର ବାୟୋଲୋଜି କ୍ଷେତ୍ରରେ ଏଆଇର ବିକାଶ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇଥିଲେ। ଟେକ୍ନୋଲୋଜିର ସାମ୍ପ୍ରତିକ ବିକାଶ ହେଉଛି ତାହା ଛାତ୍ର ଛାତ୍ରୀମାନଙ୍କୁ ଦର୍ଶାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସଭାପତି ସଞ୍ଜୀବ କୁମାର ରାଉତ ଏଠାରେ ଏକ ସେଣ୍ଟର ଅଫ ଏକ୍ସେଲେନ୍ସ ପ୍ରତିଷ୍ଠା କରିବାକୁ ବଜାଜ ଅଟୋ ସହିତ ଏମଓୟୁ ସ୍ୱାକ୍ଷର କରାଯାଇଥିବା କହିଥିଲେ। ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟର ବୋର୍ଡ ମେମ୍ବର ଶରତ ଚନ୍ଦ୍ର ଭଦ୍ରା, ଉପସଭାପତି ଶୈଳଜା ରାଉତ, ପ୍ରଫେସର ସୁନୀଲ ଷଡଙ୍ଗୀ, ପ୍ରୋ-ଭାଇସ ଚ୍ୟାନ୍ସଲର ପ୍ରଫେସର ଗୁଡା ଶ୍ରୀଦେବୀ ଉପସ୍ଥିତ ଥିଲେ।

## ଏବିବି ଇଣ୍ଡିଆ ଲିମିଟେଡକୁ 'ଜାତୀୟ ସୁରକ୍ଷା ସମ୍ମାନ'



ଭୁବନେଶ୍ୱର, ୨୧।୧୨ (ସମିସ): ଏବିବି ଇଣ୍ଡିଆ ଲିମିଟେଡକୁ ସମ୍ମାନଜନକ କଳିଙ୍ଗ ସୁରକ୍ଷା ସମ୍ମାନ (ଗୋଲ୍ଡ କାଟାଗୋରୀ) ପ୍ରଦାନ କରାଯାଇଛି। ଆଇକ୍ୟୁଏମଏସ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶାର ବେଦାନ୍ତ ଲାଞ୍ଜିଗଡ଼ ସାଇଟ୍‌ରେ ଉନ୍ନତମାନର ସୁରକ୍ଷା ବ୍ୟବସ୍ଥା ପାଇଁ ଏହି ସମ୍ମାନ ଦିଆଯାଇଛି। ବରିଷ୍ଠ ଏସ୍‌ଏମ ଅବିକ ଚକ୍ରବର୍ତ୍ତୀ ଶୂନ୍ୟ ଦୁର୍ଘଟଣାଜନିତ ପରିବେଶ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ଦୋହରାଇ ଥିଲେ। ଏହି ପୁରସ୍କାର ସୁରକ୍ଷା ଏବଂ ନବୋନ୍ମେଷ, ପରିଚାଳନା ଦକ୍ଷତା ଏବଂ କର୍ପୋରେଟ ଦାୟିତ୍ୱ ପ୍ରତି ଏବିବିର ନେତୃତ୍ୱକୁ ମାନ୍ୟତା ଦେଉଛି। ଏହା ପୂର୍ବରୁ ଗତ ୧୯ ତାରିଖରେ ଗ୍ଲୋବାଲ ଏଚଏସଇ ମ୍ୟାନେଜର ବିନାୟକ ପଣ୍ଡା ଜାତୀୟ ସୁରକ୍ଷା ସମ୍ମିଳନୀରେ 'ଶୂନ୍ୟ ଦୁର୍ଘଟଣା' ବିଷୟ ଉପରେ ମତ ରଖିଥିଲେ।

## ଟାଟା ଷ୍ଟିଲର ଏଫ୍‌ଏଏମଡିକୁ କଳିଙ୍ଗ ସୁରକ୍ଷା ଉତ୍କର୍ଷ ପୁରସ୍କାର

ଭୁବନେଶ୍ୱର, ୨୧।୧୨ (ସମିସ)

ଇନଷ୍ଟିଚ୍ୟୁଟ୍ ଅଫ୍ କ୍ୱାଲିଟି ଆଣ୍ଡ ଏନଭାର୍ଣ୍ଣମେଣ୍ଟ ମ୍ୟାନେଜମେଣ୍ଟ ସର୍ଭିସେସ୍ (ଆଇକ୍ୟୁଇଏମଏସ) ପକ୍ଷରୁ ଆୟୋଜିତ ଜାତୀୟ ସୁରକ୍ଷା ସମ୍ମିଳନୀ-୨୦୨୪ରେ ଟାଟା ଷ୍ଟିଲର ଫେରୋ ଆଲଏଜ୍ ପ୍ଲାଂଟ (ଏଫ୍‌ଏପି), ଲୁହାପଥର, ମାଙ୍ଗାନିଜ୍ ଓ କ୍ରୋମାଇଟ୍ ଖଣିକୁ ପ୍ଲାଟିନମ୍ ଓ ଗୋଲ୍ଡ ବର୍ଗରେ ୨୦୨୩ ପାଇଁ ସମ୍ମାନଜନକ କଳିଙ୍ଗ ସୁରକ୍ଷା ଉତ୍କର୍ଷ ପୁରସ୍କାର ପ୍ରଦାନ କରାଯାଇଛି। ଟାଟା ଷ୍ଟିଲର ଫେରୋ ଆଲଏଜ୍ ଆଣ୍ଡ ମିନେରାଲସ ଡିଭିଜନ (ଏଫ୍‌ଏଏମଡି) ଅଧୀନରେ କାର୍ଯ୍ୟ କରୁଥିବା ଏଫ୍‌ଏପି ଆଠଗଡ଼ ଓ ଏଫ୍‌ଏପି ଯାଜପୁର ପ୍ଲାଟିନମ୍ ବର୍ଗରେ ପୁରସ୍କୃତ ହୋଇଥିବା ବେଳେ ଏଫ୍‌ଏପି



ବ୍ରାହ୍ମଣୀପାଲ ଓ ଏଫ୍‌ଏପି ଯାଜପୁର ଗୋଲ୍ଡ ବର୍ଗରେ ପୁରସ୍କୃତ ହୋଇଛନ୍ତି। ସେହିପରି ପ୍ଲାଟିନମ୍ ବର୍ଗରେ ଯୋଡ଼ା ୱେଷ୍ଟ ଆଇରନ୍ ଓ ମାଙ୍ଗାନିଜ୍ ଖଣି ଏବଂ ଗୋଲ୍ଡ ବର୍ଗରେ ସାରୁଆବିଲ କ୍ରୋମାଇଟ୍ ଖଣି ପୁରସ୍କାର ପାଇଛି। ଲେସୋଥୋର ହାଇ କମିଶନର ଲେବୋହାଙ୍ଗ ଭାଲେଣ୍ଟାଇନ ମୋକାବାଙ୍କ ଉପସ୍ଥିତିରେ ଓଡ଼ିଶାର ମାନ୍ୟବର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ପୁରସ୍କାର ପ୍ରଦାନ କରିଥିଲେ। ସୁରକ୍ଷା ମୁଖ୍ୟ (ଖଣି) ଠାକୁର ଅଜୟ କୁମାର ବିଶ୍ୱମ୍ଭରନାଥ, ସୁରକ୍ଷା ମୁଖ୍ୟ (ଏଫ୍‌ଏପି ଓ ଷ୍ଟେନଲେସ୍ ଷ୍ଟିଲ୍ ପ୍ଲାଣ୍ଟ) କିଶୋର ବରଣ ମାଇତି, ଏଫ୍‌ଏପି ଆଠଗଡ଼ ମୁଖ୍ୟ ସର୍ବେଶ୍ୱର ନାୟକ, ଏରିଆ ମ୍ୟାନେଜର ସୁରକ୍ଷା (ଯାଜପୁର ଓ ବିଷ୍ଣୁପୁର) ଜଗଦୀଶ ପାଢ଼ୀ, ଯୋଡ଼ା ୱେଷ୍ଟ ଆଇରନ ଆଣ୍ଡ ମାଙ୍ଗାନିଜ ମାଇନର ଏରିଆ ମ୍ୟାନେଜର (ଖଣି) ସପ୍ତର୍ଷି ଦତ୍ତ, ଖଣ୍ଡବନ୍ଧର ସୁରକ୍ଷା ବିଭାଗ ସିନିୟର ମ୍ୟାନେଜର ଅଙ୍କିତ ଶର୍ମା, ଏଫ୍‌ଏଏମଡିର ସାରୁଅବିଲ କ୍ରୋମାଇଟ୍ ଖଣିର ସିନିୟର ଏରିଆ ମ୍ୟାନେଜର (ଖନନ) ନିରଞ୍ଜନ କୁମାର ପ୍ରମୁଖ କମ୍ପାନୀ ତରଫରୁ ପୁରସ୍କାର ଗ୍ରହଣ କରିଥିଲେ।

## ନୂଆ ହୋଣ୍ଡା ଆକ୍ଟିଭା ୧୨୫ର ବଜାର ପ୍ରବେଶ

ଗୁରୁଗ୍ରାମ, ୨୧।୧୨ (ସମିସ): ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚଏମଏସଆଇ) ପକ୍ଷରୁ ଶନିବାର ନୂଆ ଓବିଡି୨ବି ଭର୍ସନର ଆକ୍ଟିଭା ୧୨୫ର ବଜାର ପ୍ରବେଶ କରାଯାଇଛି। ବିଭିନ୍ନ ରଙ୍ଗରେ ଉପଲବ୍ଧ ଏହି ସ୍କୁଟରରେ ଅନେକ ଉନ୍ନତ ବୈଶିଷ୍ଟ୍ୟ ରହିଛି। ଦିଲ୍ଲୀରେ ଏହାର ଏକ୍ସ-ସୋରୁମ ମୂଲ୍ୟ ୯୪, ୪୨୨ ଟଙ୍କା ରହିଛି। ଏହି ଅବସରରେ କମ୍ପାନୀ ଏମଡି ତଥା ସିଇଓ ସୁଟ୍‌ସୁମୁ ଓଟାନି ଉପସ୍ଥିତ ଥିଲେ। ଏହି ମଡେଲ ଗ୍ରାହକଙ୍କ



ଆବଶ୍ୟକତାକୁ ପୂରଣ କରି ସୁଖଦ ଅନୁଭୂତି ପ୍ରଦାନ କରିବ ବୋଲି କହିଥିଲେ। ୧୨୫ ସିସିର ଏହି ସ୍କୁଟରରେ ଟିଏଫଟି ଡିସ୍‌ପ୍ଲେ, ବ୍ଲୁଟୁଥ୍ କନେକ୍ଟିଭିଟି, ନାଭିଗେସନ, ୟୁଏସବି ମଧ୍ୟ ରହିଛି। ଏହି କାର୍ଯ୍ୟକ୍ରମରେ ଏଚଏମଏସଆଇ (ସେଲ୍ସ) ନିର୍ଦ୍ଦେଶକ ଯୋଗେଶ ମାଥୁର ମଧ୍ୟ ଉପସ୍ଥିତ ଥିଲେ।

## ବଡ଼ଦିନ ଓ ନୂଆବର୍ଷ ଉପଲକ୍ଷେ ଲାଲ୍‌ଚନ୍ଦ୍‌ର ଆକର୍ଷଣୀୟ ଅଫର୍

ଭୁବନେଶ୍ୱର, ୨୧।୧୨ (ସମିସ): ବଡ଼ଦିନ ଏବଂ ନବବର୍ଷ ପାଇଁ ଲାଲ୍‌ଚନ୍ଦ୍ ଜୁଏଲର୍ସ ପକ୍ଷରୁ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ସମସ୍ତ ଏଚ୍‌ୟୁଆଇଡି ସୁନା ଅଳଙ୍କାର ଗଢ଼ାମୂଲ୍ୟରେ ଗ୍ରାମ୍ ପ୍ରତି ଫ୍ଲାଟ୍ ୮୯୯ ଟଙ୍କା, ହୀରାମୂଲ୍ୟ ଉପରେ ଫ୍ଲାଟ୍ ୨୦%, ରୁପା ଗହଣାରେ ଫ୍ଲାଟ୍ ୩୦% ଏବଂ ସିଲ୍‌ଭର ଆଇଟମ୍ ଏମ୍‌ଆରପି ଉପରେ ଫ୍ଲାଟ୍ ୧୫% ରିହାତି ଦିଆଯାଉଛି। ଏହା ସହ ଲାଲ୍‌ଚନ୍ଦ୍ 'କୌନ୍ ବନେଗା ଲଖ୍‌ପତି' ମେଗା ଲକି ଡ୍ର ଆୟୋଜନ କରୁଛି। ଏଥିରେ ପ୍ରତି ମାସରେ ଲାଲ୍‌ଚନ୍ଦ୍ ଷ୍ଟୋର୍‌ରୁ ଜଣେ ବିଜେତା ଲକ୍ଷପତି ହେବେ। ଜଣେ ବିଜେତା ମେଗା ଲକି ଡ୍ରରେ ମୋଷ୍ଟ ଲକ୍ଜୁରିଅସ୍ 'ଏମ୍‌ଜି ୱିଣ୍ଡସର' କାର୍ ଜିତିବେ। ଗ୍ରାହକମାନେ ପ୍ରତି ୨୫ ହଜାର ଟଙ୍କା ମୂଲ୍ୟର କ୍ରୟ ଉପରେ ଗୋଟିଏ ଲକ୍ଷପତି କୂପନ ଏବଂ ୧ ଲକ୍ଷ ଟଙ୍କା ମୂଲ୍ୟର କ୍ରୟ ଉପରେ ଗୋଟିଏ ମେଗା ଲକି ଡ୍ର କୂପନ ହାସଲ କରିପାରିବେ। ସେହିପରି ଗୋଟିଏ ହାତ ଘଣ୍ଟା କିଣିଲେ ଆଉ ଗୋଟିଏ ମାଗଣାରେ ଦିଆଯାଉଛି। ଏହି ଅଫର୍ କେବଳ ମାଷ୍ଟରକ୍ୟାଣ୍ଟିନ ସ୍ଥିତ ଷ୍ଟୋରରେ ଉପଲବ୍ଧ। ଗ୍ରାହକଙ୍କ ସ୍ୱାର୍ଥରକ୍ଷା ଏବଂ ସେମାନଙ୍କ ବିଶ୍ୱାସକୁ ବଜାୟ ରଖିବା ଉପରେ ଲାଲ୍‌ଚନ୍ଦ୍ ସର୍ବଦା ପ୍ରାଧାନ୍ୟ ଦେଇଆସୁଛି। ସବୁଥର ଭଳି ଏଥର ମଧ୍ୟ ଆମେ ଗ୍ରାହକମାନଙ୍କ ହୃଦୟ ଜିତିପାରିବୁ ବୋଲି ଲାଲ୍‌ଚନ୍ଦ୍ ଗ୍ରୁପ୍‌ର ପ୍ରତିଷ୍ଠାତା ତଥା ସି.ଓ.ଓ. ସଞ୍ଜୟ ହଂସ କହିଛନ୍ତି ।

## ଗରିବଙ୍କ ବୋଝ ବଢ଼ାଉଛି ମୋବାଇଲ ରିଚାର୍ଜ; ହାତ ଟେକି ଦେଇଛନ୍ତି ସରକାର

# ରିଚାର୍ଜ ମୂଲ୍ୟ ୨୦୦% ବୃଦ୍ଧି

ନୂଆଦିଲ୍ଲୀ, ୨୧।୧୨ (ଏଜେନ୍ସି)

ଦରଦାମ ବୃଦ୍ଧି ସାଧାରଣ ଜନତାଙ୍କୁ ନୟାନ୍ତ କରିଦେଇଛି। ଜରୁରୀ ସାମଗ୍ରୀଠାରୁ ନେଇ ଯାତ୍ରା (ଯାତାୟତ) ପର୍ଯ୍ୟନ୍ତ ସବୁକିଛି ମହଙ୍ଗା ହୋଇଯାଇଛି। ଆୟ ବଢୁ ନ ଥିବାବେଳେ ବ୍ୟୟ ବୃଦ୍ଧି ଗରିବଙ୍କୁ ଚିନ୍ତାରେ ପକାଇଛି। ଏପରି ସମୟରେ ମୋବାଇଲ ରିଚାର୍ଜ ଖର୍ଚ୍ଚ ବୃଦ୍ଧି ସମସ୍ୟାକୁ ଦ୍ୱିଗୁଣିତ କରିଦେଇଛି। ସର୍ବାଧିକ ମୂଲ୍ୟବୃଦ୍ଧି ହୋଇଥିବା ସେବା ମଧ୍ୟରେ ଏହା ସାମିଲ ରହିଛି। ବର୍ତ୍ତମାନ ସମୟରେ ମୋବାଇଲ ଜରୁରୀ ହୋଇ ପଡ଼ିଥିବାବେଳେ ଆଧାର ଅପଡେଟ୍ ହେଉ କି କେୱାଇସି, ସରକାରୀ ଯୋଜନା ହେଉ ଅବା ସୋସିଆଲ ମିଡିଆ ସବୁରି ପାଇଁ ମୋବାଇଲ ନମ୍ବର ଆବଶ୍ୟକ ହେଉଛି। ଗରିବ ହୁଅନ୍ତୁ କି ଧନୀ, ବୃଦ୍ଧ ହୁଅନ୍ତୁ କି ବାଳକ ସମସ୍ତେ ମୋବାଇଲ ବ୍ୟବହାର କରୁଛନ୍ତି। ଏହାର ସୁଯୋଗ ନେଇ ଗରିବ ଜନତାଙ୍କୁ ଲୁଟ୍ କରାଯାଉଛି। ଏହି ମୋବାଇଲ ରିଚାର୍ଜ ଯୋଗୁଁ ଗରିବଙ୍କ ବ୍ୟୟ ଭାର ବଢ଼ିଯାଉଛି। ଗତ ୮ ବର୍ଷ ମଧ୍ୟରେ ମୋବାଇଲ ରିଚାର୍ଜ ୨୦ ଗୁଣ ତଥା ୨୦୦ ପ୍ରତିଶତ ବୃଦ୍ଧି ପାଇଛି। ଏବେ ଆଉ ୧୦ଟଙ୍କା, ୨୦ ଟଙ୍କା ନୁହେଁ, ବରଂ ଅତିକମରେ ୨୦୦ ଟଙ୍କା ରିଚାର୍ଜ କରିବାକୁ ପଡୁଛି। ଏହି ରିଚାର୍ଜ ନ କଲେ ମୋବାଇଲ ସେବା ବନ୍ଦ ହୋଇଯାଉଛି। କଲ୍ କି ମେସେଜ ଆସୁନାହିଁ। ମୋବାଇଲ ପଡ଼ି ରହୁଛି। ଶେଷରେ ଦୀର୍ଘ ଦିନ ପର୍ଯ୍ୟନ୍ତ ରିଚାର୍ଜ ନ କଲେ ସେହି ନମ୍ବରକୁ ବନ୍ଦ କରି ଅନ୍ୟକୁ ଦିଆଯାଉଛି। କେବଳ ସେତିକି




ନୁହେଁ ରିଚାର୍ଜ ସରିଗଲେ ମୋବାଇଲ କମ୍ପାନୀ ପକ୍ଷରୁ ବ୍ୟବହାରକାରୀଙ୍କ ପାଖକୁ ଘନ ଘନ ଫୋନ୍ ଯାଉଛି। ରିଚାର୍ଜ କରନ୍ତୁ ନଚେତ ମୋବାଇଲ ସେବାକୁ ବନ୍ଦ ଏବଂ ସିମ୍‌କୁ ନିଷ୍କ୍ରିୟ କରିବାର ଚେତାବନୀ ଦିଆଯାଉଛି। ଏପରି ସ୍ଥିତିରେ ଦିନକୁ ଦିଓଳା ଖାଇବାକୁ ପାଉ ନ ଥିବା ଲୋକେ ବାଧ୍ୟରେ ଉଧାର କରି ରିଚାର୍ଜ କରୁଛନ୍ତି। ଆଉ ମାସେ ପରେ ପୁଣି ସେହି ସ୍ଥିତି ଦେଖିବାକୁ ମିଳୁଛି। କିନ୍ତୁ ଏହି ସବୁ ମାମଲାରେ କେନ୍ଦ୍ର ସରକାର ହାତ ଟେକି ଦେଇଛନ୍ତି। ଟେଲିକମ୍ କମ୍ପାନୀଗୁଡିକ ଦରବୃଦ୍ଧିକୁ ନିୟାମକ ଟ୍ରାଇ ବି ଅନୁମତି ଦେଇଦେଉଛି।

ରିପୋର୍ଟ ଅନୁଯାୟୀ ପୂର୍ବରୁ ୧୦ ଟଙ୍କା ରିଚାର୍ଜ କରିଦେଲେ ମୋବାଇଲ ଚାଲୁଥିଲା। କଲ୍ ଏବଂ ମେସେଜ ଆସୁଥିଲା। ମିସ୍‌କଲ୍ ବି ଯାଉଥିଲା। କିନ୍ତୁ ଏବେ ମୋବାଇଲ ଚାଲିବାର ସର୍ବନିମ୍ନ ମୂଲ୍ୟ ୨୦୦ ଟଙ୍କା ହୋଇଯାଇଛି। ଅଧିକାଂଶ କମ୍ପାନୀଙ୍କ ଦର ପ୍ରାୟ ସମାନ ରହିଛି। ଉତ୍ତମ ସେବା ପ୍ରଦାନ ପାଇଁ ଦରବୃଦ୍ଧି ହେଉଥିବା ନେଇ କମ୍ପାନୀଗୁଡିକ କହୁଥିବାବେଳେ ସ୍ଥିତି ଭିନ୍ନ ରହୁଛି। କଲ୍ ଡ୍ରପ୍ ସମସ୍ୟା ବି ସମାଧାନ ହେଉନାହିଁ। ଆଇନ ସତ୍ତ୍ୱେ ଅଯଥା କଲ୍ ଆସୁଛି। ଆଉ ଏହା ମାଧ୍ୟମରେ ଠକେଇ ବି ବଢ଼ିବାରେ ଲାଗିଛି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ମୋବାଇଲ ରିଚାର୍ଜ ଦ୍ୱାରା ଗରିବ, ଚାଷୀ ଏବଂ ବୟସ୍କ ବ୍ୟକ୍ତି ସବୁଠୁ ଅଧିକ ପ୍ରଭାବିତ ହେଉଛନ୍ତି। ଭାରତରେ ଇଣ୍ଟରନେଟ ମୂଲ୍ୟ ସବୁଠୁ କମ୍ ହେଲେ ବି ଏହା ଅନେକଙ୍କର ଆବଶ୍ୟକତା ନାହିଁ। ଇଣ୍ଟରନେଟ୍ ଏବଂ ମେସେଜ ଦରକାର ନ ଥିଲେ ବି ସେମାନଙ୍କୁ ଏହାର ମୂଲ୍ୟ ଦେବାକୁ ପଡୁଛି। ଟେଲିକମ୍ କମ୍ପାନୀଗୁଡିକ ଇଣ୍ଟରନେଟ, କଲ୍, ମେସେଜ ଆଦି ସେବାଗୁଡିକ ଗୋଟିଏ ପ୍ୟାକ୍‌ରେ ଦେଉଛନ୍ତି। ଇଣ୍ଟରନେଟ୍ ବ୍ୟବହାର କରୁ ନ ଥିବା ବ୍ୟବହାରକାରୀଙ୍କ ପାଇଁ ଅନ୍ୟ କୌଣସି ପ୍ଲାନ ମଧ୍ୟ ଉଦ୍ଦିଷ୍ଟ ନାହିଁ। ତେଣୁ ଅଯଥାରେ ଇଣ୍ଟରନେଟ ଏବଂ ମେସେଜ ଆଦି ପ୍ରଦାନ କରି ରିଚାର୍ଜ ମୂଲ୍ୟକୁ ବୃଦ୍ଧି କରାଯାଉଛି। ସେହିପରି ଅଲଗା ରିଚାର୍ଜ କଲେ ବି କଥା ନ ହେଲେ ନିର୍ଦ୍ଦିଷ୍ଟ ଅବଧି ଭିତରେ ତାହା ସରିଯାଉଛି। ନମ୍ବର ଚାଲିବା ପାଇଁ ନିର୍ଦ୍ଦିଷ୍ଟ ମୂଲ୍ୟର ରିଚାର୍ଜ କରିବାକୁ ବାଧ୍ୟ କରାଯାଉଛି।

ଗତ ଅଗଷ୍ଟରେ କେନ୍ଦ୍ର ସରକାର ଦେଇଥିବା ରିପୋର୍ଟ ଅନୁଯାୟୀ ଭାରତରେ ଏବେ ୧୧୯.୯ କୋଟି ମୋବାଇଲ ବ୍ୟବହାରକାରୀ ଅଛନ୍ତି। ଏମାନଙ୍କ ମଧ୍ୟରୁ ୯୫.୪ କୋଟି ଇଣ୍ଟରନେଟ ବ୍ୟବହାର

- ଗରିବ, ଚାଷୀ, ବୟସ୍କ ସବୁଠୁ ଅଧିକ ପ୍ରଭାବିତ
- ରିଚାର୍ଜ ନ କଲେ ସେବା ବନ୍ଦ: ଆସୁନି କଲ୍ କି ମେସେଜ
- ଦରକାର ନ ଥିଲେ ବି ଡାଟା, ମେସେଜ ପାଇଁ ରିଚାର୍ଜ
- ଫୋନ୍ କରି କମ୍ପାନୀ ଦେଉଛନ୍ତି ଚେତାବନୀ
- ଦେଶରେ ୧୧୯.୯ କୋଟି ମୋବାଇଲ ବ୍ୟବହାରକାରୀ
- ଇଣ୍ଟରନେଟ ବ୍ୟବହାର କରୁନାହାନ୍ତି ୨୪.୫ କୋଟି
- ଅଯଥା ପ୍ୟାକ୍ ପାଇଁ ମୂଲ୍ୟ ବଢୁଛି; ଟ୍ରାଇ ନିରବ
- ଇଣ୍ଟରନେଟ ନ ଥିବା ରିଚାର୍ଜ ପ୍ୟାକ୍ ଆଣିବାକୁ ଦାବି

କରୁଛନ୍ତି। ଅର୍ଥାତ୍ ୨୪.୫ କୋଟି ବ୍ୟବହାରକାରୀ ଇଣ୍ଟରନେଟ ବ୍ୟବହାର କରୁନାହାନ୍ତି। କିନ୍ତୁ ଏହି ବ୍ୟବହାରକାରୀଙ୍କୁ ଅନାବଶ୍ୟକ ଭାବେ ଇଣ୍ଟରନେଟ ଏବଂ ମେସେଜ ବାବଦକୁ ଟଙ୍କା ଦେବାକୁ ପଡୁଛି। ବ୍ୟବହାର ହେଉ ନ ଥିଲେ ବି ରିଚାର୍ଜ ପାଇଁ ବାଧ୍ୟ କରାଯାଉଛି। ଏହା ଦ୍ୱାରା ଟେଲିକମ୍ କମ୍ପାନୀଗୁଡିକ ଲାଭାନ୍ୱିତ ହେଉଛନ୍ତି। ଆଉ ଗରିବ ପାଇଁ ଏହି ରିଚାର୍ଜ ବୋଝ ଉପରେ ନଳିତା ବିଡ଼ା ସଦୃଶ୍ୟ ହେଉଛି। ସେହିପରି ଅନ୍ୟ ଏକ ରିପୋର୍ଟ ଅନୁଯାୟୀ ଏବେ ବି ଦେଶରେ ୩୫୦ ନିୟୁତ ଲୋକ ଫିଚର ଫୋନ୍ ବ୍ୟବହାର କରୁଛନ୍ତି। ତେବେ ଅଧିକାଂଶ ଫିଚର ଫୋନ୍‌ରେ ଇଣ୍ଟରନେଟ ସୁବିଧା ବି ଦିଆଗଲାଣି। କିନ୍ତୁ ଏହା ସ୍ମାର୍ଟଫୋନ୍ ଭଳି ଚାଲୁ ନାହିଁ। ଏହାକୁ ଦୃଷ୍ଟିରେ ଦେଖି ଗୋଟେ ଦୁଇଟି କମ୍ପାନୀ ନିଜସ୍ୱ ଫୋନ୍ ବିକ୍ରି ବୃଦ୍ଧି ପାଇଁ ସ୍ୱତନ୍ତ୍ର ପ୍ୟାକ୍ ଆଣିଛନ୍ତି। ମାତ୍ର ଅନ୍ୟକମ୍ପାନୀଗୁଡିକର ରିଚାର୍ଜ ପ୍ଲାନ ସମାନ ରହିଛି। ସ୍ମାର୍ଟଫୋନ ହେଉ କି ଫିଚର ଫୋନ୍ ସବୁ ପାଇଁ ଗୋଟିଏ ରିଚାର୍ଜ କରିବାକୁ ପଡୁଛି। ସବୁ ପ୍ଲାନ୍‌ର ମଧ୍ୟ ମୂଲ୍ୟ ବୃଦ୍ଧି କରାଯାଉଛି। ଏହା ପୂର୍ବରୁ ଗତ ଜୁଲାଇରେ ଘରୋଇ ଟେଲିକମ୍ କମ୍ପାନୀଗୁଡିକ ଟାରିଫ ପ୍ଲାନ୍‌କୁ ୧୦ରୁ ୨୭ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ। କିନ୍ତୁ ପ୍ଲାନରେ କୌଣସି ପରିବର୍ତ୍ତନ କରି ନ ଥିଲେ। ଏହାକୁ ସାରା ଦେଶରେ ସମାଲୋଚନା କରାଯାଇଥିଲା।

ଜୁନ୍‌ରେ ଦରବୃଦ୍ଧି ପରେ ବ୍ୟବହାରକାରୀ ପୋର୍ଟିଂ କରି ସରକାରୀ କମ୍ପାନୀ ବିଏସ୍‌ଏନ୍‌ଏଲକୁ ଯାଇଥିଲେ। ଘରୋଇ କମ୍ପାନୀଙ୍କ ଏହି ନିଷ୍ପତ୍ତି ଯୋଗୁଁ ବିଏସ୍‌ଏନ୍‌ଏଲ ଅଧିକ ଲାଭାନ୍ୱିତ ହୋଇଥିଲା। ଗ୍ରାହକ ସଂଖ୍ୟାରେ ରେକର୍ଡ ବୃଦ୍ଧି ପାଇଥିଲା। ମାତ୍ର ଏହି କମ୍ପାନୀ ବି ରିଚାର୍ଜ ସରିଗଲେ ସେବାକୁ ବନ୍ଦ କରିଦେଉଛି। ଏପରି ସ୍ଥିତିରେ ଗରିବ, ଚାଷୀ, ବୟସ୍କ ଏବଂ ଫିଚର ଫୋନ୍ ବ୍ୟବହାର କରୁଥିବା ଲୋକଙ୍କ ପାଇଁ ସ୍ୱତନ୍ତ୍ର ପ୍ଲାନ ଆଣିବାକୁ ଦାବି ହେଉଛି।

## ରାଫା ନାଦାଲ ଏକାଡେମୀରେ ପ୍ରଶିକ୍ଷଣ ନେବେ ମାୟା



ନୂଆଦିଲ୍ଲୀ, ୨୧।୧୨(ଏଜେନ୍ସି): ୧୫ ବର୍ଷୀୟା ଭାରତୀୟ ବାଳିକା ଟେନିସ ଖେଳାଳି ମାୟା ରାଜେଶ୍ୱରନ ରେଭଥି ସ୍ପେନର ସମ୍ମାନଜନକ ରାଫା ନାଦାଲ ଏକାଡେମୀରେ ପ୍ରଶିକ୍ଷଣ ନେବେ। ତାଙ୍କୁ ଏଥିପାଇଁ ଆମନ୍ତ୍ରଣ କରାଯାଇଛି। ଏହି ଏକାଡେମୀରେ ଏକାଧିକ ଖେଳାଳି ଗ୍ରାଜୁଏଟ୍ ହେବା ସହ ବିଶ୍ୱ ଟେନିସ୍‌ରେ ନାମ କମାଇଛନ୍ତି। ତାମିଲନାଡୁର ମାୟା ଏଥିପାଇଁ ଏକାଡେମୀ ସହ ଗୋଟିଏ ବର୍ଷର ଚୁକ୍ତି କରିଛନ୍ତି। ସେ ଜାନୁଆରୀରୁ ପ୍ରଶିକ୍ଷଣ ଆରମ୍ଭ କରିବେ। ଏହି ଏକାଡେମୀର ତାଙ୍କୁ ସିଧାସଳଖ ପ୍ରସ୍ତାବ ଦିଆଯାଇଥିଲା। ଏକାଡେମୀ ତରଫରୁ ୧୦ ଦିନଧରି ତାଙ୍କର ସ୍କ୍ରିନିଂ ପ୍ରକ୍ରିୟା ହୋଇଥିଲା ଓ ଏହା ସରିବା ପରେ ତାଙ୍କୁ ଗୋଟିଏ ବର୍ଷର ଚୁକ୍ତି ପ୍ରସ୍ତାବ ଦିଆଯାଇଥିଲା। ମାୟା ୧୮ ବର୍ଷରୁ କମ୍ ବର୍ଗରେ ଭାରତର ନଂ ୧ ମହିଳା ଖେଳାଳି ବିବେଚିତ ହେଉଛନ୍ତି। ଅନ୍ତର୍ଜାତୀୟ ଟେନିସରେ ମଧ୍ୟ ସେ ସଫଳ ପ୍ରଦର୍ଶନ କରିଛନ୍ତି। ସେ ୫ଟି ଆଇଟିଏଫ୍ ଏକକ ଓ ୩ଟି ଆଇଟିଏଫ୍ ଜୁନିଅର ଯୁଗଳ ଟାଇଟଲ ହାସଲ କରିଛନ୍ତି। ସେ ମଧ୍ୟ ୧୪ ବର୍ଷରୁ କମ୍ ଅଷ୍ଟ୍ରେଲିଆନ୍ ଓପନ୍‌ରେ ଅଂଶଗ୍ରହଣ କରି ୫ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ।

## ନିଖିଳ ଓଡ଼ିଶା ଓପନ୍ କ୍ୟାରମ ଚାମ୍ପିଅନସିପ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୨୧।୧୨ (ସମିସ): ଭୁବନେଶ୍ୱର ଜିଲ୍ଲା କ୍ୟାରମ ସଂଘ ଆନୁକୂଲ୍ୟରେ ଓ ଓଡ଼ିଶା ରାଜ୍ୟ କ୍ୟାରମ ସଂଘର ସହଯୋଗରେ ନିଖିଳ ଓଡ଼ିଶା କ୍ୟାରମ ଚାମ୍ପିଅନସିପ୍ ଶନିବାର ଏଠାରେ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ କ୍ରୀଡ଼ା ନିର୍ଦ୍ଦେଶାଳୟ ଅଡିଟୋରିୟମଠାରେ ଆୟୋଜିତ ଏହି ପ୍ରତିଯୋଗିତାରେ ରାଜ୍ୟରୁ ପାଖାପାଖି ୨୦୦ କ୍ୟାରମ ଖେଳାଳି ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ପୁରୁଷ ସିଙ୍ଗଲ୍ସ ମୁକାବିଲା ଅନୁଷ୍ଠିତ ହୋଇଯାଇଛି। ଚାରିଦିନ ଧରି ଚାଲିବାକୁ ଥିବା ଏହି ଚାମ୍ପିଅନସିପ୍‌କୁ ଓଡ଼ିଶା ଭାରୋତ୍ତୋଳନ ସଂଘର ସଭାପତି ଚିତ୍ତରଞ୍ଜନ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସୁଶୀଳ କୁମାର ରାଉତରାୟ, ରାଜ୍ୟ କ୍ୟାରମ ସଂଘର ସାଧାରଣ ସମ୍ପାଦକ ଶ୍ରୀରଞ୍ଜନ ମହାନ୍ତି ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ। ରାଜ୍ୟର ଏକମାତ୍ର ଅନ୍ତର୍ଜାତୀୟ ରେଫରୀ ଶ୍ରୀରଞ୍ଜନ ମହାନ୍ତି ମୁଖ୍ୟ ରେଫରୀ ଭାବେ ଏହାକୁ ପରିଚାଳନା କରୁଛନ୍ତି।

## ୨୦ ଛକା, ୧୩ ଚୌକା ସହ ୯୭ ବଲ୍‌ରୁ ସମୀରଙ୍କ ରେକର୍ଡ ଦ୍ୱିଶତକ



ଭଦୋଦରା, ୨୧।୧୨(ଏଜେନ୍ସି): ପୁରୁଷ ୨୩ ବର୍ଷରୁ କମ୍ ଷ୍ଟେଟ୍ ଏ ଟ୍ରଫି ମ୍ୟାଚ୍‌ରେ ଶନିବାର ଆଉ ଏକ ରେକର୍ଡ ସୃଷ୍ଟି ହୋଇଛି। ଉତ୍ତରପ୍ରଦେଶ ଅଧିନାୟକ ସମୀର ରିଜଭି ଏହି ଟ୍ରଫିରେ ଦ୍ରୁତତମ ଦ୍ୱିଶତକ ହାସଲ କରିବାର ରେକର୍ଡ କରିଛନ୍ତି। ସ୍ଥାନୀୟ କୋଟାମ୍ବି ଷ୍ଟାଡିୟମ ବି ଗ୍ରାଉଣ୍ଡରେ ଶନିବାର ଖେଳାଯାଇଥିବା ତ୍ରିପୁରା ବିପକ୍ଷ ମ୍ୟାଚ୍‌ରେ ୨୧ ବର୍ଷୀୟ ସମୀର ୯୭ ବଲର ସମ୍ମୁଖୀନ ହୋଇ ୨୦ ଛକା, ୧୩ ଚୌକା ସହ ୨୦୧ ରନର ଅପରାଜିତ ଦ୍ୱିଶତକୀୟ ପାଳି ଖେଳିଥିଲେ। ସେ ୨୩ ଓଭରରେ ବ୍ୟାଟିଂ କରିବାକୁ ଆସିଥିଲେ। ତାଙ୍କ ଦ୍ୱିଶତକ ବଳରେ ଉତ୍ତରପ୍ରଦେଶ ବିଶାଳ ୪୦୫ ରନ ସଂଗ୍ରହ କରିଥିଲା ଓ ୧୫୨ ରନରେ ବିଜୟୀ ହୋଇଥିଲା। ୨୦୨୩ ଆଇପିଏଲ ନିଲାମୀରେ ସେ ଚେନ୍ନାଇ ସୁପର କିଙ୍ଗସ ଦଳରେ ୮ କୋଟି ୪୦ ଲକ୍ଷ ଟଙ୍କା ବିନିମୟରେ ସାମିଲ ହୋଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ ଏଥର ସେ ମେଗା ନିଲାମୀରେ ୯୦ ଲକ୍ଷ ଟଙ୍କା ବିନିମୟରେ ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ ସାମିଲ ହୋଇଛନ୍ତି।

### ଜାତୀୟ ସିନିଅର ମହିଳା ଫୁଟ୍‌ବଲ

# ହରିୟାଣାକୁ ହରାଇ ଫାଇନାଲରେ ଓଡ଼ିଶା

ଭୁବନେଶ୍ୱର, ୨୧।୧୨ (ସମିସ): ଛତିଶଗଡ଼ରେ ଚାଲିଥିବା ଜାତୀୟ ସିନିଅର ମହିଳା ଫୁଟ୍‌ବଲ ଚାମ୍ପିଅନସିପ୍ ତଥା ରାଜମାତା ଜିଜାବାଇ ଟ୍ରଫିର ୨୯ତମ ସଂସ୍କରଣରେ ଓଡ଼ିଶା ଫାଇନାଲରେ ପ୍ରବେଶ କରିଛି। ଶନିବାର ଅନୁଷ୍ଠିତ ସେମିଫାଇନାଲ ମୁକାବିଲାରେ ଓଡ଼ିଶା ୨-୦ ଗୋଲରେ ଗତ ସଂସ୍କରଣର ରନର୍ସଅପ୍ ଦଳ ହରିୟାଣାକୁ ପରାସ୍ତ କରିଥିଲା। ଅଧିନାୟିକା ପ୍ୟାରୀ ଖାଖା ଦୁଇଟିଯାକ ଗୋଲ୍ ଦେଇ ଓଡ଼ିଶାକୁ ଫାଇନାଲରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ଫାଇନାଲ ଲଢ଼େଇ ସୋମବାର ଖେଳାଯିବ। ଏଥିରେ ୨୨ଥରର ବିଜେତା ତଥା ଟାଇଟଲ୍ ଫେଭରାଇଟ୍ ମଣିପୁରକୁ ଭେଟିବ ଓଡ଼ିଶା। ଅନ୍ୟ ଏକ ସେମିଫାଇନାଲରେ ମଣିପୁର ୩-୦ ଗୋଲରେ ପଶ୍ଚିମବଙ୍ଗକୁ ପରାସ୍ତ କରିଥିଲା।

**ଜାତୀୟ କ୍ରୀଡ଼ାରେ ଭାଗନେବାକୁ ଯୋଗ୍ୟତା**

ଛତିଶଗଡ଼ର ରାମକ୍ରିଷ୍ଣ ମିଶନ ଆଶ୍ରମ ଗ୍ରାଉଣ୍ଡରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଓଡ଼ିଶା ଓ ହରିୟାଣା ମହିଳା ଫୁଟ୍‌ବଲ ଦଳ ସାମ୍ନାସାମ୍ନି ହୋଇଥିଲେ। ମ୍ୟାଚର ୧୦ମ ମିନିଟ୍‌ରେ ଓଡ଼ିଶା ଗୋଲ୍ ଖାତା ଖୋଲିଥିଲା। ପ୍ୟାରୀ ଖାଖା ସୁନ୍ଦର ଡ୍ରିବଲିଂ କରି ହରିୟାଣାର ଏକାଧିକ ଡିଫେଣ୍ଡରଙ୍କୁ ଚକ୍‌ମା ଦେଖାଇ ବଲ୍‌କୁ ପ୍ରତିପକ୍ଷ ନେଟ୍ସ ମଧ୍ୟକୁ ପଠାଇ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ମ୍ୟାଚ୍ ଶେଷ ହେବାକୁ ୨ ମିନିଟ୍ ବାକି ଥିବାବେଳେ ପ୍ୟାରୀ ଫ୍ରି-କିକ୍‌ରୁ ଆଉ ଏକ ଗୋଲ୍ ଦେଇ ଓଡ଼ିଶାକୁ ୨-୦ରେ ବିଜୟୀ କରାଇଥିଲେ। ଓଡ଼ିଶାର ଗୋଲରକ୍ଷକ ସସ୍ମିତା ପରିଡ଼ା ପ୍ରଭାବୀ ପ୍ରଦର୍ଶନ କରି ହରିୟାଣାର ଏକାଧିକ ସୁଯୋଗକୁ ସଫଳତାର ସହ ଅଟକାଇ ଦେଇଥିଲେ। ଓଡ଼ିଶା ମହିଳା ଦଳ ମଧ୍ୟ ଆଗାମୀ ୩୮ ତମ ଜାତୀୟ କ୍ରୀଡ଼ାରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି।



**ଓଡ଼ିଶା ଥରେ ଚାମ୍ପିଅନ, ୫ ଥର ରନର୍ସଅପ୍**

ଏଠାରେ ବିଜୟ ଫଳରେ ଓଡ଼ିଶା ୭ମଥର ଲାଗି ଜାତୀୟ ସିନିଅର ମହିଳା ଫୁଟ୍‌ବଲର ଫାଇନାଲରେ ପ୍ରବେଶ କରିଛି। ଭିଲାଇରେ ୨୦୧୦-୧୧ରେ ଅନୁଷ୍ଠିତ ସଂସ୍କରଣରେ ଓଡ଼ିଶା ଚାମ୍ପିଅନ ହୋଇଥିଲା। ସେହିଭଳି ଓଡ଼ିଶା ଆଉ ୫ଥର ଫାଇନାଲ ଖେଳିଥିଲେ ମଧ୍ୟ ସମସ୍ତଥର ମଣିପୁର ନିକଟରୁ ହାରି ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲା। ୨୦୧୮-୧୯ରେ କଟକରେ ଅନୁଷ୍ଠିତ ସଂସ୍କରଣରେ ଓଡ଼ିଶା ଓ ମଣିପୁର ଶେଷଥର ପରସ୍ପରକୁ ଫାଇନାଲରେ ଭେଟିଥିଲେ। ଏଥିରେ ମଣିପୁର ୨-୧ରେ ଜିତି ଚାମ୍ପିଅନ ହୋଇଥିଲା।

## ଷ୍ଟେଟ୍-ଏ ଟ୍ରଫିରେ ଓଡ଼ିଶାର ୩ୟ ପରାଜୟ

ଭୁବନେଶ୍ୱର, ୨୧।୧୨ (ସମିସ): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ୨୩ ବର୍ଷରୁ କମ୍ ଜାତୀୟ ପୁରୁଷ ଏକଦିବସୀୟ କ୍ରିକେଟ୍ ପ୍ରତିଯୋଗିତା ଷ୍ଟେଟ୍-ଏ ଟ୍ରଫିରେ ଓଡ଼ିଶା ୩ୟ ପରାଜୟବରଣ କରିଛି। ରାୟପୁରର ଭିଲାଇସ୍ଥିତ ଆର୍‌ଡିସିଏ ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ମ୍ୟାଚରେ ଝାଡ଼ଖଣ୍ଡ ୮ ୱିକେଟ୍‌ରେ ସହଜରେ ଓଡ଼ିଶାକୁ ହରାଇଦେଇଛି। ଗ୍ରୁପ୍-ଡି'ରେ ସ୍ଥାନ ପାଇଥିବା ଓଡ଼ିଶା ୪ର୍ଥ ମ୍ୟାଚରୁ ୩ୟ ପରାଜୟ ସହ ୪ ପଏଣ୍ଟ ହାସଲ କରିଛି।

ଶନିବାର ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୪୦.୨ ଓଭରରେ ୧୫୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ସୂଜଲ ସିଂ ୨୯ ଓ ଦୀନେଶ ମାଝୀ ୨୮ ରନ କରିଥିଲେ। ହର୍ଷ ରାଜ ୪ ଓ ଓମ୍ ସିଂ ୨ଟି ୱିକେଟ୍ ନେଇଥିଲେ। ଜବାବରେ ଝାଡ଼ଖଣ୍ଡ ସତ୍ୟ ସେଥୁ (୬୫) ଓ ଶାହିଲ ରାଜ (୫୩)ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ୨୩.୫ ଓଭରରେ ୨ ୱିକେଟ୍ ହରାଇ ସହଜରେ ଲକ୍ଷ୍ୟ ହାସଲ କରିନେଇଥିଲା। ଓଡ଼ିଶା ପାଇଁ ଆଶୁତୋଷ ଛୁରିଆ ଓ ବିମଳ କୁମାର ଗୋଟିଏ ଲେଖାଏ ୱିକେଟ୍ ପାଇଥିଲେ। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚରେ ୨୫ରେ ଗୋଆ, ୨୭ରେ କର୍ଣ୍ଣାଟକକୁ ଭେଟିବାର କାର୍ଯ୍ୟସୂଚୀ ରହିଛି।

## ରାଜ୍ୟ ପାରା-ଆଥଲେଟିକ୍ସ ଆଜିଠାରୁ

ଭୁବନେଶ୍ୱର, ୨୧।୧୨(ସମିସ): ଓଡ଼ିଶା ପାରା-ଆଥଲେଟିକ ଚାମ୍ପିଅନସିପ୍ ସ୍ଥାନୀୟ ଆଇକନିକ୍ କଳିଙ୍ଗ ଷ୍ଟାଡିୟମରେ ଆସନ୍ତାକାଲିଠାରୁ ଅନୁଷ୍ଠିତ ହେବ। ଡିସେମ୍ବର ୨୪ରେ ଶେଷ ହେବାକୁ ଥିବା ଏହି ଚାମ୍ପିଅନସିପ୍‌କୁ ରାଜ୍ୟ ପାରା କ୍ରୀଡ଼ା ସଂଘ ଆୟୋଜନ କରୁଛି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ସମସ୍ତ ପ୍ରକାର ସହାୟତା ଯୋଗାଇଦେଇଛି।

ଏହି ଚାମ୍ପିଅନ୍‌ସିପ୍‌ରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ରାଜ୍ୟର ସମସ୍ତ ୩୦ଟି ଯାକ ଜିଲ୍ଲାରୁ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ମୋଟ ୪୦୦ ଜଣ ପ୍ରତିଯୋଗୀ ଓ ୧୦୦ ଜଣ ଏସ୍କର୍ଟ ଭାଗନେବାର ସମ୍ଭାବନା ଥିଲାବେଳେ ଆସନ୍ତାକାଲି ପଞ୍ଜୀକରଣ ଓ ଇଭେଣ୍ଟ କ୍ଲାସିଫିକେସନ କରାଯିବ। ଏହା ପରେ ପ୍ରକୃତରେ କେତେ ପ୍ରତିଯୋଗୀ ଭାଗନେବେ ତାହା ସ୍ଥିର କରାଯିବ। ଏଥିରେ ସଫଳତା ପାଇଥିବା ପ୍ରତିଯୋଗୀମାନେ ତାମିଲନାଡୁର ଚେନ୍ନଇରେ ଆୟୋଜିତ ହେବାକୁ ଥିବା ୨୩ତମ ଜାତୀୟ ପାରା ଆଥଲେଟିକ୍ ଚାମ୍ପିଅନସିପ୍‌ରେ ଭାଗନେବାକୁ ଯୋଗ୍ୟତା ଅର୍ଜନ କରିବେ।

### ରାଜ୍ୟ ବାସ୍କେଟବଲ୍ ଚାମ୍ପିଅନସିପ୍

## ରାୟଗଡ଼ା, ପୁରୀ, ସେଲ୍‌ଟିକ୍ସ ବିଜୟୀ

ଭୁବନେଶ୍ୱର, ୨୧।୧୨ (ସମିସ): କଟକର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ୬୫ତମ ରାଜ୍ୟ ବାସ୍କେଟବଲ୍ ଚାମ୍ପିଅନସିପ୍‌ର ୪ର୍ଥ ଦିବସ ଖେଳ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୁଷ ବିଭାଗରେ ୬ଟି ମ୍ୟାଚ୍ ଖେଳାଯାଇଥିଲା। ଯେଉଁଥିରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆର୍‌ଏସ୍‌ପି) ୭୪-୫୫ରେ ସିଡିଏଏକୁ, ଓଏସ୍‌ସି ୪୯-୨୬ରେ ଓଡ଼ିଶା ପୁଲିସକୁ, ସେଲଟିକ୍ସ ୯୪-୭୭ରେ ଗଞ୍ଜାମକୁ, ପୋଷ୍ଟାଲ ୬୭-୬୪ରେ କେଡିବିଏକୁ, ରାୟଗଡ଼ା ୭୬-୭୪ରେ ରୋଭର୍ସ କ୍ଲବକୁ ଓ ପୁରୀ ୫୯-୨୭ ସ୍କୋରରେ କିଟ୍ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା। ସେହିଭଳି ଶନିବାର ମହିଳା ବିଭାଗରେ ୪ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ କିଟ୍ ୨୯-୦୭ରେ କେଉଁଝରକୁ, ସୁନ୍ଦରଗଡ଼ ୧୮-୦୮ରେ ବିବିଏକୁ, ଆର୍‌ଏସ୍‌ପି ୨୮-୨୫ରେ କେଡିବିଏକୁ ଓ ବିଏଏ ୪୧-୨୦ରେ ସୋଆ ବିଶ୍ୱବିଦ୍ୟାଳୟକୁ ହରାଇ ପଏଣ୍ଟ ହାସଲ କରିଛି।



# ବିଜୟ ହଜାରେ ଟ୍ରଫି ଆରମ୍ଭ: ଲଢ଼ିକି ହାରିଲା ଓଡ଼ିଶା

ଭୁବନେଶ୍ୱର, ୨୧।୧୨ (ସମିସ): ବିସିସିଆଇ ଆନୁକୂଲ୍ୟରେ ଜାତୀୟ ଏକଦିବସୀୟ ପ୍ରତିଯୋଗିତା ବିଜୟହଜାରେ ଟ୍ରଫିର ୩୨ତମ ସଂସ୍କରଣ ଶନିବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ୨୭ ରନରେ ଗୋଆ ନିକଟରୁ ପରାସ୍ତ ହୋଇ ଅଭିଯାନ ଆରମ୍ଭ କରିଛି। ଗୋଆ ପ୍ରଦତ୍ତ ୩୭୨ ରନର ଚ୍ୟାଲେଞ୍ଜପୂର୍ଣ୍ଣ ଲକ୍ଷ୍ୟକୁ ପିଛା କରି ଓଡ଼ିଶା ଲଢ଼ୁଆ ପ୍ରଦର୍ଶନ ସତ୍ତ୍ୱେ ୩୪୪ ରନ କରିବାକୁ ସମର୍ଥ ହୋଇଥିଲା। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚରେ ସୋମବାର ଆସାମକୁ ଭେଟିବ।

ରାଜସ୍ଥାନର ଡ. ସୋନି ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଏହି ମ୍ୟାଚରେ ଓଡ଼ିଶା ଅଧିନାୟକ ସନ୍ଦୀପ ପଟ୍ଟନାୟକ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଗୋଆ ପାଇଁ ଦୁଇ ଓପନର୍ ଇଶାନ ଗାଦେକର ଓ ସ୍ନେହାଲ କୌଥାଙ୍କର ପ୍ରଥମ ୱିକେଟ୍ ଭାଗୀଦାରିରେ ୧୫୯ ରନ ଉଠାଇ ଦଳକୁ ଦୃଢ଼ ଆରମ୍ଭ ଦେଇଥିଲେ। ଏହାପରେ ମଧ୍ୟକ୍ରମରେ ଅନ୍ୟ ବ୍ୟାଟର୍‌ଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ବଳରେ ଗୋଆ ୫୦ ଓଭରରେ ୪ ୱିକେଟ୍‌ରେ ୩୭୧ ରନ କରିଥିଲା। ଗାଦେକର ସର୍ବାଧିକ ୯୩ ରନ କରିଥିବାବେଳେ ଅଧିନାୟକ ଦର୍ଶନ ମିଶାଲ (୭୯), ସୁୟାଶ ପ୍ରଭୁଦେଶାଇ (୭୪), ସ୍ନେହାଲ (୬୭ ରନ) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ବୋଲିଂରେ ଓଡ଼ିଶା ପାଇଁ ଲେଗ୍-ସ୍ପିନ ଅଲ୍‌ରାଉଣ୍ଡର ଅଭିଷେକ ରାଉତ ୨ ଓ ତରଣୀ ସ' ଗୋଟିଏ ୱିକେଟ୍ ନେଇଥିଲେ।

ଜବାବରେ ଓଡ଼ିଶା ମଧ୍ୟ ଓପନିଂ ୱିକେଟ୍‌ରେ ଶତକୀୟ ଭାଗୀଦାରି କରିଥିଲା। ଦୁଇ ଓପନର୍ ଇନଫର୍ମ ସ୍ୱସ୍ତିକ ସାମଲ ୪୬ ବଲରୁ ୫୭ (୮ ଚୌକା ଓ ୧ ଛକା) ଓ ଗୌରବ ଚୌଧୁରୀ ୬୭ ବଲରୁ ୭୮ (୯ ଚୌକା ଓ ୧ ଛକା) ରନ କରି ଦଳକୁ ଭଲ ଆରମ୍ଭ ଦେଇଥିଲେ। ଏହି ଦୁଇ ବ୍ୟାଟର୍‌ଙ୍କ ଆଉଟ୍ ପରେ ମଧ୍ୟକ୍ରମରେ ଅଧିନାୟକ ସନ୍ଦୀପଙ୍କ ସହ ଯୁବ ୱିକେଟ୍‌ରକ୍ଷକ ଆଶୀର୍ବାଦ ସ୍ୱାଇଁ ଓ କାର୍ତ୍ତିକ ବିଶ୍ୱାଳ ଲଢ଼ୁଆ ବ୍ୟାଟିଂ କରିଥିଲେ ମଧ୍ୟ ଦଳକୁ ଜିତାଇବାରେ ବିଫଳ ହୋଇଥିଲେ। ସନ୍ଦୀପ ୭୩ ରନ (୭୧ ବଲ, ୬ ଚୌକା ଓ ୨ ଛକା) ଓ କାର୍ତ୍ତିକ ୪୯ ରନ (୫୨ ବଲ୍) ରନ କରିଥିଲେ। ସେହିଭଳି ଆଶୀର୍ବାଦ ନିମ୍ନକ୍ରମରେ ୪ ଚୌକା ଓ ୨ ଛକା ବଳରେ ୩୧ ବଲରୁ ୫୩ ରନ କରି ଶେଷ ବ୍ୟାଟର୍ ଭାବେ ଆଉଟ୍ ହୋଇଥିଲେ। ଫଳରେ ଓଡ଼ିଶା ୪୯.୪ ଓଭରରେ ୩୪୪ ରନରେ ସୀମିତ ରହିଥିଲା। ମଧ୍ୟକ୍ରମରେ ଗୋବିନ୍ଦ ପୋଦ୍ଦାର (୩ ରନ) ଓ ଅଭିଷେକ (୭ ରନ) ନିରାଶ କରିବା ଓଡ଼ିଶା ପାଇଁ ମହଙ୍ଗା ପଡ଼ିଥିଲା। ବୋଲିଂରେ ଗୋଆ ପକ୍ଷରୁ ସଚିନ ତେନ୍ଦୁଲକରଙ୍କ ପୁଅ ବାମହାତୀ ଦ୍ରୁତ ବୋଲର ଅର୍ଜୁନ ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ।



**ଅର୍ଜୁନ ତେନ୍ଦୁଲକରଙ୍କୁ ୩ ୱିକେଟ୍; ଗୋଆ ୨୭ ରନରେ ବିଜୟୀ**

## ଅନମୋଲପ୍ରୀତ୍‌ଙ୍କ ଦ୍ରୁତତମ ଲିଷ୍ଟ-ଏ ଶତକ: ପଞ୍ଜାବ ବିଜୟୀ



ଅହମ୍ମଦାବାଦ, ୨୧।୧୨(ଏଜେନ୍ସି): ବିଜୟ ହଜାରେ ଟ୍ରଫିରେ ପଞ୍ଜାବର ଅନମୋଲପ୍ରୀତ ସିଂହ ଭାରତୀୟ ବ୍ୟାଟର ଭାବେ ଦ୍ରୁତତମ ଶତକ ହାସଲ କରି ରେକର୍ଡ କରିଛନ୍ତି। ଏଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଅରୁଣାଚଳ ପ୍ରଦେଶ ୪୮.୪ ଓଭରରେ ୧୬୪ ରନ ସଂଗ୍ରହ କରିଥିଲା। ଜବାବରେ ପଞ୍ଜାବ ମାତ୍ର ୧୨.୫ ଓଭରରେ ୧୩.୦୧ ହାରରେ ଗୋଟିଏ ୱିକେଟ ହରାଇ ୧୬୭ ରନକରି ବିଜୟୀ ହୋଇଥିଲା। ଅନମୋଲପ୍ରୀତ ୪୫ ବଲର ସମ୍ମୁଖୀନ ହୋଇ ୧୨ ଚୌକା ଓ ୯ ଛକା ସହ ୧୧୫ ରନର ବିସ୍ଫୋରକ ଶତକୀୟ ପାଳି ଖେଳି ଦଳକୁ ଜିତାଇବା ସହ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ତେବେ ସେ ୩୫ ବଲରୁ ଶତକ ହାସଲ କରିଥିଲେ। ଏହିକ୍ରମରେ ସେ ୟୁସୁଫ ପଠାନଙ୍କ ରେକର୍ଡ (୪୦ ବଲରୁ ଶତକ)କୁ ପଛରେ ପକାଇଛନ୍ତି। ଏଥିସହ ଲିଷ୍ଟ ଏ କ୍ରିକେଟରେ ସେ ଦ୍ରୁତତମ ଶତକ ହାସଲରେ ଭାରତୀୟ ଭାବେ ରେକର୍ଡ କରିଛନ୍ତି। ପ୍ରଭସିମରନ ସିଂହ ୩୫ ରନକରି ଅପରାଜିତ ରହିଥିବା ବେଳେ ଅଭିଷେକ ଶର୍ମା ୧୦ ରନକରି ଆଉଟ ହୋଇଥିଲେ।

## କର୍ଣ୍ଣାଟକର ପଞ୍ଚମ ସର୍ବାଧିକ ରନ୍ ଚେଜ୍ ରେକର୍ଡ

ଅହମ୍ମଦାବାଦ୍, ୨୧।୧୨(ଏଜେନ୍ସି): ଶନିବାରଠାରୁ ଆରମ୍ଭ ହୋଇଥିବା ବିଜୟ ହଜାରେ ଟ୍ରଫିରେ ଏକ ରେକର୍ଡ ସୃଷ୍ଟି ହୋଇଛି। ମୁମ୍ବାଇ ବିପକ୍ଷରେ କର୍ଣ୍ଣାଟକ ୩୮୩ ରନ ପିଛା କରି ବିଜୟୀ ହୋଇଛି। ଏଥିସହ କର୍ଣ୍ଣାଟକ ପଞ୍ଚମ ସର୍ବାଧିକ ରନ ଚେଜ୍ କରି ଲିଷ୍ଟ-ଏ କ୍ରିକେଟରେ ରେକର୍ଡ କରିଛି। ଟସ୍ ହାରି ମୁମ୍ବାଇ ନିର୍ଦ୍ଧାରିତ ୫୦ ଓଭରରେ ୪ ୱିକେଟ ହରାଇ ୩୮୨ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଅଧିନାୟକ ଶ୍ରେୟସ ଆୟର ୫୫ ବଲରୁ ୫ ଚୌକା ଓ ୧୦ ଛକା ସହ ଅପରାଜିତ ୧୧୪ ରନର ଶତକୀୟ ପାଳି ଖେଳିଥିଲା। ଶିବମ ଦୁବେ ୩୬ ବଲରୁ ୫ଟି ଲେଖାଏ ଚୌକା ଓ ଛକା ସହ ଅପରାଜିତ ୬୩ ରନ କରିଥିବା ବେଳେ ଆୟୂଷ ମହାତ୍ରେ ୮୪, ସୂର୍ଯ୍ୟକୁମାର ଯାଦବ ୨୦ ରନ ସଂଗ୍ରହ କରିଥିଲେ। କର୍ଣ୍ଣାଟକ ଲେଗ୍ ସ୍ପିନର ପ୍ରବୀଣ ଦୁବେ ୨ ୱିକେଟ ଅକ୍ତିଆର କରିଥିଲେ।



**କ୍ରିଷ୍ଣନ ଶ୍ରୀଜିତ୍‌ଙ୍କ ବିସ୍ଫୋରକ ଶତକ**

୩୮୨ ରନର ବିଶାଳ ସ୍କୋର ଛିଡା କରିବା ସତ୍ତ୍ୱେ ମୁମ୍ବାଇ ପରାସ୍ତ ହୋଇଛି। ମୟଙ୍କ ଅଗ୍ରୱାଲଙ୍କ ନେତୃତ୍ୱାଧୀନ କର୍ଣ୍ଣାଟକ ୨୨ ବଲ ବାକିଥାଇ ୭ ୱିକେଟରେ ବିଜୟୀ ହୋଇଛି। କ୍ରିଷ୍ଣନ ଶ୍ରୀଜିତ୍ ୧୦୧ ବଲର ସମ୍ମୁଖୀନ ହୋଇ ୨୦ ଚୌକା ଓ ୪ ଛକା ସହ ୧୫୦ ରନର ଶତକୀୟ ପାଳି ଖେଳି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ପ୍ରବୀଣ ଦୁବେ ଅପରାଜିତ ୬୫ ରନ କରିଥିବା ବେଳେ ମୟଙ୍କ ୪୭, କେଭି ଅନିସ୍ ୮୨, ନିକିନ ଜୋଶ ୨୧ ରନ ସଂଗ୍ରହ କରିଥିଲେ। ମୁମ୍ବାଇ ତରଫରୁ ମହମ୍ମଦ ଜୁନେଦ ଖାନ୍ ୨ ଓ ଶିବମ୍ ଦୁବେ ଗୋଟିଏ ୱିକେଟ ନେଇଥିଲେ।

# କ୍ରୀଡ଼ା

ସକାଳ
www.sakalaepaper.com

## ବୁମ୍ରାଙ୍କୁ ମୁକାବିଲା ପାଇଁ ଯୋଜନା ପ୍ରସ୍ତୁତ

ମେଲବୋର୍ଣ୍ଣ, ୨୧।୧୨(ଏଜେନ୍ସି): ଏଠାରେ ଡିସେମ୍ବର ୨୬ରୁ ଖେଳାଯିବାକୁ ଥିବା ଭାରତ ବିପକ୍ଷ ଚତୁର୍ଥ ଟେଷ୍ଟ ମ୍ୟାଚ୍‌ରେ ୧୯ ବର୍ଷୀୟ ଯୁବ ଓପନର ସାମ କୋନଷ୍ଟାସ୍‌ଙ୍କୁ ସାମିଲ କରାଯାଇଛି। ଏହି ଯୁବ ଓପନର ନିକଟରେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଏକାଦଶରେ ସାମିଲ ହୋଇ ଭାରତ ବିପକ୍ଷରେ ଶତକ ହାସଲ କରିଥିଲେ। ଏହି ସଫଳତା ଯୋଗୁଁ ତାଙ୍କୁ ଏହି ସିରିଜ୍‌ର ଶେଷ ୨ଟି ଟେଷ୍ଟ ମ୍ୟାଚ୍ ଖେଳିବାକୁ ମନୋନୀତ କରାଯାଇଛି। ସେ ଚୂଡାନ୍ତ ଏକାଦଶରେ ସ୍ଥାନ ପାଇବେ କି ନାହିଁ ତାହା ଭିନ୍ନକଥା। କିନ୍ତୁ ସେ ଭାରତୀୟ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍ରାଙ୍କୁ ମୁକାବିଲା କରିବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି ବୋଲି କହିଛନ୍ତି। ଏହି ସିରିଜ୍‌ରେ ବୁମ୍ରାଙ୍କୁ ଖେଳିବା କଷ୍ଟକର ହୋଇପଡ଼ିଛି। କିନ୍ତୁ ମୁଁ ଖେଳିବାକୁ ସୁଯୋଗ ପାଇଲେ ତାଙ୍କ ବିପକ୍ଷରେ ସଫଳ ହେବି ବୋଲି କୋନ୍‌ଷ୍ଟାସ୍ କହିଛନ୍ତି।

### ସଚିନଙ୍କ ଆଉ ଏକ ରେକର୍ଡ ଭାଙ୍ଗିବେ ବିରାଟ

କିମ୍ବଦନ୍ତୀ କ୍ରିକେଟ ଖେଳାଳି ସଚିନ ତେନ୍ଦୁଲକରଙ୍କ ଗୋଟିକ ପରେ ଗୋଟିଏ ରେକର୍ଡ ଭାଙ୍ଗିବା ଅନ୍ୟଜଣେ କିଂମ୍ବଦନ୍ତୀ ବ୍ୟାଟର ବିରାଟ କୋହଲିଙ୍କ ଲାଗି ଅଭ୍ୟାସରେ ପରିଣତ ହୋଇଗଲାଣି। ଏଠାରେ ଡିସେମ୍ବର ୨୬ରୁ ଖେଳାଯିବାକୁ ଥିବା ବକ୍ସିଂ ଡେ ଟେଷ୍ଟରେ ସଚିନଙ୍କ ଆଉ ଏକ ରେକର୍ଡ ଭାଙ୍ଗିବାର ସୁଯୋଗ ସୃଷ୍ଟି ହୋଇଛି। ମେଲବୋର୍ଣ୍ଣରେ ଜଣେ ଭାରତୀୟ ଭାବେ ସଚିନ ୪୪୯ ରନ୍ କରିଛନ୍ତି। ଏଠାରେ ସେ ୫ଟି ଟେଷ୍ଟ ଖେଳି ୪୪.୯୦ ହାରରେ ଏହି ରନ୍ ସଂଗ୍ରହ କରିଛନ୍ତି। ଏହି ଟେଷ୍ଟରେ ଯଦି କୋହଲି ଆଉ ୧୩୪ ରନ୍ କରିବାରେ ସମର୍ଥ ହୁଅନ୍ତି ତେବେ ଜଣେ ଭାରତୀୟ ଭାବେ ମେଲବୋର୍ଣ୍ଣରେ ସେ ସର୍ବାଧିକ ରନ୍ କରିବାର ରେକର୍ଡ କରିବେ। ବକ୍ସିଂ ଡେ ଟେଷ୍ଟ ପୂର୍ବରୁ କୋହଲି ଏଠାରେ ୩ଟି ଟେଷ୍ଟ ଓ ୬ଟି ଇନିଂସରୁ ୫୨.୫୭ ହାରରେ ୩୧୬ ରନ୍ କରିଛନ୍ତି। କୋହଲିଙ୍କଠାରୁ ଆଉ ଜଣେ ଭାରତୀୟ ବ୍ୟାଟର ଆଜିଙ୍କ୍ୟ ରାହାଣେ ଏଠାରେ ଅଧିକ ରନ୍ ସଂଗ୍ରହ କରିଛନ୍ତି। ରାହାଣେ ଏଠାରେ ୩ଟି ଟେଷ୍ଟ ଖେଳି ୭୩.୮୦ ହାରେ ୩୬୯ ରନ୍ କରି ଭାରତୀୟଙ୍କ ମଧ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

### ୨୬ରୁ ଭାରତ-ଅଷ୍ଟ୍ରେଲିଆ ବକ୍ସିଂ ଡେ ଟେଷ୍ଟ

# ରୋହିତ ଓ କୋହଲିଙ୍କ ନେତୃତ୍ୱରେ ଅଭ୍ୟାସ

ମେଲବୋର୍ଣ୍ଣ, ୨୧।୧୨(ଏଜେନ୍ସି): ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ସ୍ଥାନୀୟ ଆଇକନିକ ମେଲବୋର୍ଣ୍ଣ କ୍ରିକେଟ ଗ୍ରାଉଣ୍ଡରେ ବର୍ଡର-ଗାଭାସ୍କର ଟ୍ରଫିର ଚତୁର୍ଥ ଟେଷ୍ଟ ମ୍ୟାଚ୍ ଅନୁଷ୍ଠିତ ହେବ। ବକ୍ସିଂ ଡେ ବା ଡିସେମ୍ବର ୨୬ରୁ ଆରମ୍ଭ ହେବାକୁ ଥିବା ଏହି ଟେଷ୍ଟ ଲାଗି ଶନିବାର ଭାରତୀୟ କ୍ରିକେଟ ଦଳର ଖେଳାଳିମାନେ ଅଧିନାୟକ ରୋହିତ ଶର୍ମା ଓ ବରିଷ୍ଠ ଖେଳାଳି ବିରାଟ କୋହଲିଙ୍କ ନେତୃତ୍ୱରେ ଜୋରଦାର ଅଭ୍ୟାସ କରିଛନ୍ତି। ଉଭୟ ଖେଳାଳି ଫର୍ମରେ ନାହାନ୍ତି। ଏଣୁ ଉଭୟ ଆରମ୍ଭରୁ ଶେଷଯାଏ ଅଭ୍ୟାସ କରିବା ସହ ଅନ୍ୟ ଖେଳାଳିମାନଙ୍କୁ ମଧ୍ୟ ସହାୟତା ଦେଇଛନ୍ତି। ଅନ୍ୟପକ୍ଷରେ ଅଷ୍ଟ୍ରେଲୀୟ କ୍ରିକେଟ ଦଳ ଶନିବାର ଅଭ୍ୟାସ କରିବା ପରିବର୍ତ୍ତେ ବିଶ୍ରାମ ନେବାକୁ ଉଚିତ ମଣିଛି।



ଶନିବାର ସକାଳେ ଭାରତୀୟ ଦଳର ପ୍ରମୁଖ ଖେଳାଳିମାନେ ପ୍ରଥମେ ବ୍ୟାଟିଂ ଅଭ୍ୟାସ କରିବାକୁ ଆସିଥିଲେ। ରୋହିତ, ବିରାଟ, ଯଶସ୍ୱୀ, ଲୋକେଶ ରାହୁଲ, ଶୁବମାନ ଗିଲ୍ ଓ ରଷଭ ପନ୍ତ୍ ସେମାନଙ୍କ ପାଳି ପଡ଼ିବା ପରେ ବ୍ୟାଟିଂ ଅଭ୍ୟାସ କରିଥିଲେ। ଶେଷରେ ମହମ୍ମଦ୍ ସିରାଜ ଓ ଆକାଶ ଦୀପ୍ ମଧ୍ୟ ବ୍ୟାଟିଂ ଅଭ୍ୟାସ କରିଥିଲେ। ସୂଚନାଯୋଗ୍ୟ ବ୍ରିସ୍‌ବେନ୍‌ରେ ଖେଳାଯାଇଥିବା ତୃତୀୟ ଟେଷ୍ଟରେ ଯଶପ୍ରୀତ୍ ବୁମ୍ରା ଓ ଆକାଶ ଦୀପ୍‌ଙ୍କ ୧୦ମ ୱିକେଟ ଯୋଡିଙ୍କ ପ୍ରଶଂସନୀୟ ବ୍ୟାଟିଂ ଯୋଗୁଁ ଭାରତ ବିପର୍ଯ୍ୟୟରୁ ଫଲୋଅନ୍ ଏଡାଇବାକୁ ସମର୍ଥ ହୋଇଥିଲା। ଏମାନଙ୍କ ବ୍ୟାଟିଂ ଅଭ୍ୟାସ ଭାରତ ଲାଗି ଗୁରୁତ୍ୱପୂର୍ଣ୍ଣ। ସମସ୍ତ ବ୍ୟାଟର ଭାରତୀୟ ପେସ୍, ସ୍ପିନ୍ ଓ ଥ୍ରୋଡାଉନ୍‌କୁ ମୁକାବିଲା କରିଥିଲେ।

ଅଭ୍ୟାସବେଳେ ୱାଶିଂଟନ ସୁନ୍ଦରଙ୍କୁ ତାଙ୍କ ଫିଲ୍ଡ ପ୍ଲେସ୍‌ମେଣ୍ଟ ସମ୍ପର୍କରେ ପଚାରିଥିଲେ ରୋହିତ। ଏଭଳି ଫିଲ୍ଡିଂ ସଜାକୁ ନଜରରେ ରଖି ବ୍ୟାଟିଂ କରିଥିଲେ ଭାରତୀୟ ଅଧିନାୟକ। ସ୍ପିନ ବୋଲିଂକୁ ମେରିଟ୍ ଅନୁଯାୟୀ ଖେଳିଥିଲେ ରୋହିତ। କିନ୍ତୁ ପେସ୍ ବୋଲିଂରେ ସେ ରିଭର୍ସ ସୁଇପ୍ ମାରିବାର ଅଧିକ ଅଭ୍ୟାସ କରିଥିଲେ। ଅନ୍ୟ ବଲ୍‌ଗୁଡିକୁ ସେ ସତର୍କତାର ସହ ଖେଳିଥିଲେ। ରୋହିତ ତୁମକୁ ଦେଖିବାକୁ ଓ ତୁମ ବ୍ୟାଟିଂ ଦେଖିବାକୁ ମୁଁ ବହୁତ ଦୂରରୁ ଆସିଛି। ମୋତେ ଏହି ମ୍ୟାଚ୍‌ରେ ନିରାଶ କରିବ ନାହିଁ ବୋଲିଂ ଷ୍ଟାଡିୟମ୍‌ରେ ଥିବା ଜଣେ ସମର୍ଥକ ପାଟିକରି କହିଥିଲେ। ତାଙ୍କୁ ଚୁପ୍ ରହିବାକୁ ରୋହିତ ଅନୁରୋଧ କରିଥିଲେ। କୋହଲି ମଧ୍ୟ ଅଧିକ ସମୟ ଧରି ବ୍ୟାଟିଂ ଅଭ୍ୟାସ କରିଥିଲେ। ହେଡ୍ କୋଚ୍ ଗୌତମ ଗମ୍ଭୀରଙ୍କ ତତ୍ତ୍ୱାବଧାନରେ ରଷଭ ପନ୍ତ୍ ଦୀର୍ଘ ସମୟ ଧରି ବ୍ୟାଟିଂ କରିଥିଲେ। ଅଶ୍ୱିନ ଅବସର ନେଇଥିବାରୁ ଦେବଦତ୍ତ ପାଡ଼ିକଲ, ସୁନ୍ଦର ଓ ରବୀନ୍ଦ୍ର ଜାଡେଜା ସ୍ପିନ୍ ବୋଲିଂ କରିଥିଲେ।

ପେସ୍ ବୋଲରଙ୍କ ମଧ୍ୟରେ ବୁମ୍ରା ଅଭ୍ୟାସ କରିବା ପରିବର୍ତ୍ତେ ଜିମ୍‌ରେ ସମୟ ବିତାଇଥିଲେ। ସିରାଜ କେବଳ ବ୍ୟାଟିଂ ଅଭ୍ୟାସ କରିଥିଲେ। ବୋଲିଂ କୋଚ୍ ମୋର୍ଣ୍ଣ ମର୍କେଲ ବୋଲିଂ କରିଥିଲେ। ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଅଭ୍ୟାସ ସମୟରେ ଦୀର୍ଘ ସମୟ ଖେଳାଳିଙ୍କୁ ଉତ୍ସାହିତ ସହ ଆଲୋଚନା କରୁଥିବାର ଦେଖାଯାଇଥିଲା। ବର୍ଡର ଗାଭାସ୍କର ଟ୍ରଫିର ୩ଟି ଟେଷ୍ଟ ଶେଷ ହୋଇଛି। ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍‌ରେ ବିଜୟୀ ହୋଇ ୧-୧ ବରାବର ସ୍ଥିତିରେ ରହି ଉଭୟ ଦଳ ଚତୁର୍ଥ ଟେଷ୍ଟ ଖେଳିବାକୁ ଯାଉଛନ୍ତି। ଡିସେମ୍ବର ୨୬ରୁ ଏହି ଟେଷ୍ଟ ମ୍ୟାଚ୍ ଖେଳାଯିବ। ଏହା ଭାରତ ଲାଗି ୨୦୨୪ର ଶେଷ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍।


## ପାକିସ୍ତାନରେ ନ୍ୟୁଜିଲାଣ୍ଡ ସୁରକ୍ଷା ଦଳ

କରାଚି, ୨୧।୧୨(ଏଜେନ୍ସି): ପାକିସ୍ତାନରେ ହାଇବ୍ରିଡ୍ ମଡେଲରେ ଚାମ୍ପିଅନ୍ସ ଟ୍ରଫି ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ହେବା ନିଶ୍ଚିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟର ତାରିଖ ଓ କାର୍ଯ୍ୟସୂଚୀ ଚୂଡାନ୍ତ ହୋଇ ନ ଥିଲେ ମଧ୍ୟ ଏହା ପୂର୍ବରୁ ପାକିସ୍ତାନରେ ଏକ ତ୍ରିରାଷ୍ଟ୍ରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବାକୁ ଯାଉଛି। ଏଥିରେ ପାକିସ୍ତାନ ସହ ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ଖେଳିବାକୁ ସ୍ୱୀକୃତି ଦେଇଛନ୍ତି। ଫେବୃଆରୀ ୮ ରୁ ୧୪ ଯାଏ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଅଂଶଗ୍ରହଣ କରିଥିବା ନ୍ୟୁଜିଲାଣ୍ଡ ପକ୍ଷରୁ ତ୍ରିରାଷ୍ଟ୍ରୀୟ ସିରିଜ୍ ଲାଗି କି ପ୍ରକାର ବ୍ୟବସ୍ଥା କରାଯାଇଛି, ସୁରକ୍ଷା ବ୍ୟବସ୍ଥାର ରୂପରେଖ କ'ଣ ତାହା ଜାଣିବା ସକାଶେ ଏକ ସୁରକ୍ଷା ଦଳ ପାକିସ୍ତାନ ଗସ୍ତରେ ଆସିଛି। ଏହି ଦଳର ରିପୋର୍ଟ ଉପରେ ନ୍ୟୁଜିଲାଣ୍ଡ ଏହି ଟୁର୍ଣ୍ଣାମେଣ୍ଟରେ ଖେଳିବ କି ନାହିଁ ତାହା ସ୍ଥିର ହେବ। ଏହି ଟୁର୍ଣ୍ଣାମେଣ୍ଟ ପରେ ଚାମ୍ପିଅନ୍ସ ଟ୍ରଫି ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି।

## ଅଷ୍ଟ୍ରେଲିଆ ଟେଷ୍ଟ ଦଳର ନୂଆ ସଦସ୍ୟ କୋନ୍‌ଷ୍ଟାସ

ମେଲବୋର୍ଣ୍ଣ, ୨୧।୧୨(ଏଜେନ୍ସି): ଅଷ୍ଟ୍ରେଲିଆର ୧୯ ବର୍ଷୀୟ ଓପନର ସାମ କୋନଷ୍ଟାସଙ୍କୁ ନେଇ ଚର୍ଚ୍ଚା ଚାଲିଛି। ଚଳିତ ବର୍ଡର- ଗାଭାସ୍କର ଟ୍ରଫି(ବିଜିଟି)ର ଅନ୍ତିମ ଦୁଇଟି ଟେଷ୍ଟ ପାଇଁ ଘୋଷିତ ଅଷ୍ଟ୍ରେଲିଆ ଦଳରେ ସେ ସ୍ଥାନ ପାଇଛନ୍ତି। ତାଙ୍କୁ ନାଥନ ମ୍ୟାକସ୍ୱିନୀଙ୍କ ବଳରେ ଦଳରେ ନିଆଯାଇଛି। ପ୍ରଥମ ୩ଟି ଟେଷ୍ଟରେ ମ୍ୟାକ୍‌ସ୍ୱିନୀ ଆଶାନୁରୂପ ପ୍ରଦର୍ଶନ କରିପାରି ନାହାନ୍ତି। ଫଳରେ ତାଙ୍କୁ ବାଦ୍ ଦିଆଯାଇ କୋନଷ୍ଟାସଙ୍କୁ ଦଳରେ ନିଆ ଯାଇଛି। ୨୫ ବର୍ଷୀୟ ମ୍ୟାକସ୍ୱିନୀ ପର୍ଥରେ ଅନୁଷ୍ଠିତ ଗତ ପ୍ରଥମ ଟେଷ୍ଟରେ ପଦାର୍ପଣ କରିଥିଲେ ମଧ୍ୟ ଫର୍ମ ପାଇଁ ସଂଘର୍ଷ କରୁଛନ୍ତି। ସେ ୩ଟି ଟେଷ୍ଟ ଖେଳି ୬ଟି ପାଳିରେ ଯାଥାକ୍ରମେ ୧୦, ୦, ୩୯, ଅପରାଜିତ ୧୦, ୯, ୪ ରନକରି ଆଉଟ ହୋଇଥିଲେ। ଫଳରେ ଚୟନକର୍ତ୍ତାମାନେ ତାଙ୍କୁ ଭରସା ନ କରି କୋନଷ୍ଟାସଙ୍କୁ ଦଳରେ ସାମିଲ କରିଛନ୍ତି। ନ୍ୟୁ ସାଉଥୱେଲ୍ସର କୋଗାରାହରେ ଜନ୍ମିତ କୋନ୍‌ଷ୍ଟାସଙ୍କୁ ଅଷ୍ଟ୍ରେଲିଆ ବ୍ୟାଟିଂର ଭବିଷ୍ୟତ ତଥା ଡାର୍କ ହର୍ସ ବିବେଚନା କରାଯାଉଛି।

### ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିଛି ତାଙ୍କ ଦମ୍‌ଦାର ବ୍ୟାଟିଂ



ଅନ୍ୟପଟେ କୋନଷ୍ଟାସ କ୍ରମାଗତ ଦମ୍‌ଦାର ପ୍ରଦର୍ଶନ କରି କ୍ରିକେଟ ଅଷ୍ଟ୍ରେଲିଆ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିଛନ୍ତି। ସେଫିଲ୍ଡ ସିଲ୍ଡରେ ସେ ନ୍ୟୁ ସାଉଥୱେଲ୍ସ ତରଫରୁ ପ୍ରତିନିଧିତ୍ୱ କରି ଦୁଇଟି ଆକର୍ଷଣୀୟ ଶତକ ହାସଲ କରିଥିଲେ। ସେହିପରି ମେଲ୍‌ବୋର୍ଣ୍ଣ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ଭାରତ ଏ ବିପକ୍ଷ ମ୍ୟାଚ୍‌ରେ ସେ ଅପରାଜିତ ୭୩ ରନ ସଂଗ୍ରହ କରି ନିଜ ଜବରଦସ୍ତ ଫର୍ମର ପ୍ରମାଣ ଦେଇଥିଲେ। ପୁଣି କାନବେରାରେ ଅନୁଷ୍ଠିତ ଭାରତ ଫିଙ୍କ୍‌ବଲ ଅଭ୍ୟାସ ମ୍ୟାଚ୍‌ରେ ସେ ପ୍ରଧାନମନ୍ତ୍ରୀ ଏକାଦଶ ତରଫରୁ ପ୍ରତିନିଧିତ୍ୱ କରି ୧୦୭ ରନର ଲଢୁଆ ଶତକୀୟ ପାଳି ଖେଳିଥିଲେ। ପ୍ରଥମଶ୍ରେଣୀ କ୍ରିକେଟରେ ମଧ୍ୟ ସେ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। ସେ ଏପର୍ଯ୍ୟନ୍ତ ୧୧ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୪୨.୨୩ ହାରରେ ୭୧୮ ରନ ସଂଗ୍ରହ କରିଛନ୍ତି। ଏଥିରେ ତାଙ୍କୁ ଦୁଇଟି ଶତକ ଓ ୩ଟି ଅର୍ଦ୍ଧଶତକ ସାମିଲ ରହିଛି। ସେ ମଧ୍ୟ ଗୋଟିଏ ଲିଷ୍ଟ ଏ ମ୍ୟାଚ୍ ଖେଳିଛନ୍ତି। କୋନଷ୍ଟାସଙ୍କ ପାଖରେ ଅସାଧାରଣ ପ୍ରତିଭା ଓ ଦକ୍ଷତା ରହିଛି ବୋଲି ଅଷ୍ଟ୍ରେଲିଆ ମୁଖ୍ୟ ଜର୍ଜ ବେଲି କହିଛନ୍ତି। ଯଦି ସେ ଅଷ୍ଟ୍ରେଲିଆ ଅନ୍ତିମ ଏକାଦଶରେ ସାମିଲ ହୁଅନ୍ତି ତେବେ ଆସନ୍ତା ୨୬ ତାରିଖ ଅର୍ଥାତ ବକ୍ସିଂ ଡେ ଟେଷ୍ଟରେ ପଦାର୍ପଣ କରିବେ।

## ଏକଦିବସୀୟ ସିରିଜ ଜିତିଲା ଆଫଗାନିସ୍ତାନ

ହରାରେ, ୨୧।୧୨ (ଏଜେନ୍ସି): ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବରେ ଶନିବାର ଅନୁଷ୍ଠିତ ଅନ୍ତିମ ତଥା ୩ୟ ଏକଦିବସୀୟ ମ୍ୟାଚରେ ଭ୍ରମଣକାରୀ ଆଫଗାନିସ୍ତାନ ୮ ୱିକେଟ୍‌ରେ ସହଜରେ ଜିମ୍ବାୱେକୁ ପରାସ୍ତ କରିଛି। ଏଥିସହ ୩ ମ୍ୟାଚ୍‌ବିଶିଷ୍ଟ ଏକଦିବସୀୟ ସିରିଜକୁ ଆଫଗାନିସ୍ତାନ ୨-୦ରେ ବିଜୟୀ ହୋଇଛି। ପୂର୍ବରୁ ପ୍ରଥମ ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଥିବାବେଳେ ୨ୟ ମୁକାବିଲାରେ ଜିମ୍ବାୱେ ୨୩୨ ରନର ବଡ଼ ବ୍ୟବଧାନରେ ହାରିଥିଲା। ଦୁଇ ଦଳ ମଧ୍ୟରେ ୨ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଆସନ୍ତା ୨୬ରୁ ବୁଲାୱାୟୋରେ ଆରମ୍ଭ ହେବ। ଏଥିପୂର୍ବରୁ ଟି-୨୦ ସିରିଜକୁ ମଧ୍ୟ ଆଫଗାନିସ୍ତାନ ୨-୧ରେ ବିଜୟୀ ହୋଇଥିଲା।




ଶନିବାର ଖେଳାଯାଇଥିବା ୩ୟ ଏକଦିବସୀୟ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ଜିମ୍ବାୱେ ୩୦.୧ ଓଭରରେ ମାତ୍ର ୧୨୭ ରନରେ ସୀମିତ ରହିଥିଲା। ସିନ୍ ୱିଲିୟମସନ (୬୦ ରନ)ଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବ୍ୟାଟର୍ ବେଶି ସମୟ ତିଷ୍ଠି ପାରି ନ ଥିଲେ। ଆଫଗାନିସ୍ତାନ ପକ୍ଷରୁ ଅଫ୍-ସ୍ପିନର ଆଲ୍ଲା ଘଜନଫର ୫ ଓ ରଶିଦ ଖାନ ୩ଟି ୱିକେଟ୍ ହାସଲ କରିଥିଲେ। ଜବାବରେ ଓପନର୍ ସେଦିକୁଲ୍ଲା ଅଟଲଙ୍କ ୫୨ ରନ ବଳରେ ଆଫଗାନିସ୍ତାନ ୨୬.୫ ଓଭରରେ ୨ ୱିକେଟ୍ ହରାଇ ସହଜରେ ବିଜୟୀ ହୋଇଥିଲା। ଘଜନଫର ମ୍ୟାଚର ଓ ସେଦିକୁଲ୍ଲା ଅଟଲ ସିରିଜର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ।

## ଉଥାପ୍ପାଙ୍କ ବିରୋଧରେ ଗିରଫ ପରୱାନା

ବେଙ୍ଗାଲୁରୁ, ୨୧।୧୨(ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର ରବିନ ଉଥାପ୍ପାଙ୍କ ବିରୋଧରେ ଗିରଫ ପରୱାନା ଜାରି କରାଯାଇଛି। ପ୍ରୋଭିଡେଣ୍ଟ ଫଣ୍ଡ(ପିଏଫ୍)ରେ ଅର୍ଥ ଜମା କରିବା ନେଇ ଅନିୟମିତତା କରିଥିବାରୁ ସେ ଗିରଫ୍ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଉଥାପ୍ପା ପୋଷାକ ତିଆରି କମ୍ପାନୀ



ସେଞ୍ଚୁରିଜ୍ ଲାଇଫ୍ ଷ୍ଟାଇଲ୍ ବ୍ରାଣ୍ଡ ପ୍ରାଇଭେଟ ଲିମିଟେଡର ପାର୍ଟନର ତଥା ମ୍ୟାନେଜର ରହିଛନ୍ତି। ସେ କମ୍ପାନୀର କର୍ମଚାରୀଙ୍କ ପାଉଣାରୁ ପିଏଫ୍ ପାଇଁ ଅର୍ଥ ଉଠାଇଥିଲେ ଓ ଆକାଉଣ୍ଟରେ ଜମା କରି ନାହାନ୍ତି। ଫଳରେ ବେଙ୍ଗାଲୁରୁସ୍ଥିତ ଆଞ୍ଚଳିକ ଇପିଏଫ୍‌ଓ କମିଶନର ଶଦାକ୍ଷରୀ ଗୋପାଳ ରେଡ୍ଡୀ ନଭେମ୍ବର ୪ରେ ଉଥାପ୍ପାଙ୍କୁ ୨୪ ଲକ୍ଷ ଟଙ୍କା ଜମା କରିବାକୁ ୱାରେଣ୍ଟ ଜାରି କରିଥିଲେ। ଯେତେବେଳେ ପୁଲିସ୍ ୱାରେଣ୍ଟ ରିସିଭ କରିବାକୁ ଯାଇଥିଲେ ସେତେବେଳେ ଉଥାପ୍ପା ଘରେ ନଥିଲେ। ଉଥାପ୍ପା ଏବେ ନିଜ ପରିବାର ସହ ଦୁବାଇରେ ଅଛନ୍ତି ବୋଲି ଏକ ରିପୋର୍ଟରୁ ଜଣାପଡ଼ିଛି।




### ୧୯ ବର୍ଷରୁ କମ୍ ମହିଳା ଏସିଆ କପ୍

## ଭାରତ-ବାଂଲା ଫାଇନାଲ ଆଜି

କ୍ୱାଲାଲୁମ୍ପୁର, ୨୧।୧୨ (ଏଜେନ୍ସି): ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ମହିଳା ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ସଂସ୍କରଣ ଫାଇନାଲ ରବିବାର ଖେଳାଯିବ। ଟାଇଟଲ୍ ପାଇଁ ଦୁଇ ପଡ଼ୋଶୀ ଭାରତ ଓ ବାଂଲାଦେଶ ପରସ୍ପରକୁ ଭେଟିବେ। ନିକି ପ୍ରସାଦଙ୍କ ନେତୃତ୍ୱାଧୀନ ଭାରତ ସୁପର୍-୪ରେ ୪ ମ୍ୟାଚ ଖେଳି ୩ ବିଜୟ ଓ ଗୋଟିଏ ବାତିଲ ସହ ୭ ପଏଣ୍ଟ ପାଇ ଶୀର୍ଷରେ ରହିବା ସହ ଫାଇନାଲରେ ପ୍ରବେଶ କରିଥିଲା। ସେହିଭଳି ବାଂଲାଦେଶ ୩ ବିଜୟ ଓ ଗୋଟିଏ ପରାଜୟ ସହ ୬ ପଏଣ୍ଟ ପାଇ ୨ୟ ଦଳ ଭାବେ ଫାଇନାଲରେ ପହଞ୍ଚିଥିଲା। ଭାରତ ଏହାର ଶେଷ ସୁପର୍-୪ ମ୍ୟାଚରେ ଶୁକ୍ରବାର ୪ ୱିକେଟ୍‌ରେ ଶ୍ରୀଲଙ୍କାକୁ ପରାସ୍ତ କରିଥିଲା। ଏହି ପ୍ରତିଯୋଗିତାରେ ଏସିଆ ମହାଦେଶର ୬ଟି ଦେଶ ଅଂଶଗ୍ରହଣ କରିଥିଲେ।


'ନନ୍ଦିଘୋଷ ଟିଭି'

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି। ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ଭିଡିଓ ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରଡ୍ୟୁସର | ୫ ବର୍ଷର ଅଭିଜ୍ଞତା |
| ୪) ଆସିଷ୍ଟାଣ୍ଟ ମ୍ୟାନେଜର (ସେଲ୍ସ) | ଏମ୍.ବି.ଏ. ଡିଗ୍ରୀ ସହିତ ୩ ରୁ ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୨୨ ଡିସେମ୍ବର ୨୦୨୪ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯


### ଓଡ଼ିଶା ଓପନ ଗ୍ରାଣ୍ଡମାଷ୍ଟର ଚେସ୍ ଉଦ୍‌ଯାପନ ଆଜି

# ଟାଇଟଲ୍ ଦୌଡ଼ରେ ଏନ୍‌ଗୁଏନ୍, ଫେଡେରୋଭ୍

ଭୁବନେଶ୍ୱର, ୨୧।୧୨(ସମିସ): ଭିଏତନାମର ଫିଡେମାଷ୍ଟର ଏନ୍‌ଗୁଏନ କ୍ୱକ୍ ହାଏ ଓ ବେଲାରୁଷର ଗ୍ରାଣ୍ଡମାଷ୍ଟର ଆଲେକ୍ସେଇ ଫେଡେରୋଭ ଏଠାରେ ଚାଲିଥିବା ଓଡ଼ିଶା ଓପନ ଗ୍ରାଣ୍ଡମାଷ୍ଟର ଚେସ୍ ମହୋତ୍ସବରେ କାଟାଗୋରୀ-ଏ' ଟାଇଟଲ ଜିତିବା ଦୌଡ଼ରେ ରହିଛନ୍ତି। ଟୁର୍ଣ୍ଣାମେଣ୍ଟ ଶେଷ ହେବାକୁ ଆଉ ଗୋଟିଏ ରାଉଣ୍ଡ ବାକିଥିଲାବେଳେ ୯ମ ରାଉଣ୍ଡ ଶେଷ ସୁଦ୍ଧା ଉଭୟ ଖେଳାଳି ୭.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ପ୍ରଥମସ୍ଥାନରେ ରହିଛନ୍ତି। ବୁକୋଲଜ୍‌ରେ ଏନ୍‌ଗୁଏନ ପ୍ରଥମ ଓ ଆଲେକ୍ସେଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଆସନ୍ତାକାଲି ଟୁର୍ଣ୍ଣାମେଣ୍ଟର ଶେଷ ଦିନ। ଏଥିରେ ଏନ୍‌ଗୁଏନ୍‌ଙ୍କ ସହ ତେଲଙ୍ଗାନାର ଅଣସିଡେଡ ଖେଳାଳି ବିଘ୍ନେଶ ଅଦ୍ୱୈତ ଭେମୁଲାଙ୍କର ଦ୍ୱିତୀୟ ବୋର୍ଡରେ ଓ ଫେଡେରୋଭ୍‌ଙ୍କ ସହ ଭାରତୀୟ ଗ୍ରାଣ୍ଡମାଷ୍ଟର ଦୀପନ ଚକ୍ରବର୍ତ୍ତୀଙ୍କର ମୁକାବିଲା ହେବ।



ଦୀପନ ଓ ଆଇଏମ୍ ଏଲ୍ ଶ୍ରୀହରି ୭ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଦ୍ୱିତୀୟରେ ରହିଛନ୍ତି। ତାଙ୍କ ପଛକୁ ୧୧ଜଣ ଖେଳାଳି ୬.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ତୃତୀୟ ସ୍ଥାନରେ ରହିଛନ୍ତି। ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ସମ୍ବିତ ପଣ୍ଡା ୬ ପଏଣ୍ଟ ସହ ୨୨ତମ ସ୍ଥାନରେ ରହିଛନ୍ତି। ୯ମ ରାଉଣ୍ଡରେ ସେ ଚତୁର୍ଥ ବୋର୍ଡରେ ଖେଳିଥିଲେ। କିନ୍ତୁ ତାଙ୍କଠାରୁ କମ୍ ରେଟେଡ ଖେଳାଳି ବିଘ୍ନେଶ ଅଦ୍ୱୈତ ଭାମେଲାଙ୍କ ନିକଟରୁ ପରାଜିତ ହେବା ପରେ ଟପ୍-୧୦ରେ ରହିବା ଆଶଙ୍କା ସୃଷ୍ଟି ହୋଇଛି। କାଟାଗୋରୀ-ସି'ରେ ପଶ୍ଚିମବଙ୍ଗର ଦୁଇ ଖେଳାଳି ଯୁଗ ଦେଶାଇ ଓ ୧୧ବର୍ଷରୁ କମ୍ ଖେଳାଳି ସୌମ୍ୟଦୀପ ନାଥ, ୧୩ ବର୍ଷରୁ କମ୍ ଖେଳାଳି ଇଶାନ ସଇନି ୭ ରାଉଣ୍ଡ ଶେଷରେ ୬.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି। ଓଡ଼ିଶାର ଖେଳାଳିମାନେ ମଧ୍ୟ ଟାଇଟଲ ଦୌଡରେ ରହିଛନ୍ତି। ସେମାନଙ୍କ ମଧ୍ୟରେ ସୂର୍ଯ୍ୟମିତ୍ର ସେନ୍, ଆଦିତ୍ୟ ପଟ୍ଟନାୟକ, ସ୍ୱସ୍ତିକ ରଞ୍ଜନ ସ୍ୱାଇଁ, ମୁନା ଶବର ୬ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଟପ୍ ଟେନ୍‌ରେ ରହିଛନ୍ତି। ଏହି ପ୍ରତିଯୋଗିତାରେ ଆଉ ୩ ରାଉଣ୍ଡ ଖେଳ ବାକି ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS